


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୦୯ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 09 September 2026

Vol.No. 36 ■ No.237 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


# ବ୍ରିକ୍ସ ପୂର୍ବରୁ ଭାରତ-ରୁଷିଆ ସମ୍ପର୍କକୁ ନୂଆ ଦିଗ: ମୋଦୀ-ପୁଟିନ କରିବେ ଆଲୋଚନା



ନୂଆଦିଲ୍ଲୀ,୮/୯ : ଦିଲ୍ଲୀରେ ହେବାକୁ ଥିବା ବ୍ରିକ୍ସ ଶିଖର ସମ୍ମିଳନୀ ପୂର୍ବରୁ ଭାରତ ଓ ରୁଷିଆ ମଧ୍ୟରେ ହେବ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆସନ୍ତା ୧୧ରେ ଦିଲ୍ଲୀରେ ସାକ୍ଷାତ କରିବେ । ବ୍ରିକ୍ସ ସମ୍ମିଳନୀ ସେପ୍ଟେମ୍ବର ୧୨ ଓ ୧୩ରେ ଆୟୋଜିତ ହେବ । ମୋଦୀ-ପୁଟିନଙ୍କ ଆଲୋଚନାରେ ଦ୍ୱିପାକ୍ଷିକ ସମ୍ପର୍କ ସହ ବ୍ୟବସାୟ ଓ ଆର୍ଥିକ ସହଯୋଗ ଉପରେ ଚର୍ଚ୍ଚା ହେବ। ରୁଷିଆର ଝଙ୍କ-୫୭ ଯୁଦ୍ଧବିମାନ ଭାରତକୁ ବିକ୍ରି ଏବଂ ଏହା ସହ ଟେକ୍ନୋଲୋଜି ଟ୍ରାନ୍ସଫର ମଧ୍ୟ ଆଲୋଚନାରେ ରହିପାରେ । ଭାରତ-ରୁଷିଆ ପରମାଣୁ ଶକ୍ତି ସହଯୋଗ ମଧ୍ୟ ବୈଠକର ଏକ ବଡ଼ ବିଷୟ ହୋଇପାରେ। ରୁଷିଆ ଭାରତରେ ନୂଆ ପରମାଣୁ ବିଦ୍ୟୁତ କେନ୍ଦ୍ର ସ୍ଥାପନ ନେଇ ଆଗକୁ ଆଲୋଚନା ଚାହୁଁଥିବା କ୍ରେମଲିନ୍ ପକ୍ଷରୁ କୁହାଯାଇଛି। ଦୁଇ ଦେଶ ମଧ୍ୟରେ ଦୁର୍ଲଭ ଖଣିଜ ସମ୍ପଦ ଓ ଅନ୍ୟ ଉଦୀୟମାନ କ୍ଷେତ୍ରରେ ସହଯୋଗ ନେଇ ମଧ୍ୟ ଆଲୋଚନା ହେବାର ସମ୍ଭାବନା ରହିଛି । ୟୁକ୍ରେନ ଯୁଦ୍ଧର ଶାନ୍ତିପୂର୍ଣ୍ଣ ସମାଧାନ ମଧ୍ୟ ଆଲୋଚନାରେ ଆସିପାରେ। ଅଗଷ୍ଟ ୩୧ରେ ଝଉଙ୍ଗ ସମ୍ମିଳନୀ ଅବସରରେ ମୋଦୀ ଓ ପୁଟିନଙ୍କ ଶେଷ ବୈଠକରେ ମଧ୍ୟ ଦୁଇ ନେତା ୟୁକ୍ରେନ ଓ ପଶ୍ଚିମ ଏସିଆ ସଂଘର୍ଷ ସମେତ ବିଭିନ୍ନ ଆଞ୍ଚଳିକ ଓ ବିଶ୍ୱ ପ୍ରସଙ୍ଗ ଉପରେ ମତ ବିନିମୟ କରିଥିଲେ। ମୋଦୀ ସେତେବେଳେ ସଂଘର୍ଷର ସମାଧାନ ପାଇଁ ଆଲୋଚନା ଓ କୂଟନୀତିକୁ ଆଗକୁ ନେବା ଉପରେ ଜୋର ଦେଇଥିଲେ ।

# ବଙ୍ଗୋପସାଗରରେ ଲଘୁଚାପ: ଓଡ଼ିଶାରେ ବଢ଼ିବ ବର୍ଷା



ଭୁବନେଶ୍ୱର, ୮/୯ (ନି.ପ୍ର): ଖରାଦିନ ଭଳି ତାତି ଓ ଗୁଳୁଗୁଳି ପରେ ପୁଣି ବଦଳିବ ପାଣିପାଗର ମିଜାଜ । ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ ଘୂର୍ଣ୍ଣିବଳୟ । ଏହା ପରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ରହିଛି ସମ୍ଭାବନା । ସେପ୍ଟେମ୍ବର ୧୧ ତାରିଖ ବେଳକୁ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ସଂଲଗ୍ନ ଉତ୍ତର ଆନ୍ଧ୍ର ଏବଂ ଦକ୍ଷିଣ ଉପକୂଳ ଓଡ଼ିଶା ନିକଟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଏହାର ପ୍ରଭାବରେ ସେପ୍ଟେମ୍ବର ୧୦ରୁ ୧୨ ତାରିଖ ମଧ୍ୟରେ ରାଜ୍ୟରେ ବଢ଼ିପାରେ ବର୍ଷା । କେତେକ ସ୍ଥାନରେ ପ୍ରବଳ ବର୍ଷା ନେଇ ମଧ୍ୟ ରହିଛି ଆଶଙ୍କା । ପ୍ରାୟ ସପ୍ତାହେ ଧରି ଗୁଳୁଗୁଳି ସହ ପ୍ରବଳ ଗରମ ଅନୁଭୂତ ହେଉଥିବା ବେଳେ, ଏବେ ପୁଣି ସକ୍ରିୟ ହେବାକୁ ଯାଉଛି ବଙ୍ଗୋପସାଗର । ସକ୍ରିୟ ରହିଛି ମୌସୁମୀ ନିମ୍ନଚାପ ରେଖା । ସମୁଦ୍ରରୁ ଓଡ଼ିଶା ଆଡ଼କୁ ପ୍ରଚୁର ଜଳୀୟବାଷ୍ପ ଆସୁଥିବାରୁ ବର୍ଷା ପାଇଁ ପାଗ ଅନୁକୂଳ ରହିଛି । ପାଣିପାଗ ମଡେଲ୍ ?ର ଆକଳନ ଅନୁସାରେ, ସେପ୍ଟେମ୍ବର ୯ରୁ ୧୦ ତାରିଖ ମଧ୍ୟରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ । ପରେ ଏହା ୧୦ରୁ ୧୧ ତାରିଖ ବେଳକୁ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି । ଦକ୍ଷିଣ ଉପକୂଳ ଓଡ଼ିଶା ନିକଟରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଅଧିକ ରହିଛି । ଏହି ସିଷ୍ଟମ୍ ଧୀରେ ଧୀରେ ପଶ୍ଚିମରୁ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଓଡ଼ିଶା ଦେଇ ଛତିଶଗଡ଼ ଏବଂ ମଧ୍ୟ ଭାରତ ଆଡ଼କୁ ଯାଇପାରେ । ଏହାର ପ୍ରଭାବରେ ସେପ୍ଟେମ୍ବର ୯ ତାରିଖରୁ ରାଜ୍ୟରେ ବର୍ଷା ବଢ଼ିପାରେ । ପ୍ରଥମେ ଉତ୍ତର ଓ ଉତ୍ତର ଉପକୂଳ ଓଡ଼ିଶାରେ ବର୍ଷାର ପରିମାଣ ବଢ଼ିବ । ପରେ ଲଘୁଚାପ ନିକଟତର ହେବା ସହ ଉପକୂଳ ଓ ମଧ୍ୟ ଓଡ଼ିଶାରେ ମଧ୍ୟ ବର୍ଷା ବଢ଼ିପାରେ । ଏହାପରେ ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାକୁ ମଧ୍ୟ ଲଘୁଚାପ ପ୍ରଭାବିତ କରିପାରେ । ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାବେଳେ, କେତେକ ସ୍ଥାନରେ ୨୪ ଘଣ୍ଟାରେ ୧୦୦ ମିଲିମିଟର ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ । ତେଣୁ ଲଘୁଚାପ ଗତିପଥ ଓ ଏହାର ପ୍ରଭାବ ଉପରେ ନଜର ରଖିଛି ପାଣିପାଗ ବିଭାଗ । କେବଳ ଏତିକି ନୁହେଁ, ସେପ୍ଟେମ୍ବର ୧୭ରୁ ୨୦ ତାରିଖ ମଧ୍ୟରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବା ନେଇ ମଧ୍ୟ ପାଣିପାଗ ବିଶେଷଜ୍ଞମାନେ ଆକଳନ କରୁଛନ୍ତି । ତେଣୁ ଆଗକୁ ଓଡ଼ିଶାରେ ବର୍ଷାର ପ୍ରଭାବ ଜାରି ରହିବା ସମ୍ଭାବନା ରହିଛି ।

## ୯ ଯୁବ ଆଇଏଏସଙ୍କୁ ଉପଜିଲ୍ଲାପାଳ ଦାୟିତ୍ୱ

ଭୁବନେଶ୍ୱର, ୮/୯ (ନି.ପ୍ର): ତାଲିମ ଶେଷ କରିଥିବା ୯ ଜଣ ଯୁବ ଆଇଏଏସ ଅଧିକାରୀଙ୍କୁ ବିଭିନ୍ନ ଉପଖଣ୍ଡର ଉପଜିଲ୍ଲାପାଳ ଭାବେ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ନୂତନ ନିଯୁକ୍ତି ଅନୁଯାୟୀ, ଅନିମେଶ ପ୍ରଧାନଙ୍କୁ ଆଠଗଡ଼ ଉପଜିଲ୍ଲାପାଳ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ପ୍ରଜ୍ଞାନନ୍ଦନ ଗିରି ତାଳଚେର, କସ୍ତୁରୀ ଶାହା ଭବାନୀପାଟଣା ଏବଂ ଫାବି ରସିଦ୍ କୋରାପୁଟର ଉପଜିଲ୍ଲାପାଳ ଭାବେ ନିଯୁକ୍ତ ହୋଇଛନ୍ତି। ଅନ୍ୟ ନିଯୁକ୍ତିଗୁଡ଼ିକ ମଧ୍ୟରେ ମୃଣାଳିକା ରାଠୋଡଙ୍କୁ ରାୟଗଡ଼ା, ଶୁଭ୍ରା ପଣ୍ଡାଙ୍କୁ ଯାଜପୁର, ପଥ୍ୱିନ କୁମାରଙ୍କୁ ଟିଟିଲାଗଡ଼ ଏବଂ ଭଗତ ସାମଲ କଲ୍ୟାଣରାଓଙ୍କୁ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଦାୟିତ୍ୱ ଦିଆଯାଇଛି। ଏହାଛଡ଼ା ସନ୍ତୋଷ କୁମାର ପାତ୍ରଙ୍କୁ ବଣାଇଗଡ଼ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି।

## ଦୁଗ୍ଧ ଚାଷୀଙ୍କୁ ଲିଟର ପିଛା ଅଧିକ ୨ ଟଙ୍କା ଦେବ ଓମଫେଡ୍

ଭୁବନେଶ୍ୱର, ୮/୯ (ନି.ପ୍ର): ଆସନ୍ତା ୧୧ ତାରିଖରୁ ଦୁଗ୍ଧ ଚାଷୀଙ୍କୁ ଲିଟର ପିଛା ଅଧିକ ୨ ଟଙ୍କା ମିଳିବ। ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମଙ୍ଗଳବାର ଏହି ଘୋଷଣା କରିଛନ୍ତି। ଏହାଦ୍ୱାରା ରାଜ୍ୟର ୩ ଲକ୍ଷରୁ ଉର୍ଦ୍ଧ୍ୱ ଦୁଗ୍ଧ ଚାଷୀ ଉପକୃତ ହେବେ। ମଙ୍ଗଳବାର ଦିନ ଭୁବନେଶ୍ୱର ସ୍ଥିତ ଓମ୍ଫେଡ୍ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆସନ୍ତା ୧୧ ସେପ୍ଟେମ୍ବରରୁ ଓମ୍ଫେଡ୍ ପକ୍ଷରୁ ଦୁଗ୍ଧ କ୍ରୟ ମୂଲ୍ୟରେ ଲିଟର ପ୍ରତି ୨ ଟଙ୍କା ବୃଦ୍ଧି ଲାଗୁ ହେବ ବୋଲି ମନ୍ତ୍ରୀ ଘୋଷଣା କରିଥିଲେ। ରାଜ୍ୟର ଦୁଗ୍ଧ ଚାଷୀଙ୍କ ଜୀବିକା, ଆୟ ଓ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଓମ୍ଫେଡ୍ ପକ୍ଷରୁ ଏହି ନିଷ୍ପତି ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି।


# ଦୁବାଇରେ ଓଡ଼ିଶା ପାଇଁ ନିବେଶ ଖୋଜିବେ ସରକାର: ଇନଭେଷ୍ଟର୍ସ ମିଟ୍‌ରେ ଶିଳ୍ପପତିଙ୍କ ସହ ଆଲୋଚନା



ଭୁବନେଶ୍ୱର, ୮/୯ (ନି.ପ୍ର): ଓଡ଼ିଶାର ବିଜନେସ୍ ପାର୍ଟନର ସାଜିବେ ବିଶ୍ୱର ନାମୀଦାମୀ ଶିଳ୍ପପତି । ଏଣିକି ଦେଶରୁ ନୁହେଁ, ବିଦେଶରୁ ଓଡ଼ିଶାକୁ ଆସିବ ପୁଞ୍ଜି। ନିବେଶର ହଟସ୍ପଟ୍ ଦୁବାଇରେ ମେଗା ରୋଡ୍ ଶୋ' କରି ଶିଳ୍ପପତି ଓ ନିବେଶକଙ୍କୁ ଆକୃଷ୍ଟ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିଭିନ୍ନ ନିବେଶକଙ୍କ ସହ ୱାନ୍-ଟୁ-ୱାନ୍ ଆଲୋଚନା ସହ ୩ ଦିନ ଧରି ଚାଲିବ ମେଗା ଇଭେଣ୍ଟ । ଆଜିଠାରୁ ୫ ଦିନିଆ ୟୁଏଇ ଗସ୍ତରେ ଯାଉଛନ୍ତି ମୁଖ୍ୟମନ୍ତ୍ରୀ । ଏହି ଗସ୍ତ ସମୟରେ ଓଡ଼ିଶାକୁ ଅଧିକ ପୁଞ୍ଜି ଆକର୍ଷଣ ପାଇଁ ବିଭିନ୍ନ ନିବେଶକ ଓ ଶିଳ୍ପପତିଙ୍କ ସହ ଆଲୋଚନା କରିବେ । ଏଥିସହ ପ୍ରବାସୀ ଓଡ଼ିଆଙ୍କୁ ସମ୍ବୋଧିତ କରି ରାଜ୍ୟର ବିକାଶମୂଳକ ପଦକ୍ଷେପ ଓ ନିବେଶ ସୁଯୋଗ ସମ୍ପର୍କରେ ଅବଗତ କରାଇବେ । ଆଜି ନୂଆଦିଲ୍ଲୀରୁ ଆବୁଧାବି ଗସ୍ତ କରିବେ ମୁଖ୍ୟମନ୍ତ୍ରୀ । ଆସନ୍ତାକାଲି, ୯ ତାରିଖରେ ବିଶ୍ୱସ୍ତରୀୟ କମ୍ପାନୀର ପ୍ରମୁଖ ନେତୃତ୍ୱ ଓ ଅଧିକାରୀଙ୍କ ସହ ଆଲୋଚନା କରିବେ । ସନ୍ଧ୍ୟାରେ ଦୁବାଇରେ 'ୱାନ୍ ଡିଷ୍ଟ୍ରିକ୍ଟ ୱାନ୍ ପ୍ରଡକ୍ଟ' କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାରେ ଉତ୍ପାଦିତ ବିଭିନ୍ନ ଦ୍ରବ୍ୟର ପ୍ରଦର୍ଶନୀ ଉଦ୍‌ଘାଟନ କରିବେ । ୧୦ ତାରିଖରେ ୟୁଏଇର ଅର୍ଥନୀତି ଓ ପର୍ଯ୍ୟଟନ ମନ୍ତ୍ରୀ ତଥା କାଉନ୍‌ସିଲ୍ ଅଫ୍ ଇଣ୍ଟରନ୍ୟାସନାଲ ଇନ୍‌ଭେଷ୍ଟମେଣ୍ଟସର ଅଧ୍ୟକ୍ଷ ଅବଦୁଲ୍ଲା ବିନ୍ ତକ୍ ଅଲ୍ ମାରିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ କାର୍ଯ୍ୟକ୍ରମ ରହିଛି ।

◆◆ପୃଷ୍ଠା ୭


## ବିଚିତ୍ରପୁର ଜଙ୍ଗଲରେ ୫ ଓରାଙ୍ଗଉଟାନ ଠାବ



ବାଲେଶ୍ୱର , ୮/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ବିଚିତ୍ରପୁର ଜଙ୍ଗଲରେ ଠାବ ହୋଇଛି ଓରାଙ୍ଗଉଟାନ ଜୀବ। ଏକାଥରେ ୫ଟି ବିରଳ ପ୍ରଜାତିର ଜୀବ ଜଙ୍ଗଲରେ ଦେଖାଯିବା ପରେ ସ୍ଥାନୀୟ ଅଞ୍ଚଳରେ ଖେଳିଯାଇଛି ଚାଞ୍ଚଲ୍ୟ। ଖବର ପାଇ ବନବିଭାଗ ଘଟଣା ସ୍ଥଳରେ ପହଞ୍ଚି ଜୀବଗୁଡ଼ିକୁ ଉଦ୍ଧାର କରିବା ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ଉଦୟପୁର ବନପାଳ କାର୍ଯ୍ୟାଳୟରେ ନିଆଯାଇଥିବା ଜଣାପଡ଼ିଛି। କିନ୍ତୁ ପ୍ରଶ୍ନ ଉଠୁଛି ଗ୍ରାମାଞ୍ଚଳର ଏହି ଜଙ୍ଗଲରେ ଏଭଳି ଜୀବ ଆସିଲା କେଉଁଠୁ ? ଏମାନେ ପ୍ରକୃତରେ ଓରାଙ୍ଗଉଟାଙ୍ଗ ନା ଅନ୍ୟ କୌଣସି ପ୍ରଜାତି ?

◆◆ପୃଷ୍ଠା ୭

# ମୋଦୀଙ୍କ ବିରୋଧରେ ମନ୍ତବ୍ୟ: ରାହୁଲଙ୍କ ମାନହାନି ମାମଲା ରଦ୍ଦ ଆବେଦନ ଖାରଜ କଲେ ବମ୍ବେ ହାଇକୋର୍ଟ



ନୂଆଦିଲ୍ଲୀ,୮/୯ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ୨୦୧୮ରେ ଦେଇଥିବା ମନ୍ତବ୍ୟକୁ ନେଇ କଂଗ୍ରେସ ନେତା ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ରୁଜୁ ମାନହାନି ମାମଲା ରଦ୍ଦ କରିବାକୁ ସେ ବମ୍ବେ ହାଇକୋର୍ଟରେ ଆବେଦନ କରିଥିଲେ। ମଙ୍ଗଳବାର ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ବିଚାରପତି ଏନ୍‌ଆର ବୋରକର ଏହି ରାୟ ଦେଇଛନ୍ତି। ତେବେ ରାହୁଲଙ୍କୁ ୬ ସପ୍ତାହ ପାଇଁ ରିହାତି ଦିଆଯାଇଛି। ଏହି ସମୟ ମଧ୍ୟରେ ସେ ସୁପ୍ରିମ୍‌କୋର୍ଟରେ ଆବେଦନ କରିପାରିବେ। ବିଜେପି ନେତା ମହେଶ ଶ୍ରୀଶ୍ରୀମାଲ୍ ମୁମ୍ବାଇର ଗିରଗାଓଁ ମାଜିଷ୍ଟ୍ରେଟ୍ କୋର୍ଟରେ ଏହି ଅଭିଯୋଗ ଦାଏର କରିଥିଲେ। ଅଭିଯୋଗ ଅନୁସାରେ, ୨୦୧୮ ସେପ୍ଟେମ୍ବରରେ ରାଜସ୍ଥାନରେ ଏକ ନିର୍ବାଚନୀ ସଭାରେ ରାହୁଲ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ ମାନହାନିକାରକ ମନ୍ତବ୍ୟ ଦେଇଥିଲେ। ଏହା ପରେ ବିଭିନ୍ନ ନ୍ୟୁଜ୍ ଚ୍ୟାନେଲ୍ ଓ ସୋସିଆଲ୍ ମିଡିଆରେ ମୋଦୀଙ୍କୁ ନେଇ ଟ୍ରୋଲିଂ ହୋଇଥିବା ଅଭିଯୋଗ ହୋଇଥିଲା। ୨୦୧୯ ଅଗଷ୍ଟରେ ମାଜିଷ୍ଟ୍ରେଟ୍ କୋର୍ଟ ରାହୁଲଙ୍କୁ ସମନ୍ ଜାରି କରିଥିଲେ। ସମନ୍ ପାଇବା ପରେ ୨୦୨୧ ଜୁଲାଇରେ ରାହୁଲ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ପୂର୍ବ ଶୁଣାଣି ସମୟରେ ହାଇକୋର୍ଟ ମହାରାଷ୍ଟ୍ରର ଆଡ୍‌ଭୋକେଟ୍ ଜେନେରାଲ୍ ମିଲିନ୍ଦ ସାଠେଙ୍କୁ ଆଇନଗତ ପ୍ରଶ୍ନଗୁଡ଼ିକରେ କୋର୍ଟକୁ ସହାୟତା କରିବାକୁ କହିଥିଲେ। ମଙ୍ଗଳବାର ସାଠେ କହିଥିଲେ ଯେ ମାମଲାରେ ପ୍ରଥମ ଦୃଷ୍ଟିରେ ଅପରାଧର ଉପାଦାନ ରହିଛି। ତେଣୁ ମାମଲାକୁ ରଦ୍ଦ କରିବାରେ ହାଇକୋର୍ଟର କ୍ଷମତା ସୀମିତ। ରାହୁଲଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୁଦୀପ ପାଶୋଲା ଓ ଆଇନଜୀବୀ କୁଶଲ ମୋର ଯୁକ୍ତି ରଖିଥିଲେ। ସେମାନେ ମାମଲାକୁ ଭିତ୍ତିହୀନ, ଉଦ୍ଦେଶ୍ୟମୂଳକ ଓ ରାଜନୈତିକ ପ୍ରେରିତ ବୋଲି କହିଥିଲେ। ଦଳର ଜଣେ ଜଣେ ସଦସ୍ୟଙ୍କୁ ମାନହାନି ମାମଲା କରିବାର ସୁଯୋଗ ଦିଆଗଲେ ଏଭଳି ମାମଲା ବଢ଼ିଯିବ ବୋଲି ସେମାନେ ଯୁକ୍ତି ଦେଇଥିଲେ। ଅନ୍ୟପକ୍ଷରେ ଶ୍ରୀଶ୍ରୀମାଲ୍‌ଙ୍କ ପକ୍ଷରୁ ଆଇନଜୀବୀ ରୋହନ ମହାଡିକ୍ ମାମଲାକୁ ବିରୋଧ କରି କହିଥିଲେ ଯେ ଅଭିଯୋଗକାରୀ ନିଜେ ପ୍ରଭାବିତ ବ୍ୟକ୍ତି ଏବଂ ପ୍ରମାଣ ଦାଖଲ କରିଛନ୍ତି। ବିଚାରପତି ବୋରକର କହିଛନ୍ତି ଯେ ସମନ୍ ଜାରି କରିବା ଆଦେଶରେ ସ୍ପଷ୍ଟ ଆଇନଗତ ତ୍ରୁଟି କିମ୍ବା ଅସଙ୍ଗତି ନାହିଁ। ରାହୁଲଙ୍କ ମନ୍ତବ୍ୟ କେବଳ ପ୍ରଧାନମନ୍ତ୍ରୀଙ୍କୁ ଲକ୍ଷ୍ୟ କରି ଥିଲା କି ତାହାର ପ୍ରଭାବ ବିଜେପିର ସଦସ୍ୟ ଓ ପଦାଧିକାରୀଙ୍କ ଉପରେ ମଧ୍ୟ ପଡ଼ିଥିଲା, ତାହା ପ୍ରମାଣ ଓ ପ୍ରସଙ୍ଗ ବିଚାର କରି ଟ୍ରାଏଲ୍ ସମୟରେ ନିର୍ଣ୍ଣୟ ହେବ। ତେଣୁ ଏହି ପର୍ଯ୍ୟାୟରେ ମାମଲାକୁ ରଦ୍ଦ କରାଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି।

## ଦାରା ସିଂ ମୁକ୍ତି ଆବେଦନ: ଓଡ଼ିଶା ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଚେତାବନୀ- ନିଷ୍ପତ୍ତି ନିଅ ନଚେତ୍ ସଚିବଙ୍କୁ ଡକାଇବୁ



ଭୁବନେଶ୍ୱର, ୮/୯ (ନି.ପ୍ର): ଦାରା ସିଂଙ୍କ ମୁକ୍ତି ଆବେଦନ ପ୍ରସଙ୍ଗରେ ଶିଥିଳତାକୁ ନେଇ ଓଡ଼ିଶା ସରକାରଙ୍କୁ ଆଜି ସୁପ୍ରିମକୋର୍ଟ କଡ଼ା ତାଗିଦ କରିଛନ୍ତି। ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କ ଦୁଇ ନାବାଳକ ପୁଅଙ୍କ ହତ୍ୟା ମାମଲାରେ ଆଜୀବନ ଜେଲ୍ ଦଣ୍ଡ ଭୋଗୁଥିବା ଦାରା ସିଂ ଓରଫ୍ ରବୀନ୍ଦ୍ର କୁମାର ପାଲଙ୍କ ଆଗୁଆ ମୁକ୍ତି ଉପରେ ରାଜ୍ୟର 'ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ' ତୁରନ୍ତ ଫଇସଲା ନକଲେ, ସମ୍ପୃକ୍ତ ସଚିବ ବା ଦାୟିତ୍ୱରେ ଥିବା ବରିଷ୍ଠ ଅଫିସରଙ୍କୁ କୋର୍ଟକୁ ତଲବ କରାଯିବ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ଦୁଇ ବର୍ଷ ଧରି ଏହି ପ୍ରସଙ୍ଗରେ କୌଣସି ଫଇସଲା ନକରି ମାମଲାକୁ ଝୁଲାଇ ରଖାଯାଇଥିବାରୁ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ମନୋଜ ମିଶ୍ର ଓ ଜଷ୍ଟିସ ବିଜୟ ବିଷ୍ଣୋଇଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ଆବେଦନର ଶୁଣାଣି ଚାଲିଥିବାବେଳେ ରାଜ୍ୟ ସରକାରଙ୍କ ଆଡଭୋକେଟ୍-ଅନ୍-ରେକର୍ଡ ଅସୁସ୍ଥ ଥିବା ଦର୍ଶାଇ ସରକାରୀ ଓକିଲ ସମୟ ଲୋଡ଼ିଥିଲେ। ଏହା ଉପରେ କ୍ଷୁବ୍ଧ ହୋଇ ଜଷ୍ଟିସ ମିଶ୍ର କହିଥିଲେ ଯେ ରାଜ୍ୟର ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ (ଦଣ୍ଡ ସମୀକ୍ଷା ବୋର୍ଡ)କୁ ନିଷ୍ପତ୍ତି ନେବା ପାଇଁ ପୂର୍ବରୁ ବହୁଥର ସମୟ ଦିଆଯାଇସାରିଛି। ଗତ ଅଗଷ୍ଟ ୧୯ ତାରିଖରେ ମଧ୍ୟ କୋର୍ଟ ସ୍ପଷ୍ଟ ଭାବେ ବୋର୍ଡକୁ ନିଷ୍ପତ୍ତି ନେଇ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବାରମ୍ବାର ଶୁଣାଣି ସ୍ଥଗିତ ରଖିବା ଛଡ଼ା କୌଣସି ଅଗ୍ରଗତି ହେଉନାହିଁ।

◆◆ପୃଷ୍ଠା ୭

# କାଳିମେଳାରେ ସଡ଼କ ସୁରକ୍ଷା ସଚେତନତା ରାଲି ଓ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି ,୮/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା କାଳିମେଳା ଠାରେ ରବିବାର ଦିନ ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କାଳିମେଳା ବସଷ୍ଟାଣ୍ଡ ଠାରୁ ଆରଏମସି ଠାରେ ଆୟୋଜିତ ସଭା ସ୍ଥାନ ପର୍ଯ୍ୟନ୍ତ ଏକ ସଚେତନତା ରାଲି ଆୟୋଜନ କରାଯାଇଥିଲା । ଏହି ରାଲିରେ ଆରଟିଓ ବିଭାଗର ଅଧିକାରୀମାନେ ଏବଂ ପ୍ରାୟ ୩୦୦ ରୁ ଉର୍ଦ୍ଧ୍ୱ ଡ୍ରାଇଭର ଓ ସାଧାରଣ ଜନତା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଟ୍ରାଫିକ ନିୟମ ଓ ମୋଟର ଯାନ ଆଇନର ନିୟମାବଳୀ ବିଷୟରେ ଆଲୋଚନା କରାଯାଇଥିଲା । ଗାଡି ଚାଳନା ସମୟରେ ହେଲମେଟ ବ୍ୟବହାର, ନିଶାଦ୍ରବ୍ୟ ଓ ମଦ୍ୟପାନ କରି ଗାଡି ନ ଚଲାଇବା, ନୋ ପାର୍କିଂ ଜୋନରେ ଗାଡି ନ ରଖିବା, ଆରସି, ଡ୍ରାଇଭିଂ ଲାଇସେନ୍ସ, ଇନସୁରାନ୍ସ ଭଳି ଆବଶ୍ୟକ କାଗଜପତ୍ର ରଖିବା ବିଷୟରେ ସଚେତନ କରାଯାଇଥିଲା । ଏହା ସହିତ ପିଏମ ରାହତ ଯୋଜନା ଏବଂ ଦୁର୍ଘଟଣା ସହାୟତା ସମ୍ବନ୍ଧୀୟ ଅନ୍ୟାନ୍ୟ ଯୋଜନା ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା । ଦୁର୍ଘଟଣା ସମୟରେ ସହାୟତା ପାଇଁ ୱାଟସଆପ୍ ଚାଟବଟ୍ ନମ୍ବର ପ୍ରଦାନ କରାଯାଇ ଏହାର ବ୍ୟବହାର ବିଧି ବିଷୟରେ ବୁଝାଯାଇଥିଲା । ଏହି କାର୍ଯ୍ୟକ୍ରମ କାଳିମେଳା ପୋଲିସ ଓ ଜୟ ମା ଦୁର୍ଗା ଅଟୋ ସଂଘ, କାଳିମେଳା ମିଳିତ ଭାବେ ଆୟୋଜନ କରିଥିଲେ । ଏଥିରେ ଆରଟିଓ ବିଭାଗର ଏସଆଇ ମହେନ୍ଦ୍ର ଖିଲାର,କାଳିମେଳା ଥାନା ଅଧିକାରୀ ପ୍ରଭୁ ଦତ୍ତ ବିଶ୍ୱାଳ, କାଳିମେଳା ଅଟୋ ସଂଘର ସଭାପତି ଗଙ୍ଗା ମାର୍ଢ଼ି, ଉପସଭାପତି ଅଖିଳ ବିଶ୍ୱାସ,ସମ୍ପାଦକ ପ୍ରଭାସ ବଳ,ସହ ସମ୍ପାଦକ ଏମ୍ ଡି ଉସ୍ମାନ ପ୍ରମୁଖ ଯୋଗ ଦେଇଥିଲେ ।

# ଭୁର୍କାମୁଣ୍ଡା ଯାଏଁ ମୁଖ୍ୟମନ୍ତ୍ରୀ ବସ୍ ସେବା ସମ୍ପ୍ରସାରଣ ଦାବି

ଝାରସୁଗୁଡା,୮/୦୯ (ନି.ପ୍ର): ଝାରସୁଗୁଡା ସଦର ବ୍ଲକ ଅନ୍ତର୍ଗତ କାତିକେଲା ଗ୍ରାମବାସୀ ଓ ସ୍କୁଲ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ବସ୍ ସେବାକୁ ଭୁର୍କାମୁଣ୍ଡା ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ଦାବିରେ ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଚଳିତ ବର୍ଷ କାତିକେଲା ଗ୍ରାମରେ ହାଇସ୍କୁଲ ଆରମ୍ଭ ହୋଇଛି। ଏହି ବିଦ୍ୟାଳୟରେ ନିକଟସ୍ଥ ଭୁର୍କାମୁଣ୍ଡା, ଦବକା ଆଦି ଗ୍ରାମର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ତେବେ ଯାତାୟାତ ସୁବିଧା ନଥିବାରୁ ଛାତ୍ରଛାତ୍ରୀମାନେ ସ୍କୁଲ ଯିବାଆସିବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାତାୟାତ ସମସ୍ୟା ଯୋଗୁଁ କେତେକ ଅଭିଭାବକ ବିଦ୍ୟାଳୟରୁ ପିଲାଙ୍କ ଟିସି ନେଇ ଅନ୍ୟତ୍ର ପାଠ ପଢ଼ାଉଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀ ପୂର୍ବରୁ କୋଲାବିରା ଜନଶୁଣାଣି ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଧ୍ୟ ଅଭିଯୋଗ କରିଥିଲେ।

ବର୍ତ୍ତମାନ ଅପରାହ୍ନ ୩ଟା ୩୦ରେ କାତିକେଲା ପର୍ଯ୍ୟନ୍ତ ଚଳାଚଳ କରୁଥିବା ମୁଖ୍ୟମନ୍ତ୍ରୀ ବସ୍ ସେବାକୁ ଭୁର୍କାମୁଣ୍ଡା ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଗଲେ ଛାତ୍ରଛାତ୍ରୀଙ୍କ ଯାତାୟାତ ସମସ୍ୟାର ସମାଧାନ ହେବା ସହ ଅଂଚଳବାସୀ ମଧ୍ୟ ଉପକୃତ ହେବେ ବୋଲି ଗ୍ରାମବାସୀ ଦାବିପତ୍ରରେ ଦର୍ଶାଇଛନ୍ତି।

# ବିଶ୍ୱାମ୍ବ ବିଦ୍ୟା ମନ୍ଦିରରେ ରକ୍ତଦାନ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବଲାଙ୍ଗିର,୮/୦୯ (ନି.ପ୍ର): ପୂଜ୍ୟପାଦ ସଦଗୁରୁଦେବ ପରମହଂସ ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଜୀ ମହାରାଜଙ୍କ ୭୧ତମ ଜନ୍ମଦିବସ ଅବସରରେ ବିଶ୍ୱାମ୍ବ ଚେତନା ପରିଷଦର ତତ୍ତ୍ୱାବଧାନରେ ଆଜି ଖୁଜେନପାଲିସ୍ଥିତ ବିଶ୍ୱାମ୍ବ ବିଦ୍ୟାମନ୍ଦିର ପରିସରରେ ଏକ ରକ୍ତଦାନ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା।

ଶିବିରକୁ ବଲାଙ୍ଗୀରର ସମ୍ମାନନୀୟ ଏଡିଏମ୍ ଶ୍ରୀ ପବିତ୍ର କୁମାର ବେହେରା, ପୌରପାଳିକା ନିର୍ବାହୀ ଅଧିକାରୀ ଶ୍ରୀ ସନ୍ତୋଷ ବେହେରା ଏବଂ ବରିଷ୍ଠ ଚିକିତ୍ସକ ଡା. କେ.ସି. ମହାନ୍ତ ଉପସ୍ଥିତ ରହି ଉଦ୍ଘାଟନ କରିଥିଲେ। ଏହି ଅବସରରେ ପୂଜ୍ୟ ଗୁରୁଦେବ ନିଜର ଦିବ୍ୟ ଆଶୀର୍ବଚନ ପ୍ରଦାନ କରି ରକ୍ତଦାନର ମହତ୍ତ୍ୱ ଏବଂ ଭାରତୀୟ ଶାସ୍ତ୍ରରେ ବର୍ଣ୍ଣିତ 'ଦାନ'ର ଚିରନ୍ତନ ମହିମା ଉପରେ ଆଲୋକପାତ କରିଥିଲେ। ମାନବ ସେବାକୁ ଏକ ମହାନ ଆଧ୍ୟାତ୍ମିକ ସାଧନା ଭାବେ ଗ୍ରହଣ କରି ଏଭଳି ମହତ୍ କାର୍ଯ୍ୟରେ ସମସ୍ତଙ୍କୁ ସାମିଲ ହେବା ପାଇଁ ସେ ପ୍ରେରଣା ଦେଇଥିଲେ। ଶିବିରରେ ମୋଟ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବିଶ୍ୱାମ୍ବ ଚେତନା ପରିଷଦର ସଦସ୍ୟ, ବିଶ୍ୱାମ୍ବ ବିଦ୍ୟା ମନ୍ଦିରର ପୂର୍ବତନ ଛାତ୍ରଛାତ୍ରୀ, ପ୍ରଜ୍ଞାଶକ୍ତି ମଣ୍ଡଳର ସଦସ୍ୟ ଏବଂ ବହୁ ସ୍ୱେଚ୍ଛାସେବୀ ଉତ୍ସାହର ସହ ରକ୍ତଦାନ କରି ମାନବସେବା ପ୍ରତି ନିଜର ପ୍ରତିବଦ୍ଧତା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱାମ୍ବ ଚେତନା ପରିଷଦର ସାଧାରଣ ସମ୍ପାଦକ ସାଧାରଣ ସମ୍ପାଦକ ପୂଜ୍ୟ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀଜୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପୂଜ୍ୟ ସ୍ୱାମୀ ସତ୍ୟପ୍ରେମାନନ୍ଦ ସରସ୍ୱତୀଜୀ (କୋଷାଧ୍ୟକ୍ଷ) ତଥା ଡା. ପ୍ରକାଶ କୁମାର ଦାଶ ଓ ଡା. ଅଶୋକ କୁମାର ମିଶ୍ର ମଧ୍ୟ ଉପସ୍ଥିତ ଥିଲେ।

ବିଶ୍ୱାମ୍ବ ବିଦ୍ୟାମନ୍ଦିରର ପ୍ରାଚାର୍ଯ୍ୟ ଡା. ସୁଶାନ୍ତ କୁମାର ପ୍ରଧାନ ଏବଂ ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ତ୍ରିପାଠୀଙ୍କ ଦ୍ୱାରା ସମଗ୍ର କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ଶେଷରେ ସଂଯୋଜକ ଶ୍ରୀ ସମ୍ବିତ କୁମାର ଧନ୍ୟବାଦ ଅର୍ପଣ କରି ରକ୍ତଦାତା, ଅତିଥି, ଚିକିତ୍ସକ, ସ୍ୱେଚ୍ଛାସେବୀ ଓ ସମସ୍ତ ସହଯୋଗୀଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ। ରକ୍ତଦାତାମାନଙ୍କ ନିଃସ୍ୱାର୍ଥ ସେବା ଓ ମାନବିକ ଅବଦାନକୁ ସମ୍ମାନ ଜଣାଇ ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ବିଜେଡି ଏସସି ସେଲ୍ ଅଧ୍ୟକ୍ଷ ମହେଶ ସାହୁଙ୍କୁ ସମ୍ବର୍ଦ୍ଧନା

## ଦଳିତ, ନିଷ୍ପେସିତ ଓ ଅବହେଳିତ ଲୋକଙ୍କ ଉନ୍ନତି ମୂଳ ଲକ୍ଷ୍ୟ: ମହେଶ ସାହୁ

ଭୁବନ,୮/୦୯ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ବିଷ୍ଣୁପ୍ରିୟା ଗାଲାକ୍ସି କନଫରେନ୍ସ ହଲରେ ରାଜ୍ୟ ବିଜୁ ଜନତା ଦଳର ନବନିଯୁକ୍ତ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସଭାପତି ତଥା ଢେଙ୍କାନାଳର ପୂର୍ବତନ ସାଂସଦ ଶ୍ରୀ ମହେଶ ସାହୁ ଙ୍କୁ ବିଜୁ ଜନତା ଦଳ, ଭୁବନ ପକ୍ଷରୁ ଜୋରଦାର ସ୍ୱାଗତ ଓ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନ ନଗର ବିଜେଡି ସଭାପତି ତଥା ନଗରପାଳ ଶୁଭେନ୍ଦୁ କୁମାର ସାହୁ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ,ବିଜେଡି ର ସାଙ୍ଗଠନିକ ଶକ୍ତି ବୃଦ୍ଧି ଲକ୍ଷ୍ୟରେ ପୂର୍ବତନ ସାଂସଦ ଶ୍ରୀ ମହେଶ ସାହୁ ଙ୍କ ଭଳି ଜଣେ ପୁରୁଖା, ଅଭିଜ୍ଞ ଓ ବରିଷ୍ଠ ନେତାଙ୍କୁ ଏଭଳି ଗୁରୁଦାୟିତ୍ୱ ପ୍ରଦାନ କରିଥିବାରୁ ବିଜୁ ଜନତା ଦଳର ସୁପ୍ରିମୋ ଶ୍ରୀ ନବୀନ ପଟ୍ଟନାୟକ ଙ୍କୁ ବିଜୁ ଜନତା ଦଳ, ଭୁବନ ପକ୍ଷରୁ ଅଶେଷ ଅଶେଷ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ । ସମ୍ବର୍ଦ୍ଧନା ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ସାଂସଦ ଶ୍ରୀ ମହେଶ ସାହୁ କହିଥିଲେ ଯେ, ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଦଳୀୟ କର୍ମକର୍ତ୍ତାଙ୍କୁ ସାଥିରେ ନେଇ ଏସ ସି ସେଲ୍ ର ସଂଗଠନକୁ ଅଧିକ ସୁଦୃଢ଼ କରାଯିବ । ଦଳିତ,ନିଷ୍ପେସିତ ଓ ଅବହେଳିତ ଲୋକଙ୍କ ଉନ୍ନତି ସହିତ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ମୂଳଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ। ନୂତନ ଦାୟିତ୍ୱରେ ଥିବା ସମସ୍ତ ପଦବୀଧାରି ମାନେ ନିଷ୍ଠା,ସମର୍ପଣ ଓ ଦୃଢ଼ତାର ସହ ସଶକ୍ତ ଓ ସଂଗଠିତ କରି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ଶ୍ରୀ ମହେଶ ସାହୁଙ୍କ ଦୃଢ଼ ନେତୃତ୍ୱରେ ଅନୁସୂଚିତ ଜାତି ଓ ଜନଜାତି ସମାଜର ସ୍ୱାର୍ଥ ଓ ଅଧିକାର ପାଇଁ ବିଜୁ ଜନତା ଦଳ ଆହୁରି ସଶକ୍ତ ହେବ ବୋଲି ମତବ୍ୟକ୍ତ କରିଥିଲେ। ଭୁବନ ନଗର ସଭାନେତ୍ରୀ ତଥା ଉପାଧ୍ୟକ୍ଷା ମାନିନୀ ସାହୁ , ମହେଶଙ୍କ ନେତୃତ୍ୱରେ ଅନୁଗୁଳ, ଢେଙ୍କାନାଳ ଜିଲ୍ଲାରେ ସଂଗଠନ ସୁଦୃଢ଼ ହେବ ବୋଲି କହିଥିଲେ । ଏହି ଅବସରରେ ଭୁବନ ଏନ୍.ଏ.ସି. ଓ ବ୍ଲକ୍ର ନୂତନ ଭାବେ ନିଯୁକ୍ତ ହୋଇଥିବା ସମସ୍ତ ନୂତନ କର୍ମକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ସୁଧାକର ସାହୁ,ଅଜୟ ସେଠୀ, ଅଭିମନ୍ୟୁ ମିଶ୍ର ପ୍ରମୁଖ ଉଦବୋଧନ ଦେଇଥିଲେ । ଏହି ଅବସରରେ ବିଜେପି ର ଜଣେ ଦୃଢ଼ ସଂଗଠକ ଦିପନ ପୃଷ୍ଟି ବିଜେଡିରେ ସାମିଲ ହୋଇଥିଲେ।

# ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ ଅବସରରେ କେଏମସି ପକ୍ଷରୁ ସାଇକ୍ଲୋଥନ୍ ଆୟୋଜିତ

ଭୁବନେଶ୍ୱର,୮/୦୯ (ନି.ପ୍ର): ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ ଅବସରରେ ସ୍ୱଚ୍ଛ ବାୟୁ ଏବଂ ସ୍ଥାୟୀ ଯାତାୟାତ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କଟକ ଆଂଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସହଯୋଗରେ କଟକ ମହାନଗର ନିଗମ (କେଏମସି) ପକ୍ଷରୁ ଏକ ସାଇକ୍ଲୋଥନ୍ ଆୟୋଜନ କରାଯାଇଥିଲା।

ଏହି ସାଇକ୍ଲୋଥନ୍‌କୁ କଟକ ମହାନଗର ନିଗମର ମାନ୍ୟବର ମେୟର ଶ୍ରୀ ସୁବାସ ସିଂହ ଉଦ୍‌ଘାଟନ କରିଥିଲେ।

# ପିଜିଟି ଶିକ୍ଷକଙ୍କ ଦିଗଦର୍ଶନ କର୍ମଶାଳାର ଆୟୋଜନ, ପ୍ରଶିକ୍ଷଣ ନେବେ ଇତିହାସର ୧୨୦ ଜଣ ପିଜିଟି

ଭୁବନେଶ୍ୱର, ୭ ସେପ୍ଟେମ୍ବର (ହି.ସ) ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଦିଗଦର୍ଶନ କର୍ମଶାଳାର ଆୟୋଜନ କରାଯାଇଛି । ଶିରିପୁରସ୍ଥିତି ଇମେଜ୍ ଠାରେ ଇତିହାସର ୧୨୦ ଜଣ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ଦିଗଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଉଦଘାଟନୀ ଅଧିବେଶନରେ ୟୁନିସେଫ୍ ର ଫିଲ୍ଡ ଅଫିସ୍ ଚିଫ୍ ଶ୍ରୀ ପ୍ରଶାନ୍ତ କୁମାର ଦାସ, ୟୁନିସେଫ୍ ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସସ୍ମିତା ମାଳି, ଉପନିର୍ଦ୍ଦେଶକ ଶ୍ରୀମତୀ ସି.ଏଚ୍. ବିଜୟଲକ୍ଷ୍ମୀ, ଉପନିର୍ଦ୍ଦେଶକ ଶ୍ରୀ ଜିତେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ଅବସରରେ ୟୁନିସେଫ୍ ର ଫିଲ୍ଡ ଅଫିସ୍ ଚିଫ୍ ଶ୍ରୀ ଦାସ କର୍ମଶାଳାରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଉପଦେଶ ଦେଇଥିଲେ । ଉଚ୍ଚ ମାଧ୍ୟମିକ ଛାତ୍ରଛାତ୍ରୀଙ୍କୁ ଅପରାଧଠାରୁ ଦୂରେଇ ରଖିବା ପାଇଁ ସେମାନଙ୍କୁ ଉଚିତ୍ ମାର୍ଗଦର୍ଶନ ଦେବା ଶିକ୍ଷକମାନଙ୍କ କର୍ତ୍ତବ୍ୟ ବୋଲି ଶ୍ରୀ ଦାସ କହିଛନ୍ତି । ୟୁନିସେଫ୍ ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ ଉଦବୋଧନ ଦେଇ ପିଜିଟି ଶିକ୍ଷକଶିକ୍ଷୟିତ୍ରୀ ମାନଙ୍କୁ କର୍ମଶାଳାରୁ ଜ୍ଞାନ ଆହରଣ କରି ଛାତ୍ରଛାତ୍ରୀଙ୍କ ବିକାଶରେ ବ୍ୟବହାର କରିବାକୁ ଉପଦେଶ ଦେଇଛନ୍ତି । ସେ କହିଛନ୍ତି, ଦିଗଦର୍ଶନ କର୍ମଶାଳା ମାଧ୍ୟମରେ ଶିକ୍ଷକମାନେ ଯାହା ଶିଖିକି ଯାଇଥାନ୍ତି, ତାହା ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ କରିବାରେ ସହାୟକ ହୋଇଥାଏ । ପାଠ ପଢାଇବା ପୂର୍ବରୁ ଛାତ୍ରଛାତ୍ରୀଙ୍କ ରଚିକୁ ପ୍ରାଧାନ୍ୟ ଦେବାକୁ ସେ ଗୁରୁତ୍ୱାରୋପ କରିଛନ୍ତି । ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ମାଳି ସ୍ୱାଗତ ଅଭିଭାଷଣ ରଖି କର୍ମଶାଳାର ବିସ୍ତୃତି ବିବରଣୀ ପ୍ରଦାନ କରିଥିଲେ । ଉପନିର୍ଦ୍ଦେଶକ ଶ୍ରୀମତୀ ବିଜୟଲକ୍ଷ୍ମୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପନିର୍ଦ୍ଦେଶକ ଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ସୂଚନାଯୋଗ୍ୟ, ପିଜିଟି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ଆୟୋଜିତ ଦିଗଦର୍ଶନ କର୍ମଶାଳା ଦୁଇଟି ପର୍ଯ୍ୟାୟରେ ଆୟୋଜନ କରାଯିବ । ପ୍ରଥମ ପର୍ଯ୍ୟାୟ ସେପ୍ଟେମ୍ବର ୭ ରୁ ସେପ୍ଟେମ୍ବର ୧୧ ତାରିଖ ଯାଏଁ ଅନୁଷ୍ଠିତ ହେଉଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ କର୍ମଶାଳା ସେପ୍ଟେମ୍ବର ୨୧ ରୁ ସେପ୍ଟେମ୍ବର ୨୫ ତାରିଖ ଯାଏଁ ଅନୁଷ୍ଠିତ ହେବ । ପ୍ରଥମ ପର୍ଯ୍ୟାୟରେ ଇତିହାସର ୧୨୦ ଜଣ ପିଜିଟି ଯୋଗ ଦେଇଛନ୍ତି । ଏହି କର୍ମଶାଳାରେ ଜାତୀୟ ଶିକ୍ଷା ନୀତି ୨୦୨୦ ର ବିଭିନ୍ନ ଦିଗ, ଲିଙ୍ଗଗତ ସମାନତା ଶିକ୍ଷା, ଆଇସିଟିର ବ୍ୟବହାର, ଓଡିଶା ଏଜୁକେସନ୍ ରୁଲ୍, ସାମ୍ସ ଓ ଶିକ୍ଷାଜ୍ୟୋତି ପୋର୍ଟାଲର ବ୍ୟବହାର, ପୋଶ୍ ଆକ୍ଟ, ଛାତ୍ରବୃତ୍ତି, ପ୍ରଶାସନିକ ଭୂମିକା, ପରୀକ୍ଷା ଏବଂ ମୂଲ୍ୟାଙ୍କନ ଯୋଜନା, କ୍ୟାରିଅର ମାର୍ଗଦର୍ଶନ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ ।

# ଢେଙ୍କାନାଳ ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ଶପଥ ପାଠ

ଭୁବନ,୮/୦୯ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଓଡାପଡା ପଂଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବାଲ୍ୟ ବିବାହ ମୁକ୍ତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଯୁବ କେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଅଧ୍ୟକ୍ଷତା କରି କହିଥିଲେ ଯେ,ଭାରତ ବର୍ଷରେ ବାଲ୍ୟ ବିବାହ ମୁକ୍ତ ' ଜଷ୍ଟ ରାଇଟ୍ସ ଫର ଚିଲଡ୍ରେନ୍' ପାଇଁ ଉଠିଥିବା ସ୍ୱର ଆଜି ବିଶ୍ୱସ୍ତରୀୟ ସଂକଳ୍ପରେ ପରିଣତ ହୋଇଛି । ନଭେମ୍ବର ୨୭ କୁ ବାଲ୍ୟ ବିବାହ ମୁକ୍ତ ଦିବସ ଭାବେ ପାଳନ କରିବାକୁ ଜାତିସଂଘ ଘୋଷଣା କରିଛି । ଢେଙ୍କାନାଳ ଜିଲ୍ଲାର ତୃଣମୂଳ ସ୍ତରରେ ବିଶ୍ୱ ଯୁବ କେନ୍ଦ୍ର ଏଥିପାଇଁ କାର୍ଯ୍ୟ କରୁଛି । କେବଳ ଆଇନ ଦ୍ୱାରା ବାଲ୍ୟ ବିବାହ କୁ ରୋକାଯାଇ ପାରିବ ନାହିଁ। ଏଥିପାଇଁ ସ୍କୁଲ,କଲେଜ ଓ ଗାଁ ଗାଁ ରେ ବ୍ୟାପକ ସଚେତନତା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ାପଡ଼ା ପଂଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ସସ୍ମିତା ମହାନ୍ତି, ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ,ବିଡ଼ିଓ ଦିଲ୍ଲୀପ କୁମାର ଷଡ଼ଙ୍ଗୀ,ଏବିଓ ପୋଲୋସ୍ତ୍ୟ ସାହୁ,ଏ ଏଲ ଓ ଭବାନୀ ଶଙ୍କର, ଏସ ଆଇ ପ୍ରଶାନ୍ତ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ,ଶିଶୁ ସହାୟକ ରୋଶନ କୁମାର ନନ୍ଦ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନିବେଦିତା ତ୍ରିପାଠୀ, ବିଶ୍ୱ ଯୁବ କେନ୍ଦ୍ର କାଉନସେଲର ମନସ୍ମିତା ନାୟକ,ସୁମିତ୍ରା ସ୍ୱାଇଁ,କୁମୁଦିନୀ ସ୍ୱାଇଁ, ବିଦୁଲତା ଭଞ୍ଜଙ୍କ ସମେତ ସରପଂଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ,ଅଙ୍ଗନୱାଡି କର୍ମୀ,ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ମାନେ ଯୋଗ ଦେଇ ଅଧାରୁ ପାଠ ଛାଡୁଥିବା ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟାଳୟକୁ ଆଣିବା,ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନା ସହିତ କିଶୋରୀ ବାଳିକା ମାନଙ୍କୁ ସାଇବର୍ ସୁରକ୍ଷା ସମ୍ପର୍କରେ ସଚେତନତା ଆବଶ୍ୟକ ବୋଲି କହିଥିଲେ । ଢେଙ୍କାନାଳ ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ ଜିଲ୍ଲା କରିବା ପାଇଁ ଶପଥ ପାଠ କରାଯାଇଥିଲା ।

# ପାରଳାଖେମୁଣ୍ଡି ଉପ-ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ: ପରିବାର ପକ୍ଷରୁ ସନ୍ଦେହ ପ୍ରକାଶ

ଭୁବନେଶ୍ୱର,୮/୦୯ (ନି.ପ୍ର): ଓଡ଼ିଶାର ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଉପ-ଜେଲରେ ଶନିବାର ରାତିରେ ହଠାତ୍ ଅସୁସ୍ଥ ହେବା ପରେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଜିରାଙ୍ଗ ଅଂଚଳର ୩୧ ବର୍ଷୀୟ ରୁନା ବଡରଇତ।

ସୂଚନା ଅନୁଯାୟୀ, ଜେଲରେ ଥିବା ସମୟରେ ରୁନା ଅସୁସ୍ଥ ଅନୁଭବ କରୁଥିବା ନେଇ ଅଭିଯୋଗ କରିଥିଲେ। ଏହାପରେ ଜେଲ କର୍ତ୍ତୃପକ୍ଷ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରୁନାଙ୍କୁ ଏକ ପୋକ୍ସୋ ମାମଲାରେ ଗିରଫ କରାଯାଇଥିଲା। ଗତ ଅଗଷ୍ଟ ୧୦ ତାରିଖରୁ ତାଙ୍କୁ ପାରଳାଖେମୁଣ୍ଡି ଉପ-ଜେଲରେ ବିଚାରାଧୀନ କଏଦୀ ଭାବେ ରଖାଯାଇଥିଲା। ରୁନାଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ସଦସ୍ୟମାନେ ମୃତ୍ୟୁର ପରିସ୍ଥିତିକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ମୃତକଙ୍କ ପତ୍ନୀ ଜୟମଣି ବଡରଇତ କହିଛନ୍ତି ଯେ, ପ୍ରାୟ ଏକ ମାସ ପୂର୍ବରୁ ପରିବାର ଲୋକେ ଜେଲରେ ତାଙ୍କୁ ଭେଟିଥିବା ବେଳେ ସେ ସୁସ୍ଥ ଥିଲେ। ଶନିବାର ସନ୍ଧ୍ୟାରେ ମଧ୍ୟ ପରିବାର ଲୋକଙ୍କ ସହ ତାଙ୍କର କଥାବାର୍ତ୍ତା ହୋଇଥିଲା। ଜୟମଣି କହିଛନ୍ତି, "ମୋ ସ୍ୱାମୀ ଠିକ୍ ଥିଲେ। ପ୍ରାୟ ଏକ ମାସ ପୂର୍ବରୁ ଆମେ ତାଙ୍କୁ ଭେଟିବା ବେଳେ ତାଙ୍କ ସହ କଥା ହୋଇଥିଲା। ଗତକାଲି ସନ୍ଧ୍ୟାରେ ମଧ୍ୟ ତାଙ୍କ ସହ କଥା ହୋଇଥିଲା। କେହି ତାଙ୍କୁ ହତ୍ୟା କରିଛନ୍ତି କି ନାହିଁ, ମୁଁ ଜାଣିନାହିଁ। କିନ୍ତୁ ମୋ ସ୍ୱାମୀ ଠିକ୍ ଥିଲେ ଏବଂ ପରିବାରରେ ତାଙ୍କ ବ୍ୟତୀତ ମୋର ଆଉ କେହି ନାହାନ୍ତି।" ପାରଳାଖେମୁଣ୍ଡି ଥାନା ଅଧିକାରୀ କହିଛନ୍ତି ଯେ, ରବିବାର ସକାଳେ ପାରଳାଖେମୁଣ୍ଡି ଉପ-ଜେଲରୁ ପୋଲିସକୁ କଏଦୀଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ମିଳିଥିଲା। ପୋକ୍ସୋ ମାମଲାରେ ଗତ ମାସ ୧୦ ତାରିଖରୁ ଜେଲରେ ଥିବା ଏହି ବିଚାରାଧୀନ କଏଦୀ ଶନିବାର ରାତିରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନିଆଯାଇଥିଲା, କିନ୍ତୁ ସେଠାରେ ପହଂଚିବା ବେଳକୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଥାନା ଅଧିକାରୀ କହିଛନ୍ତି ଯେ, ଏହି ଘଟଣାରେ ଏକ ମାମଲା ରୁଜୁ କରାଯାଇଛି। ଜାତୀୟ ମାନବାଧିକାର ଆୟୋଗ ର ନିର୍ଦ୍ଦେଶାବଳୀ ଅନୁଯାୟୀ ଆଗାମୀ ସମସ୍ତ ଆଇନଗତ ପ୍ରକ୍ରିୟା ସମ୍ପନ୍ନ କରାଯିବ।

ରୁନାଙ୍କ ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପରିବାର ପକ୍ଷରୁ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ କରାଯାଇଥିବାରୁ ପୋଲିସ ଘଟଣାର ତଦନ୍ତ କରୁଛି। ତଦନ୍ତ ଓ ନିର୍ଦ୍ଧାରିତ ଆଇନଗତ ପ୍ରକ୍ରିୟା ପରେ ହିଁ ମୃତ୍ୟୁର କାରଣ ଓ ପରିସ୍ଥିତି ସ୍ପଷ୍ଟ ହୋଇପାରିବ।

# ମା' ମହୁରୀ କାଳୁଆ ପୀଠରେ କୁକୁଡ଼ାଖଣ୍ଡି ବ୍ଲକ କଂଗ୍ରେସ ବିଏଲଏ-୨ ପକ୍ଷରୁ ସମ୍ବର୍ଦ୍ଧନା ସଭା

ଗଞ୍ଜାମ,୮/୦୯ (ନି.ପ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ସାଙ୍ଗଠନିକ ମୂଳଦୁଆ ଆହୁରି ସୁଦୃଢ଼। ମୋଟ ବୁଥ୍ ର ୮୦ ପ୍ରତିଶତରୁ ଅଧିକ କଭର କରି୨୦୦ରୁ ଉର୍ଦ୍ଧ୍ୱ ବିଏଲଏ-୨ଙ୍କୁ ସଫଳତାର ସହ ନିଯୁକ୍ତି ଓ ପ୍ରଶିକ୍ଷଣ ଦିଆଯିବା ପରେ, ଏହି ସଫଳତାକୁ ଉତ୍ସବ ଭାବେ ପାଳନ କରିବା ଉଦ୍ଦେଶ୍ୟରେ କୁକୁଡ଼ାଖଣ୍ଡି ବ୍ଲକର ସମସ୍ତ ନବନିଯୁକ୍ତ ବିଏଲଏ-୨ ମାନଙ୍କୁ ନେଇ ପବିତ୍ର ମା' ମହୁରୀ କାଳୁଆ ପୀଠରେ ଏକ ଭବ୍ୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୋଟ ୯୦ ଜଣଙ୍କ ମଧ୍ୟରୁ ୮୫ ଜଣ ବିଏଲଏ-୨ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ କଂଗ୍ରେସ ନେତା ତଥା ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ବିଧାନସଭାର କଂଗ୍ରେସ ପ୍ରାର୍ଥୀ ସାକା ସୁଜିତ କୁମାର ଅଧ୍ୟକ୍ଷତା କରିଥିଲେ ।ଏଥିରେ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ରବି ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦଙ୍କୁ ସ୍ୱାଗତ ଜଣାଇବା ସହିତ ଏଭଳି କଂଗ୍ରେସ କର୍ମୀମାନେ ଏକାଠି ରହି ଲଢ଼େଇ ଜାରି ରଖିଲେ କଂଗ୍ରେସର ପୂର୍ବ ଗୌରବ ଫେରାଇ ଆଣିପାରିଲେ ଭାଜପା ସରକାରର ନିଶ୍ଚିତ ପତନ ହେବ ବୋଲି ପ୍ରକାଶ କରିଥିଲେ । ଶ୍ରୀ ରଥ କହିଲେ, ଭାଜପାର କେନ୍ଦ୍ର ଓ ରାଜ୍ୟ ସରକାର ସାଧାରଣ ଜନତାଙ୍କ ସ୍ୱାର୍ଥ ବିରୋଧୀ ଏବଂ ଦେଶକୁ ୧୪୦ କୋଟି ଲୋକଙ୍କୁ ଲୁଟ୍ କରି ବଡ଼ ବଡ଼ ଶିଳ୍ପପତିଙ୍କ ସ୍ୱାର୍ଥରକ୍ଷା ତାଙ୍କର ପ୍ରାଥମିକତା ହେଉଛି ବୋଲି କହିଥିଲେ । ତେଣୁ ଦେଶକୁ ରକ୍ଷା କରିବାକୁ ହେଲେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ । ଗଞ୍ଜାମ ଜିଲ୍ଲା ସ୍ତରୀୟ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ, ପୂର୍ବତନ ସରପଂଚ, ସମିତି ସଭ୍ୟ ତଥା ଗଣମାଧ୍ୟମ ପ୍ରତିନିଧିମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଭୋଟର ତାଲିକା ସୁରକ୍ଷାରେ ବିଏଲଏ-୨ଙ୍କ ଐତିହାସିକ ସଫଳତା ତଥ୍ୟଭିତିକ ଉପସ୍ଥାପନା ଅନୁଯାୟୀ, ଅନ୍ୟ ନିର୍ବାଚନ ମଣ୍ଡଳୀ ତୁଳନାରେ ଦିଗପହଣ୍ଡିରେ ଭୋଟର ତାଲିକାରୁ ନାମ କଟିବା ସଂଖ୍ୟା ଅପେକ୍ଷାକୃତ ବହୁତ କମ୍ ରହିଛି। ଶ୍ରୀ ସାକା ସୁଜିତ କୁମାରଙ୍କ ନେତୃତ୍ୱରେ ନିଯୁକ୍ତ ହୋଇଥିବା ବିଏଲଏ-୨ ମାନଙ୍କ ପାରଦର୍ଶିତା, ସତର୍କତା ଓ ଦକ୍ଷ କାର୍ଯ୍ୟଶୈଳୀ ଯୋଗୁଁ ଅନେକ ଯୋଗ୍ୟ ଭୋଟରଙ୍କ ନାମ କଟିବାରୁ ରକ୍ଷା ପାଇପାରିଛି, ଯାହା ଆଗାମୀ ଦିନରେ ଦଳର ଭୋଟ ପ୍ରତିଶତ ବୃଦ୍ଧି କରିବାରେ ବେଶ୍ ସହାୟକ ହେବ ।ଏହି ଅବସରରେ ବିଏଲଏ-୧ ତଥା ଦିଗପହଣ୍ଡି କଂଗ୍ରେସ ବିଧାୟକ ପ୍ରାର୍ଥୀ ଶ୍ରୀ ସାକା ସୁଜିତ କୁମାର ଆଗାମୀ ପଂଚାୟତ ନିର୍ବାଚନ ପାଇଁ ଦଳର ବିଜୟ ରଣନୀତି ଓ ସଫଳତାର ସୂତ୍ର ବୁଝାଇବା ସହ ସମସ୍ତ ବିଏଲଏ-୨ଙ୍କୁ ଉତରୀୟ ଏବଂ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

ଏହି ଅବସରରେ ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତା ବିକ୍ରମ ପଣ୍ଡା, ପ୍ରକାଶ ଚନ୍ଦ୍ର ଗୌଡ଼, ଶଙ୍କର ଅଧିକାରୀ, ଆର.ଦୀନବନ୍ଧୁ, ବସନ୍ତ ପଟ୍ଟନାୟକ, ମହେଶ୍ୱର ପାତ୍ର, ଜିତେନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ସ୍ୱାଇଁ, ଜଟି ସାମଲ, ସୁଦାମ ଗୌଡ଼, ମୃତ୍ୟୁଞ୍ଜୟ ପାତ୍ର, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ସାଗର ମହାରଣା, ଶିବ ମହାରଣା ପ୍ରମୁଖ ଭାଷଣ ଦେଇ କଂଗ୍ରେସ ଦଳକୁ ଶକ୍ତିଶାଳୀ କରି ରାହୁଲ ଗାନ୍ଧୀଙ୍କ ହାତ ମୁଠାକୁ ଟାଣ କରିବାକୁ ଆହ୍ବାନ ଦେଇଥିଲେ। ଉତମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପରିଶେଷରେ ସମସ୍ତ ଅତିଥି ଓ କର୍ମକର୍ତାଙ୍କୁ ଧନ୍ୟବାଦ ଅର୍ପଣ ସହ ମା'ଙ୍କ ଆଶୀର୍ବାଦରୁ ତୃଣମୂଳ ସ୍ତରରେ ଦଳକୁ ବିଜୟୀ କରାଇବା ପାଇଁ ସଂକଳ୍ପ ନିଆଯାଇ ସଭା ସମାପ୍ତ ହୋଇଥିଲା।

# ବହୁମୁଖୀ ସମାଜ ମଙ୍ଗଳ କେନ୍ଦ୍ର ପକ୍ଷରୁ ପୂଜ୍ୟ ଓ ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଗଂଜାମ,୮/୦୯ (ନି.ପ୍ର): ଦକ୍ଷିଣ ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବହୁମୁଖୀ ସମାଜ ମଙ୍ଗଳ ଓ ସଂସ୍କୃତକ କେନ୍ଦ୍ର ତରଫରୁ ଶିକ୍ଷକ ଦିବସ ଅବସରରେ ମହାରାଜା କୃଷ୍ଣ ଚନ୍ଦ୍ର ଭେଷଜ ମହାବିଦ୍ୟାଳୟର ଦୁଇଜଣ ପ୍ରକ୍ତନ ପ୍ରଖ୍ୟତ ପ୍ରାଧ୍ୟାପକ ତଥା ଅଧ୍ୟକ୍ଷ ଡାକ୍ତର ନୃସିଂହ ଚାରଣ ପାଢ଼ୀ ଓ ପଦ୍ମଶ୍ରୀ ଡାକ୍ତର କୃଷ୍ଣ ମୋହନ ପାଠୀଙ୍କୁ ସେମାନଙ୍କ ବାସଭବନରେ ଉତ୍ତରୀୟ ତଥା ସମ୍ମାନପତ୍ର ପ୍ରଦାନକରି ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଭାପତି ଡାକ୍ତର ସଙ୍କର୍ଷଣ ପାତ୍ରଙ୍କ ସମେତ ସାଧାରଣ ସମ୍ପାଦକ ମହମଦ ଆସଲାମ, ସର୍ବଶ୍ରୀ ଡ଼ କୈଳାସ ଚନ୍ଦ୍ର ତ୍ରିପାଠୀ, ସୁବାସ ଚନ୍ଦ୍ର ପଟନାୟକ, ଭବାନୀ ଶଙ୍କର ପାଣିଗ୍ରାହୀ ପମୁଖ ସାମିଲ ହୋଇଥିଲେ ।

# ପର୍ଯ୍ୟଟନସ୍ଥଳୀର ରୂପ ନେବ କନ୍ଧମାଳର କଟାଙ୍ଗିର ପୁରାତନ ଶୈବପୀଠ: ସୌନ୍ଦର୍ଯ୍ୟକରଣ ଓ ଭିତ୍ତିଭୂମି ବିକାଶ ପାଇଁ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ

କନ୍ଧମାଳ,୮/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲାର ଦୁର୍ଗମ ଓ ଅପହଂଚ ଅଂଚଳରେ ଲୁଚି ରହିଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଐତିହାସିକ-ଧାର୍ମିକ ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ ପାଇଁ ପ୍ରଶାସନର ପଦକ୍ଷେପ ଏବେ ଆଶା ସଂଚାର କରିଛି। ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ସୁମେରବନ୍ଧ ପଂଚାୟତର ଅପହଂଚ ଅଂଚଳରେ ଥିବା ପୁରାତନ କଟାଙ୍ଗି ଶୈବପୀଠର ସୌନ୍ଦର୍ଯ୍ୟକରଣ ଓ ପର୍ଯ୍ୟଟନ ବିକାଶ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରାଯାଇଛି ।କନ୍ଧମାଳ ଜିଲ୍ଲା ପରିଷଦ ପ୍ରକଳ୍ପ ନିର୍ଦ୍ଦେଶକ ଶମ୍ଭୁନାଥ ନନ୍ଦୀଙ୍କ ସହ ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟପ୍ରକାଶ ଜେନା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନିଲ କୁମାର ପାତ୍ର କଟାଙ୍ଗି ଅଂଚଳ ଗସ୍ତ କରି ପୁରାତନ ଶୈବପୀଠ ପରିଦର୍ଶନ କରିଥିଲେ। ଏହି ସମୟରେ ଶୈବପୀଠର ପରିବେଶ, ଏହାର ଚତୁଃପାର୍ଶ୍ୱର ପ୍ରାକୃତିକ ପରିବେଶ ଓ ଭବିଷ୍ୟତରେ ଏହାକୁ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବାର ସମ୍ଭାବନା ସମ୍ପର୍କରେ ଅନୁଧ୍ୟାନ କରାଯାଇଥିଲା। କଟାଙ୍ଗି ଶୈବପୀଠଟି ଦୀର୍ଘଦିନ ଧରି ଅଂଚଳବାସୀଙ୍କ ଆସ୍ଥା ଓ ବିଶ୍ୱାସର ପ୍ରମୁଖ କେନ୍ଦ୍ର ଭାବେ ରହିଆସିଛି। ଦୁର୍ଗମ ଅଂଚଳରେ ଅବସ୍ଥିତ ହୋଇଥିବାରୁ ଏହି ସ୍ଥାନର ଅନେକ ସମ୍ଭାବନା ଏପର୍ଯ୍ୟନ୍ତ ଲୋକଲୋଚନକୁ ଆସିପାରିନାହିଁ। ଯଦି ଏଠାରେ ଆବଶ୍ୟକ ଭିତିଭୂମି ସହ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଏ, ତେବେ କଟାଙ୍ଗି ଶୈବପୀଠ କନ୍ଧମାଳ ଜିଲ୍ଲାର ଏକ ପ୍ରମୁଖ ଧାର୍ମିକ ଓ ପର୍ଯ୍ୟଟନସ୍ଥଳୀ ଭାବେ ଉଭା ହୋଇପାରିବ ବୋଲି ଅଂଚଳବାସୀ ଆଶା ପ୍ରକାଶ କରିଛନ୍ତି। ବିଶେଷକରି ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ରାସ୍ତାଘାଟର ଉନ୍ନତି, ପାନୀୟ ଜଳ, ବସିବା ସ୍ଥାନ, ଆଲୋକୀକରଣ, ପରିମଳ ବ୍ୟବସ୍ଥା, ସୂଚନା ଫଳକ ଓ ପରିବେଶ ସୁରକ୍ଷା ଭଳି ମୌଳିକ ସୁବିଧାର ବିକାଶ ହେଲେ ଏହି ସ୍ଥାନର ଗୁରୁତ୍ୱ ଆହୁରି ବଢ଼ିବ।

# ଆରକ୍ଷଣ-୧

**ପଙ୍କଜ କୁମାର ପାଣିଗ୍ରାହୀ**

**ପଛୁଆ ବର୍ଗ ଓ ଦୁର୍ବଳ ଶ୍ରେଣୀର ସାମାଜିକ ନିରାପତ୍ତା, ସମାନତା ଓ ଉ ାନ ପାଇଁ ଏକ ଅଭିନବ ପ୍ରୟାସ ।**

ଇଂରେଜ ଶାସନ ସମୟରେ ୧୮୮୧-୮୨ ମସିହାରେ ସମାଜ ସଂସ୍କାରକ ଜ୍ୟୋତିରାଓ ଫୁଲେ ଓ ଇଂରେଜ ଶିକ୍ଷା ଆୟୁକ୍ତ ସାର ଉଇଲିଅମ ହଣ୍ଟରଙ୍କ ମିଳିତ ଉଦ୍ୟମରେ ଦେଶର ଗ୍ରାମୀଣ, ପଛୁଆ ବର୍ଗ ପିଲାଙ୍କ ନିଶ୍ଚିତ, ଦେୟମୁକ୍ତ ଶିକ୍ଷା ଏବଂ ନିଯୁକ୍ତି ବ୍ୟବସ୍ଥା ଉପରେ ଆରକ୍ଷଣ ଅବଧାରଣା ପ୍ରସ୍ତାବିତ ହୋଇଥିଲା । ୧୯୦୨ ମସିହାରେ କୋହ୍ଲାପୁରର ରାଜା ଛତ୍ରପତି ଶାହୁ ମହାରାଜ, ଅବ୍ରାହ୍ମଣ ଓ ପଛୁଆ ବର୍ଗଙ୍କ ପାଇଁ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରେର ୫୦ ପ୍ରତିଶତ ଆରକ୍ଷଣ ବ୍ୟବସ୍ଥା ଅଭିନୀତ କରିଥିଲେ ।୧୯୨୧-୨୭ ରେ ମାଡ୍ରାସ ଓ ମଇଶୁର ରାଜ୍ୟରେ ଅବ୍ରାହ୍ମଣ, ମୁସଲିମ ଓ ପଛୁଆ ବର୍ଗଙ୍କ ବିଶେଷ ସାମ୍ପ୍ରଦାୟିକ ଆରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇ ଥିଲା । ୧୯୩୨-୩୩ରେ ଇଂରେଜ ସରକାର ପଛୁଆ ବର୍ଗଙ୍କ ପାଇଁ ସ୍ୱତନ୍ତ୍ର ସାମ୍ପ୍ରଦାୟିକ ନିର୍ବାଚନ କ୍ଷେତ୍ର ଘୋଷଣା କରିଥିଲେ ଯାହା ମହାତ୍ମାଗାନ୍ଧୀ ଏବଂ ଆମ୍ବେଦକରଙ୍କ ଉଦ୍ୟମରେ ଆରକ୍ଷଣ ଜଡିତ ମିଳିତ ନିର୍ବାଚନୀ କ୍ଷେତ୍ରରେ ପରିବର୍ତ୍ତନ କରାଯାଇ ଥିଲା । ଭାରତ ସ୍ୱାଧୀନତା ପରବର୍ତ୍ତୀ ୧୯୫୧ ମସିହାରେ ଆର୍ଟିକଲ ୧୫(୪) ଏବଂ ୧୬(୪) ଆଧାରରେ ହରିଜନ, ଆଦିବାସୀ ଏବଂ ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ପଛୁଆ ବର୍ଗଙ୍କ ପାଇଁ ରାଜ୍ୟସ୍ତରୀୟ କ୍ଷମତାରେ ଆରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇ ଥିଲା ଯେଉଁଥିରେ ସବର୍ଣ୍ଣ କିମ୍ବା ଅବ୍ରାହ୍ମଣଙ୍କ କଥା ଉଲ୍ଲେଖ ନାହିଁ । ୧୯୯୦ ମସିହାରେ କେନ୍ଦ୍ର ସରକାରୀ ନିଯୁକ୍ତିରେ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ପାଇଁ ମଣ୍ଡଳ କମିଶନ ୨୭ ପ୍ରତିଶତ ଆରକ୍ଷଣ ବ୍ୟବସ୍ଥା ଲାଗୁ କରିଥିଲେ । ତାପରେ ଭିନ୍ନ ଭିନ୍ନ ସରକାରଙ୍କ ସମୟରେ ଅନେକ ପରିବର୍ତ୍ତନ ହୋଇଛି ଏବଂ ହେଉଛି ମଧ୍ୟ ଯାହା ବର୍ତ୍ତମାନର ସ୍ଥିତି ସମସ୍ତେ ଜାଣିଛନ୍ତି ତାରି ଉପରେ ବିଶେଷ ଆଲୋଚନା କରିବା ନାହିଁ । ଲୋକଙ୍କ ବିଚାର ଏବଂ ସାମ୍ବିଧାନିକ ଆଇନ ମଧ୍ୟରେ କୌଣସି ପ୍ରଭେଦ ରହିଛି, କିମ୍ବା ସ୍ୱାଧୀନତା ପୂର୍ବବର୍ତ୍ତୀ ସାମାଜିକ ପରିସ୍ଥିତି, ପରିବେଶ ଏବଂ ଆଜି ଏକବିଂଶ ଶତାବ୍ଦୀର ଅତ୍ୟାଧୁନିକ ସାମାଜିକ ପରିବେଶର ମାନସିକତା ମଧ୍ୟରେ କୌଣସି ଅନ୍ତର ରହିଛି କି ନାହିଁ ତାରି ଉପରେ ଏକ ବିଶେଷ ଆଲୋଚନା ମାତ୍ର । ଏହା କେବଳ ଲୋକଙ୍କ ଶିକ୍ଷଣୀୟତା ତଥା ବିଚାର ଉପରେ ଏକ ସଚେତନତା ମୂଳକ ଉପସ୍ଥାପନା । ଏହା କୌଣସି ସାମ୍ପ୍ରଦାୟୀକ ବିଚାର ହେଉ କି ସରକାରୀ ଯୋଜନାର ସମାଲୋଚନା କିମ୍ବା ଉପଦେଶାତ୍ମକ ବ୍ୟାଖ୍ୟା ପାଇଁ ଉଦ୍ଦିଷ୍ଟ ନୁହେଁ । କୌଣସି ମତଭେଦ କିମ୍ବା ତ୍ରୁଟି ମାର୍ଜନା ଜନିତ ଆଲୋଚନା ସ୍ୱାଗତଯୋଗ୍ୟ ।

ଏଠାରେ ଗୋଟିଏ ବିଷୟ ମନକୁ ଆସେ ଯେ ପ୍ରଥମେ ୧୮୮୨ ମସିହାରେ ଜଣେ ଇଂରେଜ ଏବଂ ଆମ ଦେଶର ଜଣେ ସମାଜ ସଂସ୍କାରକଙ୍କ ମନରେ ଭାରତର ପଛୁଆ ବର୍ଗର ଲୋକଙ୍କ ପାଇଁ ନିଶ୍ଚିତ ଏବଂ ଦେୟମୁକ୍ତ ଶିକ୍ଷା ଓ ନିଯୁକ୍ତି ଉପରେ ଆରକ୍ଷଣ ବିଚାର ଆସିଲା । କାଳକ୍ରମେ ସେହି ବ୍ୟବସ୍ଥା ବିଭିନ୍ନ ପର୍ଯ୍ୟାୟରେ ପରିବର୍ତ୍ତିତ ହୋଇ ଆଜି ଆସି ଯେଉଁ ସ୍ତରରେ ପହଁଚିଛି ସମସ୍ତେ ଜାଣନ୍ତି । ଆମ ଦେଶର ଜୀବନ ଶୈଳୀର ମାନ ଏବଂ ସାମାଜିକ, ବୈଜ୍ଞାନିକ ପ୍ରଗତିର ସ୍ତର ଆଜି ଏକବିଂଶ ଶତାବ୍ଦୀର ଅତ୍ୟାଧୁନିକ ପୃଥିବୀର ବିକଶିତ ରାଷ୍ଟ୍ରଗୁଡିକୁ ତୁଳନା କଲେ ହୁଏତ ଆମେ ସେମାନଙ୍କ ଠାରୁ ୫୦୦ ବର୍ଷ ପଛରେ ରହିଥିବା ଅନୁମାନ ହେଉଛି ! ପ୍ରାୟ ପାଞ୍ଚ ଦଶକ ପୂର୍ବରୁ ଆମ ଦେଶରେ ଆନ୍ତଃ ସାମ୍ପ୍ରଦାୟିକ (ଧର୍ମ ) ମତଭେଦ ୧୦୦/୧୦୦ ପ୍ରତିଶତ ରହିଥିବା ବେଳେ ହିନ୍ଦୁ ସାମ୍ପ୍ରଦାୟୀକ ଆଭ୍ୟନ୍ତରୀଣ ଜାତିଗତ ବୈଷମ୍ୟତା ୮୦/୨୦ ପ୍ରତିଶତ ଏବଂ ତା ପୂର୍ବବର୍ତ୍ତୀ ସମୟରେ ତାହା ୯୯/୧ ପ୍ରତିଶତ ରହିଥିବା ଅନୁମାନ / ଅନୁଭବ ହେଉଛି । ବର୍ତ୍ତମାନ ଆମ ଦେଶରେ ସାମ୍ପ୍ରଦାୟିକ ଆଭ୍ୟନ୍ତରୀଣ ଜାତିଗତ ବୈଷମ୍ୟ ପ୍ରାୟତଃ ୧/୯୯ ପ୍ରତିଶତ ରହିଥିବ, କିନ୍ତୁ ଆର୍ଥିକ ବୈସମ୍ୟ ୯୦/୧୦ ପ୍ରତିଶତ ରହିଥିବା ଆମର ଅନୁମାନ, ହୁଏତ ସମସ୍ତେ ଅନୁଭବ କରୁଥିବେ ବୋଲି ମନେ ହେଉଛି । ପ୍ରାକ୍ ସମୟରେ ବର୍ଣ୍ଣଗତ ଉଚ୍ଚ ନୀଚ ଭେଦଭାବ ପ୍ରଚଣ୍ଡ ମାତ୍ରାରେ ରହିଥିବା ସହିତ ଆର୍ଥିକ ଅସମାନତା ମଧ୍ୟ ପ୍ରାୟ ୯୯/୧ ରହିଥିବା ଅନୁମାନ ହେଉଛି । ରାଜା, ଜମିଦାର, ସାହୁକାରଙ୍କ ବ୍ୟତୀତ ଅନ୍ୟାନ୍ୟ ସବୁ ବର୍ଗ / ବର୍ଣ୍ଣର ଲୋକଙ୍କ ଆର୍ଥିକ ଅନଟନ ପ୍ରାୟ ଏକା ସ୍ତରରେ ରହିଥିଲା । ପଛୁଆ ବର୍ଗ / ବର୍ଣ୍ଣର ଲୋକଙ୍କ ସାମାଜିକ ମାନ୍ୟତା ଅତ୍ୟନ୍ତ ଦୁର୍ବଳ ରହିଥିଲା କେବଳ ଜାତିଗତ କାରଣରୁ । ତେଣୁ ସେମାନଙ୍କୁ କୌଣସି ସାମାଜିକ କ୍ଷେତ୍ରରେ ଆଗକୁ ଯିବା ପାଇଁ ସୁଯୋଗ ଦିଆଯାଉ ନଥବା ପ୍ରକାଶ କରିଥିଲେ ମହାମାନ୍ୟ ସମାଜ ସଂସ୍କାରକ ଜ୍ୟୋତିରାଓ ଫୁଲେ । ସେ ସମୟରେ ମହାତ୍ମାଗାନ୍ଧୀ ହୁଅନ୍ତୁ କିମ୍ବା ଡକ୍ଟର ଭୀମ ରାଓ ଆମ୍ବେଦକରଙ୍କ ଠାରୁ ଆରମ୍ଭ କରି ଆହୁରି ଅନେକ ଜନମାନ୍ୟ ବ୍ୟକ୍ତିଗଣ ସେମାନଙ୍କ ସାମାଜିକ ସମାନତା ଅଧିକାର ପାଇଁ ସ୍ୱର ଉତ୍ତୋଳନ ପୂର୍ବକ ଆରକ୍ଷଣ ବ୍ୟବସ୍ଥା ଲାଗୁ କରିବାରେ ସଫଳ ହୋଇଥିଲେ । ତାହା ମଧ୍ୟ ଏକ ସ୍ୱାଗତ ଯୋଗ୍ୟ ପଦେକ୍ଷପ ଥିଲା ବୋଲି ଆମର ବିଚାର ।

ଉନବିଂଶ ଶତାବ୍ଦୀ ୧୮୮୨ର ଆରକ୍ଷଣର ପ୍ରାରମ୍ଭ ଠାରୁ ଆଜି ଏକବିଂଶ ଶତାବ୍ଦୀ ୨୦୨୬, ପ୍ରାୟ ଦେଢ଼ଶହ ବର୍ଷର ବ୍ୟବଧାନ ମଧ୍ୟରେ ଆମ ଦେଶର ସବୁ କ୍ଷେତ୍ରରେ ଯେଉଁ ବୈପ୍ଳବିକ ପରିବର୍ତ୍ତନ ହୋଇଛି ତାର ମାନଦଣ୍ଡ ନିର୍ଦ୍ଧାରଣ କରିବା ସମ୍ଭବ ନୁହେଁ । ସ୍ୱାଧୀନତାର ୮୦ ବର୍ଷ ପରେ ମଧ୍ୟ ଆମ ଦେଶର ଶାସନ ବ୍ୟବସ୍ଥାରେ ବିକଶିତ ରାଷ୍ଟ୍ରଗୁଡିକ ଭଳି କୌଣସି ଆଖିଦୃରୁଷିଆ ପରିବର୍ତ୍ତନ / ସୁଧାର / ସଂସ୍କାର ଆସିପାରିଲା ନାହିଁ ! କହିବାକୁ ଗଲେ ସମାଜର ସବୁ ଆଧାର ଗୁଡିକୁ ପଛରେ ପକାଇ ସର୍ବଜନଙ୍କ ବ୍ୟକ୍ତିଗତ ଆର୍ଥିକ ସ୍ୱାର୍ଥ ବିଚାର କେବଳ ଆମକୁ ଆଜି ପଶ୍ଚାତପଦ କରୁଥିବା ଅନୁଭବ ନାହିଁ କାହା ମନରେ । ସବର୍ସାଧାରଣ ୯୦ ପ୍ରତିଶତ ମଣିଷ ଆଜି କେବଳ ଦୈନିନ୍ଦିନ ଜୀବନ ଜୀବିକା, ଆର୍ଥିକ ଅନାଟନ ଜନିତ ମାନସିକ ଅସ୍ଥିରତା ପାଇଁ ବ୍ୟକ୍ତିଗତ ସ୍ତରରେ ରହିଥିବା କଷ୍ଟଦାୟକ ଅନୁଭୂତି ପ୍ରତ୍ୟେକ ମଣିଷଙ୍କ ମନରେ ଆନ୍ଦୋଳିତ ହେଉଥିବା ବୁଝୁଥିବେ ସେମାନେ ନିଜ ସ୍ତରରେ । ୧୦ ପ୍ରତିଶତ ଲୋକଙ୍କ ଆର୍ଥିକ ଅତିପ୍ରବହ କାରଣରୁ ଔଦ୍ଧତ୍ୟର ସୀମା ନାହିଁ, ଏ କଥାରେ କୌଣସି ଦ୍ୱିମତ ନାହିଁ । ଅନେକ ସାମାଜିକ କାରଣ ବ୍ୟତୀତ କେବଳ ଆରକ୍ଷଣ ଉପରେ ବିଚାର କରି ଦେଖିଲେ ହୁଏତ ତାର ପ୍ରଭାବ ଜନିତ ପରିବର୍ତ୍ତନ ବ୍ୟାପକ ହୋଇଥିବା ଦେଖିବାକୁ ମିଳୁଛି । ଏମିତିକି ପୂର୍ବକାଳର ତଥାକଥିତ ସବର୍ଣ୍ଣ ବ୍ରାହ୍ମଣ ଯିଏ ସାମାନ୍ୟ ନୀଚ ଜାତିର ଛାଇ ପଡିଲେ ଗାଧୋଉଥିଲା ଆଜି ସିଏ ହରିଜନ, ଆଦିବାସୀ ସମ୍ପ୍ରଦାୟ ହାତରୁ ରାନ୍ଧି ପରଶିଲେ ଖାଉଛି ହୋଟେଲେର ! ଏହା କୌଣସି ଅଲୌକିକ, ଅବାସ୍ତବ ମନ୍ତବ୍ୟ ନୁହେଁ ବରଂ ୧୦୦ ପ୍ରତିଶତ ପ୍ରେୟାଗାତ୍ମକ ଆଖିଦେଖା ତତ୍ତ୍ୱ ଯାହା ସମସ୍ତେ ଜାଣନ୍ତି । ଅର୍ଥାତ ସମାଜରୁ ଜାତିଗତ ବିଦ୍ୱେଷଭାବ, ବୈଷମ୍ୟତା ୧ ପ୍ରତିଶତ କୋଉଠି ରହିଥାଇ ପାରେ କିନ୍ତୁ ୯୯ ପ୍ରତିଶତ ଦୂର ହୋଇଥିବା ସ୍ୱୀକାର୍ଯ୍ୟ । ଯେଉଁ ଉଦ୍ଦେଶ୍ୟରେ ଜାତିଗତ ବୈଷମ୍ୟତା ଦୂର କରିବା ଲକ୍ଷ ରଖି ଆରକ୍ଷଣ ବ୍ୟବସ୍ଥା କରାଯାଇଥିଲା ତାହା ସମ୍ପୂର୍ଣ୍ଣ ଫଳପ୍ରଦ ହୋଇଥିବା ଦେଖିବାକୁ ମିଳୁଛି ସର୍ବତ୍ର । ଦ୍ୱିତୀୟତଃ ଆରକ୍ଷିତ ନିଯୁକ୍ତି ଏବଂ ରୋଜଗାର ସୁଯୋଗ ଜନିତ ଅନ୍ୟୁନ ୬୦-୮୦ ପ୍ରତିଶତରୁ ଅଧିକ ପଛୁଆ ବର୍ଗ ଜାତିର ମଣିଷ ସମୂହ ପ୍ରଚଣ୍ଡ ଆର୍ଥିକ ଅନାଟନ ଠାରୁ ଦୂରେଇ ରହୁଥିବା ଦେଖିବାକୁ ମିଳୁଛି । ତେଣୁ ସମାଜରେ ଜାତିଗତ ବୈଷମ୍ୟବାଦ ପ୍ରାୟ ଆଉ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ତଥାପି ଆମେ ଜାତିଗତ ଆରକ୍ଷଣ ଦିନକୁ ଦିନ ବୃଦ୍ଧି କରି ଚାଲିଥିବା କରଣର ସମୀକ୍ଷା ସବର୍ସାଧାରଣ ନିଜ ନିଜ ସ୍ତରରେ କରନ୍ତି । କିନ୍ତୁ ସବର୍ଜନଙ୍କ ଆଥିକେ ଦୁରାବସ୍ଥା ଜନିତ ଆରକ୍ଷଣ ଉପରେ ଆଲୋଚନା କଲେ ଜାଣିହେବ ଯେ ବର୍ତ୍ତମାନ ସମୟରେ ଆମ ଦେଶରେ ଆରକ୍ଷଣ କେଉଁ ଆଧାରରେ ଆବଶ୍ୟକତା କରୁଛି ଏବଂ ତା ପାଇଁ କଣ ପଦେକ୍ଷପ ନିଆଯାଇଅଛି ବା ନିଆଯିବା କଥା ତାରି ଉପରେ ବିଚାର କରିବା ।

କି ଆବର୍ଣ୍ଣ କି ସବର୍ଣ୍ଣ , ଆର୍ଥିକ ଦୁରାବସ୍ଥାରେ ନିଷ୍ପେସିତ ଆଜି ବ୍ୟାପକ ସଂଖ୍ୟକ ମଣିଷଙ୍କ ମାନସିକ ଅସ୍ଥିରତା ଏବଂ ତଦ୍ଜନିତ ସାମାଜିକ, ଶାରୀରିକ କ୍ଲେଶର ସୀମା ନାହିଁ ! ସମାଜର ଅନ୍ୟୁନ ୧୦ ପ୍ରତିଶତ ମଣିଷ ସମ୍ପୂର୍ଣ୍ଣ ଆର୍ଥିକ ସ୍ୱଚ୍ଛଳତା ମଧ୍ୟରେ ରହି ଉନ୍ମାଦନାରେ ଉଚ୍ଛୁଳୁଛନ୍ତି ଯେଉଁଠି ଆଉ ୨୦ ପ୍ରତିଶତ ସାମାନ୍ୟ ସାଧାରଣ ସ୍ତରେର ରହିଛନ୍ତି । ଅନ୍ୟ ପ୍ରାୟ ୭୦ ପ୍ରତିଶତ ଲୋକଙ୍କ ଦୈନନ୍ଦିନ ଜୀବିକା ବନ୍ଦ ହେଲେ ଆଧାର ବନ୍ଦ ହେବା ପରିସ୍ଥିତିରେ ଚାଲିଛି ଆମ ସମାଜ ! ଜନ ଗଣନା, ଭୋଟର ଗଣନାକୁ ପଛରେ ରଖି ଏହାର ଏକ ନିଖୁଣ ଗଣନା କରାଯିବା ଅତ୍ୟନ୍ତ ଆବଶ୍ୟକ ଯାହା ପ୍ରତି କାହାର ନିଘା ନାହିଁ । କାରଣ ଉଚ୍ଚ ସ୍ତରରେ ରହି ଶାସନ ପ୍ରଶାସନ କ୍ଷେତ୍ରରେ କାର୍ଯ୍ୟରତ ମଣିଷଙ୍କ ଏହା ଆବଶ୍ୟକ ନାହିଁ । ବରଂ ଏହା କରିବା ଦ୍ୱାରା ସେମାନଙ୍କୁ ତାର ଉତ୍ତରଦାୟୀ ହେବାକୁ ପଡିବ ଏବଂ ପ୍ରତିକାର କରିବାକୁ ହେବ ବୋଲି ବିଚାରି ଏହି ଅତ୍ୟାବଶ୍ୟକ ବିଧିକୁ ସମ୍ପୂର୍ଣ୍ଣ ଉହ୍ୟ / ଅଣଦେଖା କରଯାଉଥିବା ଅନୁମାନ ହେଉଛି । ବିଭିନ୍ନ ସ୍ତରରେ ଅମାନବୀୟ, ଅନାବଶ୍ୟକ ପ୍ରଚାର ପ୍ରସାର କରି ଲୋକଙ୍କୁ ଅନ୍ଧକାର ମଧ୍ୟରେ ରଖି ଅଲୌକିକ ଆଶାରେ ନିମଜ୍ଜିତ କରି ଚାଲିଛି ଆମ ବ୍ୟବସ୍ଥା । କାହା କଥା କାହାକୁ ଜଣାପଡୁ ନାହିଁ କିମ୍ବା କେହି ଅନ୍ୟର ଅସୁବିଧାରେ ତତ୍ପରତା ଅନୁଭବ କରୁନାହାନ୍ତି । ସମସ୍ତେ ଏକ ରକମ ଏକକ ବିଚାରଧାରାରେ ରହି କେବଳ ନିଜସ୍ୱ ସ୍ୱାର୍ଥରେ ନିମଗ୍ନ ରହୁଥିବା ସମସ୍ତେ ବୁଝୁଛନ୍ତି । ତଥାପି ଏକ ଭାଇଚାରା ପୂର୍ଣ୍ଣ ପରିବେଶ ସୃଷ୍ଟି କରି ଜଣେ ଅନ୍ୟକୁ ସହଯୋଗର ହାତ ବଢ଼ାଇ ବଂଚିବା ପ୍ରୟାସ ପରିବେର୍ତ୍ତ ବୈମାତୃକ ମନୋଭାବ, ହିଂସାର ପରିବେଶରେ ରହୁଛନ୍ତି । ଏସବୁ ହେଉଛି କାହିଁକି, କରୁଛି କିଏ ଏବଂ ତାର ଉଦ୍ଦେଶ୍ୟ କଣ ସମସ୍ତେ ନିଜସ୍ୱ ଜ୍ଞାନ ପରିସର ମଧ୍ୟରେ ବୁଝିବାକୁ ଚେଷ୍ଟା କରନ୍ତୁ ।

ବର୍ତ୍ତମାନର ପରିସ୍ଥିତି ଅନୁଧ୍ୟାନ କଲେ ବୁଝି ହେଉଛି ଯେ ଜାତିଗତ ବୈଷମ୍ୟତା ଅପେକ୍ଷା ଆର୍ଥିକ ବୈଷମ୍ୟତା ସମାଜକୁ ଅତ୍ୟନ୍ତ ପଛକୁ ଟାଣିନେଇ ଚାଲିଛି ! ମାନବ ସମ୍ବଳର ଦୁର୍ବଳତା କାରଣରୁ ରାଷ୍ଟ୍ରୀୟ ଦୁର୍ବଳତା ଏବଂ ସାଧାରଣ ଲୋକଙ୍କ ଜୀବନ ଶୈଳୀ ଅତ୍ୟନ୍ତ ଦୁଃଖଦାୟକ ପରିସ୍ଥିତି ମଧ୍ୟରେ ଗତି କରୁଛି । ତେଣୁ ସମସ୍ତ ଜାତି, ଧର୍ମ, ବର୍ଣ୍ଣର ମଣିଷଙ୍କୁ ଅନ୍ତର୍ଭୁକ୍ତ କରି କେବଳ ସାମାଜିକ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଆରକ୍ଷଣ ଦିଆଯିବା ଅତ୍ୟନ୍ତ ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଛି ଆମ ଦେଶରେ ! ତା' ପାଇଁ ମଧ୍ୟ କିଛି ନିୟମ ଆଗତ ହୋଇଥିବା ଆମେ ଜାଣୁ । କିନ୍ତୁ ସେହି ନିୟମ ଯଥେଷ୍ଟ ହେଉନଥିବା କାରଣରୁ ଆର୍ଥିକ ପଛୁଆ ବର୍ଗ ଆଜି କୌଣସି ସୁବିଧା ସୁଯୋଗ ପାଇବାରୁ ବଂଚିତ ରହୁଛନ୍ତି । ପୁନର୍ବାର ଜାତିଗତ ଆରକ୍ଷଣକୁ ଯେଉଁ ଢଙ୍ଗରେ ପରିଚାଳିତ କରଯାଉଅଛି ତାହାଦ୍ୱାରା ବ୍ୟାପକ ସାମାଜିକ କ୍ଷତି ହେଉଥିବା ଆକଳନ କେହି କରନ୍ତି ନାହିଁ । କାରଣ ଆରକ୍ଷଣର ଅର୍ଥ ଏହା ହେବା କଥା ନୁହେଁ କି ସେତିକି ସ୍ଥାନ ଯେକୌଣସି ମତେ ପୂରଣ ହେବ । ଅର୍ଥାତ ଜଣେ ଅପାରଗ ମଣିଷ ସେହି ଆରକ୍ଷଣ ଅନ୍ତର୍ଭୁକ୍ତ ହେଉନଥିଲେ ମଧ୍ୟ ତାକୁ ନିଶ୍ଚିତ ନିଯୁକ୍ତି କରାଯିବ । ତଦ୍ୱାରା ସାମାଜିକ ପରିଚାଳନାରେ ବ୍ୟାପକ ଅଭାବନିୟତା ଦେଖାଦେବ; ଦେଉଛି ମଧ୍ୟ, ସେଇଥିରେ କୌଣସି ଦ୍ୱିମତ ନାହିଁ । ତଦ୍ୱାରା ସମାଜରେ ସବୁ ବର୍ଗର ମଣିଷଙ୍କୁ ତାହା ପ୍ରତିଘାତ କରିବା ସହିତ ରାଷ୍ଟ୍ରୀୟ ବିକାଶରେ ମଧ୍ୟ ବାଧା ସୃଷ୍ଟି ହେଉଥିବା ଭୁକ୍ତଭୋଗୀ ପ୍ରାୟ ସମସ୍ତେ । ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗର ଜାତି ପାଇଁ ନିଶ୍ଚିତ ଶିକ୍ଷା ବ୍ୟବସ୍ଥା କରି ସେମାନଙ୍କୁ ମଧ୍ୟ ଉଚିତ ପାରଙ୍ଗମ କରି ନିଯୁକ୍ତିରେ ଆରକ୍ଷଣ ଦେବାକୁ ହେଲେ ବ୍ୟବସ୍ଥା ସଠିକ୍ ଢଙ୍ଗରେ ଚାଲିବ । କିନ୍ତୁ ଶିକ୍ଷାଠାରୁ ନିଯୁକ୍ତି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ନିଶ୍ଚିତ ଆରକ୍ଷଣ ଦେଇ କୌଣସି ପାରଦର୍ଶିତା ନଥିଲେ ମଧ୍ୟ ଜଣେ ମଣିଷକୁ ଆରକ୍ଷଣ ବ୍ୟବସ୍ଥିତ କରି ସାମାଜିକ କ୍ଷେତ୍ରରେ ନିୟୋଜିତ କରିବା ହୁଏତ ସେମାନଙ୍କ ପାଇଁ ମଧ୍ୟ ଏକ ପ୍ରତାରଣାର ପଥ ପରିଷ୍କାର କରୁଛି ବୋଲି ସେମାନେ ମଧ୍ୟ ବୁଝି ପାରୁନାହାନ୍ତି !

ତେଣୁ ବର୍ତ୍ତମାନ ମଧ୍ୟ ସମୟ ଅଛି ଏହାର ଉପଯୁକ୍ତ ସମୀକ୍ଷା କରି ଆରକ୍ଷଣ ବ୍ୟବସ୍ଥାକୁ ଜାତିଗତ ସ୍ତରରେ ସୀମିତ ନରଖି ବରଂ ସବୁ ବର୍ଗର ଆର୍ଥିକ ଅନଗ୍ରସର ଗୋଷ୍ଠୀଙ୍କ ପ୍ରତି ଲାଗୁ କରିବା ଦିଗରେ ସୁଧାର ଆଣିବା ପାଇଁ । ଅନ୍ୟଥା ଏମିତି ଆଉ କିଛି ବର୍ଷ ଚାଲିଲେ ହୁଏତ ଆମେ ଅନ୍ୟାନ୍ୟ ପ୍ରଗତିଶୀଳ ରାଷ୍ଟ୍ରଗୁଡିକ ତୁଳନା ଅତ୍ୟନ୍ତ ପଛରେ ଚାଲିବା ସେଇଥିରେ କୌଣସି ସନ୍ଦେହ ନାହିଁ । ଏ ବିଷୟରେ ଯେ କେବଳ ଶାସନ ପ୍ରଶାସନରେ ରହିଥିବା ଲୋକଙ୍କ ବିଚାର ଶେଷ ପର୍ଯ୍ୟାୟ ବୋଲି ବିଚାର ନକରି ସବର୍ସାଧାରଣ ଶିକ୍ଷାବିତ / ଜ୍ଞାନୀ, ଗୁଣି ମଣିଷ ସମୂହ ମଧ୍ୟ ଏହା ଉପରେ ପୁଙ୍ଖାନୁପୁଙ୍ଖ ବିଚାର ମତ ପୋଷଣ କରିବା ଆବଶ୍ୟକ । ସାମାଜିକ ଆଲୋଚନା ପର୍ଯ୍ୟାଲୋଚନା ମାଧ୍ୟମରେ ଏହାର ସମାଧାନ କରି ଉପଯୁକ୍ତ ବିଚାର କରି ନିୟମ ଆଗତ ହେଲେ ହୁଏତ କିଛି ସାମାଜିକ ସୁଧାର ଆସିବ ବୋଲି ଆମର ଅନୁମାନ । ଏହା କିନ୍ତୁ ଆମ ଦେଶର ଅଜ୍ଞାନ ଶିକ୍ଷିତଙ୍କ ବିଚାର ପରିସୀମା ଅନ୍ତର୍ଭୁକ୍ତ ହେବ, ସନ୍ଦେହ !

ୟୁଟ୍ୟୁବ - ସାମାଜିକ ଜନମଞ୍ଚ (ଭାରତ)
ଛତ୍ରପୁର, ଗଞ୍ଜାମ- ୭୬୧୦୨୦
(ମୋ): ୯୪୩୭୩୨୪୯୧୭



# ଉପାୟ ନିଜ ହାତରେ..

**ଡକ୍ଟର ସୁରେଶ କୁମାର ନାୟକ**

ସାଧାରଣତଃ ପିଲାମାନେ ପାଠପଢ଼ା ପ୍ରତି ଅଧିକ ମନୋନିବେଶ କରିଥାଆନ୍ତି । ତା ସହ ନିଜ ଭିତରେ ରହିଥିବା ପ୍ରତିଭାକୁ ପ୍ରଦର୍ଶନ କରିବାକୁ ମଧ୍ୟ ଚେଷ୍ଟା କରନ୍ତି । ଅନେକ ସମୟରେ ସେମାନେ ଏ କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି । ଏହି ସମୟରେ ସେମାନଙ୍କର ମାତାପିତା, ପରିବାର ସଦସ୍ୟ ଏପରିକି ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ସେମାନଙ୍କୁ ସହଯୋଗ କରିଥାନ୍ତି । କିନ୍ତୁ ସେମାନେ ଯଦି ନିଜେ ଏହାର ସମାଧାନର ଉପାୟ ଚିନ୍ତା କରିବେ ତେବେ କେତେକାଂଶରେ ସଫଳ ହୋଇପାରିବେ । କେତେକ ପିଲା ସମସ୍ୟାର ସମ୍ମୁଖୀନ ହେବା ମାତ୍ରେ ଭାଙ୍ଗି ପଡ଼ନ୍ତି । ଏ ନେଇ ସେମାନଙ୍କ ମନରେ ନକାରାତ୍ମକ ଭାବନା ସୃଷ୍ଟି ହୁଏ । ସେ ସେ ସମୟରେ ତାଙ୍କର ମନୋବଳକୁ ଦୃଢ଼ ରଖିବା ଜରୁରୀ । କାରଣ ନକାରାତ୍ମକ ଚିନ୍ତାଧାରା ଆଗକୁ ଆଗେଇବାକୁ ଦେଇ ନଥାଏ । ତେବେ ନିଜ ସମସ୍ୟାର ସମାଧାନ ସେମାନେ କିପରି ନିଜେ କରିପାରିବେ ସେ ବିଷୟରେ ଅବଗତ ହେବା ଆବଶ୍ୟକ ।

ସର୍ବପ୍ରଥମେ ପିଲାଟିର ବୁଝିବା ଶକ୍ତି ଦିଗ ଦେଖନ୍ତୁ । କୌଣସି ସମସ୍ୟାର ସମାଧାନ କରିବା ପୂର୍ବରୁ ସେହି ସମସ୍ୟା ବିଷୟରେ ଭଲ ଭାବରେ ଅବଗତ ହେବା ଆବଶ୍ୟକ । ତେବେ ଏହାର ସମାଧାନର ପନ୍ଥା ବାହାରି ପାରିବ । ସମସ୍ୟା ବିଷୟରେ ପ୍ରଥମେ ନିଜେ ଠିକ ଭାବରେ ଜାଣନ୍ତୁ । ଏହା କ'ଣ ପାଇଁ ସୃଷ୍ଟି ହୋଇଛି ଏବଂ ଏହାକୁ କିପରି ସମାଧାନ କରାଯାଇପାରିବ । ସମସ୍ୟାକୁ ନେଇ ଏଣୁତେଣୁ ଆଦୌ ଭାବନ୍ତୁ ନାହିଁ । ଏହାକୁ ଭଲ ଭାବରେ ବୁଝିପାରିଲେ ନିଜେ କେତେକାଂଶରେ ଏହାର ସମାଧାନର ସୂତ୍ର ବାହାର କରିପାରିବେ ।

ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କେବଳ ପିଲାଟିକୁ ନୁହେଁ ବରଂ ନିଜକୁ ଉତ୍ସାହିତ କରନ୍ତୁ । ପିଲାମାନେ ଯଦି କୌଣସି ସମସ୍ୟାର ସମ୍ମୁଖୀନ ହୁଅନ୍ତି ତେବେ ସେହି ସମୟରେ ଭାଙ୍ଗି ପଡ଼ିବା ଠିକ ନୁହେଁ । ପ୍ରତିଟି କ୍ଷେତ୍ରରେ ନିଜ ଉପରେ ଭରସା ରଖନ୍ତୁ । ନିଜେ ନିଜକୁ ଉତ୍ସାହିତ କରନ୍ତୁ । ଏହାଦ୍ୱାରା ମନରେ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ । ପିଲାଟି ଯଦି ଏଭଳି ସମୟରେ ନିଜ ମନକୁ ଦୃଢ଼ ରଖିପାରିଲା ତେବେ ସମସ୍ୟାଟି ତାକୁ ବୋଝ ଲାଗିବ ନାହିଁ ।

ଅନେକ କ୍ଷେତ୍ରରେ ଦେଖାଯାଏ ପିଲାମାନେ ଧୈର୍ଯ୍ୟହରା ହୋଇଯାଇଥାନ୍ତି । ପିଲାମାନଙ୍କର ଯେତେବେଳେ ବୁଝିବା ଶକ୍ତି ଆସିଯାଏ, ସେମାନେ ନିଜ ନିଜ କାମ ନିଜେ କରିବାକୁ ଆଗଭର ହୋଇଥାଆନ୍ତି । ଏହି ସମୟରେ ଗୋଟିଏ ଜିନିଷର ଆବଶ୍ୟକତା ରହିଛି । ତାହାହେଲା ଧୈର୍ଯ୍ୟ । କାରଣ ପ୍ରତିଟି କାମରେ ଅଧୈର୍ଯ୍ୟ ହୋଇପଡ଼ିଲେ ସବୁକିଛି ଓଲଟପାଲଟ ହୋଇଯାଏ । ପିଲାଟିବେଳୁ ସେମାନେ ଯଦି ଧୈର୍ଯ୍ୟର ସହ କାମ କରନ୍ତି, ତେବେ ସେମାନଙ୍କ ଆତ୍ମବିଶ୍ୱାସ ପୂର୍ବାପେକ୍ଷା ଦୃଢ଼ ହୋଇଥାଏ । ଠିକ ସେହିପରି ଯଦି ସେମାନେ କିଛି ସମସ୍ୟାର ସମ୍ମୁଖୀନ ହୁଅନ୍ତି ତେବେ ତାହାକୁ ନିଜେ ସମାଧାନ କରିବା ପୂର୍ବରୁ ଧୈର୍ଯ୍ୟ ଦରକାର । ଯଦି ସେତେବେଳେ ଅଧୈର୍ଯ୍ୟ ହୋଇପଡ଼ିବେ ତେବେ ଚିନ୍ତା କରିଥିବା କଥାକୁ କାମରେ ଲଗାଇ ପାରିବେ ନାହିଁ । ତେଣୁ ପ୍ରତିଟି ସମସ୍ୟାର ସମାଧାନ ଧୈର୍ଯ୍ୟର ସହ କଲେ ସେଥିରୁ ପିଲାମାନେ ମୁକୁଳି ପାରିବେ ।

ପିଲାମାନେ ଅଧିକ ଶିକ୍ଷା ପାଇଥାନ୍ତି ସେମାନଙ୍କ ବାଲ୍ୟବନ୍ଧୁ, ସାଙ୍ଗସାଥୀଙ୍କ ଠାରୁ । ସାଧାରଣତଃ ପିଲାମାନେ ସାଙ୍ଗସାଥୀ ପରିସର ବଢ଼ାଇବାକୁ ଚେଷ୍ଟା କରିଥାନ୍ତି । ଏହି ସମୟରେ ସବୁବେଳେ ଏଭଳି ପିଲାଙ୍କ ସହ ସାଙ୍ଗ ହୁଅନ୍ତୁ ଯାହାଙ୍କ ନିକଟରୁ କିଛି ଭଲ କଥା ଶିଖିପାରିବେ । ଯଦି କିଛି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ତେବେ ଏ ବିଷୟରେ ସାଙ୍ଗସାଥୀଙ୍କ ଠାରୁ ସମାଧାନର ସୂତ୍ର ବାହାର କରିପାରନ୍ତି । ହେଲେ ତାପୂର୍ବରୁ ସେହି ସୂତ୍ର ବିଷୟରେ ଭଲ ଭାବରେ ଚିନ୍ତା କରନ୍ତୁ । ତାହା ଆପଣଙ୍କ ସମସ୍ୟା ପାଇଁ କେତେ ଉପଯୋଗୀ ଭଲ ଭାବରେ ଅବଗତ ହେବା ପରେ ହିଁ ତାକୁ ଆପଣେଇବା ଭଲ ।

ପିଲାଟିର ଜୀବନ ଗତିପଥ ଆଗେଇ ନେବାରେ ଏବଂ ସେମାନଙ୍କ ବୌଦ୍ଧିକ ବିକାଶ ପାଇଁ ଆତ୍ମ ବିଶ୍ୱାସ ବଡ଼ ପୁଞ୍ଜି । ପିଲାମାନେ କୌଣସି କ୍ଷେତ୍ରରେ ଆଗେଇବା ସମୟରେ ନିଜର ଆତ୍ମବିଶ୍ୱାସ ଦୃଢ଼ ରହିବା ଜରୁରୀ । ପାଠପଢ଼ିବା ସମୟରେ ଏହାର ଭୂମିକା ଆହୁରି ବଢ଼ିଯାଇଥାଏ । ତେବେ ଯେତେବେଳେ କୌଣସି ସମସ୍ୟାର ସମ୍ମୁଖୀନ ହେଉଛ ସେତେବେଳେ ପ୍ରଥମେ ନିଜର ଆତ୍ମବିଶ୍ୱାସ ଦୃଢ଼ ରଖିବାକୁ ଚେଷ୍ଟା କର । ଆଉ ଥଣ୍ଡା ମନରେ ଚିନ୍ତା କରି ଏ ସମ୍ପର୍କରେ ସମାଧାନର ଉପାୟ ବାହାର କରିହେବ । ପିଲାମାନେ ରାତାରାତି ଜିନିଏସ ହୋଇଯିବେ ଏହାର ସେମିତି କିଛି ମାନେ ନାହିଁ । ଆଗାମୀ ସକାଳର ଭବିଷ୍ୟତ କୁହାଯାଉଥିବା ପିଲାମାନଙ୍କ ଭିତରେ ପିଲାବେଳୁହିଁ ମାନବୀୟ ମୂଲ୍ୟବୋଧ, ନୈତିକତା, ସଦାଚାର, ଅଧ୍ୟବସାୟ, ସାଧୁତା, ଦେଶପ୍ରୀତି ଓ ସମାଜ କଲ୍ୟାଣ ପାଇଁ ତାର ମନ ଯେପରି ସମର୍ପିତ ହୁଏ ସେ ଦିଗ ପ୍ରତି ପ୍ରେରିତ କରନ୍ତୁ ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ,
(ମୋ) : ୯୪୩୭୨୨୫୫୯୨

# ଜଣେ ଦୁଇଜଣଙ୍କ ପାଇଁ : ସଂପର୍କରେ ଥାଇକି ଅନ୍ୟ ସହିତ ଆକର୍ଷଣ

**ପ୍ରଫେସର ଡାକ୍ତର ସମ୍ରାଟ କର**



କଟକର ବର୍ଷାଳିଆ ଆକାଶରେ ଆଉ ତାରା ନଥିଲେ । ଉଇକେଣ୍ଡ ଥିବାରୁ ସେ ଦିନ ମୋର ରୋଜି ଦେଖାନଥିଲା ସୁଧୀର ଅଷ୍ଟ୍ରେଲିଆର ବ୍ରିସବେନ ସହର ସନ୍ଧ୍ୟାକାଳରୁ ସେଠି ରହୁଥିବା ମୋ ବାଲ୍ୟବନ୍ଧୁ ତେଜସର ସାନ ଭାଇ ମୋତେ ଫୋନ କରିଥିଲା । ମୋ ସାଙ୍ଗ ଏକ ବହୁ ରାଷ୍ଟ୍ରୀୟ କମ୍ପାନୀରେ ପଦସ୍ଥ କର୍ମଚାରୀ ଭାବେ ଅବସ୍ଥାପିତ । ମୋର ଯେତେଦୂର ମନେଅଛି ସେ କଲେଜରେ ଭଲ ପାଉଥିବା ପ୍ରିୟଙ୍କା ସହିତ ତାର ବାହାଘର ହୋଇଥିଲା । ପରେ ମନମାଳିନ୍ୟ ଭିତରେ ଦୁଇଜଣଙ୍କ ଜୀବନର ମୋଡ଼ ବଦଳି ଯାଇଥିଲା । ଯେତେଦୂର ମନେଅଛି ସମ୍ପର୍କ ଯୋଡ଼ିବା ପାଇଁ ତା ବନ୍ଧୁବାନ୍ଧବଙ୍କ ସହିତ ଆମେମାନେ ବି ଉଦ୍ୟମ କରିଥିଲୁ । ତେବେ ସାଙ୍ଗର ଜୀବନରେ ଆଉଜଣେ ଆସିଥିଲେ । ସେ ଥିଲେ ଗୌତମୀ । ତେବେ ଏହିପରି ଘରାବାଲୀ, ବାହାରବାଲୀ ପରି ଏକ ପ୍ରକାର ତା ଜୀବନ ଚାଲି ହିଁ ଥିଲା । ତେବେ କଥାର ଘମାସନ ଆରମ୍ଭ ହେଲା ସେଇଠି ଯେଉଁଠି ତା ଜୀବନର ତୃତୀୟ ନାୟିକାଙ୍କ ପ୍ରବେଶ ହୋଇଥିଲା । ସେ ଥିଲେ 'ନୟନତାରା' । ସାଙ୍ଗଟିର ଏପରି ଦୁଃଖଦ ମୁହୂର୍ତ୍ତ ଗୁଡ଼ାକୁ ଉଦାସ ଭାବ ନେଇ ଲମ୍ବା ଛାତ ଉପରେ ବିଞ୍ଚି ହୋଇ ପଡ଼ିଥିଲା । ମନେ ମନେ ଭାବୁଥିଲି ସତରେ ବୈବାହିକ ଜୀବନ ଭିତରେ ମଞ୍ଜି ସବୁ କଣ ଏମିତି ବିଞ୍ଚିହୁଏ ? ଆମ ମାନସିକ ଚିକିତ୍ସା ବିଜ୍ଞାନରେ ସମ୍ପର୍କରେ ଥାଇ ଅନ୍ୟ ପ୍ରତି ଆକର୍ଷିତ ହେବା ବା ଅନ୍ୟ ଜଣଙ୍କ ପ୍ରେମ ଜାଲରେ ପଡ଼ିବା ଏକ ପ୍ରକାର ମାନସିକ ବିକୃତି । ଯାହାର ନାମ ହେଉଛି କୁଶନିଂ । ତେବେ ବଡ଼ ବିଚିତ୍ର କଥା ଆଜିର ତଥାକଥିତ ଜେନଜିଙ୍କର ଏକ ପ୍ରକାର ଟ୍ରେଣ୍ଡ ଚାଲିଛି । ଏସବୁ ଶୁଣି ତା ସାନ ଭାଇକି କହିଲି - ଡେଟିଂର ସଂଜ୍ଞା କେବଳ ପ୍ରେମରେ ପଡ଼ିବା ଓ ବିବାହ କରିବାରେ ସୀମିତ ନାହିଁ । ଆଧୁନିକ ଡେଟିଂରେ ପ୍ରେମ ସହ ଭାବନାତ୍ମକ ସଂଯୋଗ ବିରଳ । ଜେନ ଜିଙ୍କ ପାଇଁ ଡେଟିଂ ପରିଭାଷା ସଂପୂର୍ଣ୍ଣ ଭିନ୍ନ । ଆଜିକାଲି ଡେଟିଂରେ କେବଳ ଦୁଇଜଣ ଯୁକ୍ତ ନୁହଁନ୍ତି ବରଂ ଏହା ଏକା ସାମୂହିକ ପ୍ରକଳ୍ପ ଭଳି । ଜଣ କାନ୍ଧରେ ମୁଣ୍ଡ ରଖି ଆଉ ଜଣଙ୍କ ପାଇଁ କାନ୍ଦିବା ଏହି ଡେଟିଂର ଅଜବ ଟ୍ରେଣ୍ଡ ।

ଜଣଙ୍କ ସହ ସମ୍ପର୍କରେ ଥାଇ ଅନ୍ୟ ଜଣଙ୍କ ପ୍ରତି ଆକର୍ଷିତ ହେବା ଏବେ ସାଧାରଣ । ଏକକାଳୀନ ଜଣେ ବ୍ୟକ୍ତି ଏକାଧିକଙ୍କୁ ଡେଟ କରିବା ଆଉ ନୂଆ ନୁହେଁ । ଜଣଙ୍କ ସହ ସମ୍ପର୍କରେ ଥିବା ସମୟରେ ଅନ୍ୟ ସହ ଫ୍ଲର୍ଟ କରିବା ଏବେ ସାମାନ୍ୟ କଥା । କେତେକ ନିଜ ସାଥୀଙ୍କୁ ଜଣାଇ ଏପରି କରୁଛନ୍ତି । କିନ୍ତୁ ଏହି ଧାରାରେ ଏକ ତଥାକଥିତ ଟକ୍କିକ ଟ୍ରେଣ୍ଡ ଦେଖିବାକୁ ମିଳୁଛି । ଆଧୁନିକ ପ୍ରଜନ୍ମ ଏହି ଟ୍ରେଣ୍ଡ ନାମ ଦେଇଛନ୍ତି କୁଶନିଂ । କୁଶନିଂରେ କୁଶନ ସାଜନ୍ତି ଜଣେ ତୃତୀୟ ବ୍ୟକ୍ତି । ଉଦାହରଣ ସ୍ୱରୂପ ପରୀକ୍ଷାକୁ ଯିବା ସମୟରେ ପ୍ରାୟ ସମସ୍ତେ ଦୁଇଟି କଲମ ସାଥିରେ ନେଇଥାନ୍ତି । ଗୋଟିଏ ମୁଖ୍ୟ କଲମ ଲେଖିବା ପାଇଁ, ଅନ୍ୟଟି ବ୍ୟାକ ଅପ୍ ଭାବରେ । ଯଦି ମୁଖ୍ୟ କଲମରୁ କାଳି ସରିଯାଏ କିମ୍ବା ମୁଖ୍ୟ କଲମଟି କୌଣସି ପରିସ୍ଥିତିରେ ଖରାପ ହୋଇଯାଏ, ତେବେ ଦ୍ୱିତୀୟ କଲମ କାମରେ ଆସେ । ଠିକ ସେହିଭଳି ହୁଏତ ପ୍ରଜନ୍ମ ଜଣକ ସହ ଗଭୀର ସଂପର୍କରେ ଥାଇ ବି ଅନ୍ୟ ଜଣଙ୍କୁ ବ୍ୟାକ ଅପ ଭାବରେ ରଖିବାକୁ ପସନ୍ଦ କରୁଛନ୍ତି । ଯଦି କୌଣସି ପରିସ୍ଥିତିରେ ଗଭୀର ସଂପର୍କରେ ବ୍ରେକଅପ୍ ହୋଇଯାଏ ତେବେ ଭାବନାତ୍ମକ ସାହାରା ନିମନ୍ତେ ବ୍ୟାକଅପରେ ଥିବା ବ୍ୟକ୍ତି ଜଣକ କାମରେ ଆସିବେ ।

ଯେତେବେଳେ ମୁଖ୍ୟ ସଂପର୍କ ଟିକେ ଫିକା ପଡ଼ି ଆସୁଥିବା ଭଳି ଲାଗେ, ସେତେବେଳେ ହିଁ ନିଜ ପାଇଁ ଏକ କୁଶନ ଖୋଜିବାର ବ୍ୟବସ୍ଥା କରନ୍ତି ଏହି ପ୍ରଜନ୍ମ । କିଛି କଣ ଭାବନାତ୍ମକ ସମର୍ଥନ ପାଇଁ ଏଭଳି ସଂପର୍କର ସାହାରା ନିଅନ୍ତି ଓ କେତେକ ଉଦ୍ଦେଶ୍ୟମୂଳକ ଭାବରେ ଏଭଳି କରିଥାନ୍ତି । ତେବେ ଏହାକୁ ମଧ୍ୟ ଏକ ପ୍ରକାରର ଠକାମି କୁହାଯାଇପାରିବ । ଅନ୍ୟପକ୍ଷରେ ବ୍ୟାକଅପ୍‌ରେ ଥିବା ବ୍ୟକ୍ତି ଜଣଙ୍କୁ କୁଶନ ଭାବରେ ଦେଖାଯାଏ । ଯେପରି ରାଗ ଲାଗିଲେ ଅନେକେ ରାଗିଥିବା ବ୍ୟକ୍ତିଙ୍କ ପରିବର୍ତ୍ତେ ତକିଆକୁ ପିଟି ରାଗ ବାହାର କରିଥାନ୍ତି, କାନ୍ଦ ଲାଗୁଥିଲେ ତକିଆକୁ ସାହାରା ଭାବି କାନ୍ଦିଥାନ୍ତି । ଠିକ ସେହିଭଳି ପ୍ରଥମ ବ୍ୟକ୍ତିଙ୍କ ଠାରୁ ଧୋକା ମିଳିବା ପରେ ବ୍ୟାକଅପରେ ଥିବା ବ୍ୟକ୍ତି ସାହାରା ଦେଇଥାନ୍ତି । କେତେକ କ୍ଷେତ୍ରରେ ଏହି ସଂପର୍କ ଆପୋଷ ବୁଝାମଣାରେ ଗଢ଼ି ଉଠିଥାଏ ତ କେତେବେଳେ ଦ୍ୱିତୀୟ ବ୍ୟକ୍ତି ନିଜ ଅସ୍ତିତ୍ୱକୁ ନେଇ ଦ୍ୱନ୍ଦ୍ୱରେ ଥାନ୍ତି । କିଛି କିଛି କ୍ଷେତ୍ରରେ ତୃତୀୟ ବ୍ୟକ୍ତି ପଞ୍ଚିଂ ବ୍ୟାଗ ପାଲଟିଯାଆନ୍ତି । ପ୍ରଥମ ସଂପର୍କରେ ଥିବା ରାଗ, ଅଭିମାନ, କ୍ରୋଧର ଶିକାର ତୃତୀୟ ବ୍ୟକ୍ତି ଜଣଙ୍କ ହିଁ ହୋଇଥାନ୍ତି । ତେବେ ଆପଣ ଯେଉଁ ସଂପର୍କରେ ଅଛନ୍ତି ସେଥିରେ ଆପଣ ମୁଖ୍ୟ ଚରିତ୍ର ନାଁ କେବଳ ଏକ କୁଶନ ଭାବରେ ବ୍ୟବହୃତ ତାହା ଜାଣିବା ପାଇଁ କେତୋଟି ସରଳ ଉପାୟ ଅବଲମ୍ବନ କରିପାରିବେ । ଆପଣଙ୍କ ସାଥୀ ଯଦି ସବୁବେଳେ ଆପଣଙ୍କୁ ଆବଶ୍ୟକୀୟ ସମୟ ଓ ଧ୍ୟାନ ଦେବା ପରିବର୍ତ୍ତେ, ମଝିରେ ମଝିରେ ଗୁରୁତ୍ୱ ଦେଉଛନ୍ତି ତେବେ ବୁଝିଯାଆନ୍ତୁ ଆପଣଙ୍କୁ ସେ କେବଳ ଜଣେ ସାହାରା ଭାବରେ ବ୍ୟବହାର କରୁଛନ୍ତି । ଯଦି ଆପଣଙ୍କ ସଂପର୍କ ଦୀର୍ଘ ବର୍ଷ ଧରି ଚାଲିଛି, ଆପଣ ବାରମ୍ବାର ଘୋଷ୍ଟିଂ ଭଳି ପରିସ୍ଥିତିର ସାମ୍ନା କରୁଛନ୍ତି ତଥାପି ଆପଣଙ୍କ ସାଥୀ ସଂପର୍କକୁ ନେଇ କୌଣସି ସ୍ପଷ୍ଟୋକ୍ତି ଦେଉନାହାନ୍ତି ତେବେ ଆପଣ କୁଶନିଂ ଭଳି ବିଷାକ୍ତ ଟ୍ରେଣ୍ଡର ଶିକାର । ତେବେ ଯଦି ଉପରୋକ୍ତ ପରିସ୍ଥିତି ଭିତରୁ ଆପଣ କୌଣସି ଗୋଟିଏର ସମ୍ମୁଖୀନ ହେଉଥିବେ, ତେବେ ବେଳ ଥାଉ ଥାଉ ସେଭଳି ସଂପର୍କରୁ ଦୂରେଇ ଯାଆନ୍ତୁ । ଜୀବନର ଆନନ୍ଦମୟ, ବିଷାଦମୟ ପ୍ରେମର ସବୁଜିମାରେ ବେଳେ ବେଳେ ଝରି ପଡ଼େ ବିଷାଦର ଗ୍ରୀଷ୍ମତାତି । ଅଣନିଃଶ୍ୱାସୀ ହୋଇ ଜଣେ ସାହାରା ଖୋଜିଲା ବେଳକୁ ଜଣେ ଅପରିଚିତ ଭେଟି ହୋଇଯାଏ । ଭାଙ୍ଗି ଯାଇଥିବା ଅସଜଡ଼ା ମନ ହୁଏତ କିଛି ସମୟ ପାଇଁ ଅପରିଚିତ ଚରିତ୍ରଟି ପାଖରେ । ଦେହ ଓ ପ୍ରେମ ଓ ମନ ଏ ସବୁର ପରବର୍ତ୍ତୀ ମୁହୂର୍ତ୍ତକୁ ସାମ୍ନା କଲାବେଳକୁ ପଛରେ ରହିଯାଆନ୍ତି ଆଉ କିଛି ଚରିତ୍ର । ଦିନେ ଯେଉଁମାନଙ୍କୁ ସେ ସାଥୀ ହେବା ପାଇଁ ଜନ୍ମାଜନ୍ତରପାଇଁ ସୁଖ ଦୁଃଖ ବାଣ୍ଟିବାକୁ । ତେବେ ଏ କ୍ଷେତ୍ରରେ ପୀଡ଼ିତ ପରିବାର ବର୍ଗଙ୍କ ଅନେକ ଗୁରୁଦାୟିତ୍ୱ ରହିଛି । ପୁରୁଷ ପୀଡ଼ିତଙ୍କ କ୍ଷେତ୍ରରେ ତାଙ୍କ ପୂର୍ବତନ ପତ୍ନୀ ବା ପୂର୍ବତନ ପ୍ରେମିକା ତାଙ୍କୁ ନେଇ କୌଣସି କଟାକ୍ଷ କରନ୍ତୁ ନାହିଁ । ବରଂ ତାଙ୍କୁ ଏକ ସକାରାତ୍ମକ ଚିନ୍ତା ଭିତରେ ବ୍ୟସ୍ତ ରଖନ୍ତୁ । ସେ ଯେପରି କୌଣସି ମାଦକ ଦ୍ରବ୍ୟର ସାହାରା ନ ନିଅନ୍ତି ସେ ଦିଗକୁ ଦେଖନ୍ତୁ । ତାଙ୍କୁ ସୁଷମ ଖାଦ୍ୟ, ସବୁଜ ପନିପରିବା ଫଳ, ଏ ସବୁ ତାଙ୍କ ମେନ୍ୟୁରେ ରଖନ୍ତୁ । ବର୍ତ୍ତମାନ କିଛି ଦିନ ତଳେ ଲୋକପ୍ରିୟ ହିନ୍ଦୀ ନାୟକ ଅମିର ଖାଁଙ୍କ ତୃତୀୟସ୍ଥ ପ୍ରେମ ବିବାହକୁ ନେଇ ଅନେକ ଚର୍ଚ୍ଚା ଉଠିଥିଲା । ବାସ୍ତବରେ ଆମ ହିନ୍ଦୁ ବୈବାହିକ ବ୍ୟବସ୍ଥାରେ ଏ ସବୁ ଗ୍ରହଣୀୟ ହୋଇନଥାଏ । ଜଣଙ୍କର ଏପରି ଆଚରଣ ମାନସିକ ବିକୃତି ପର୍ଯ୍ୟାୟର । ସବୁଠାରୁ ବଡ଼କଥା ହେଉଛି ଲୋକଟିକୁ ଆଶ୍ୱାସନା ଦିଅନ୍ତୁ ବାରମ୍ବାର ଏପରି ପ୍ରେମର ଆଗପଛ ଖେଳକୁ ନେଇ ପ୍ରୋତ୍ସାହିତ କରନ୍ତୁ ନାହିଁ କିମ୍ବା ତାଙ୍କୁ ବିଷାଦଗ୍ରସ୍ତ ସମୟରେ ଅପମାନିତ କରନ୍ତୁ ନାହିଁ । କାରଣ ଏ କ୍ଷେତ୍ରରେ ପୀଡ଼ିତ ଜଣଙ୍କ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଦେବାର ସମ୍ଭାବନା ଥାଏ । ଜୀବନର ଲମ୍ବା ପଥରେ ଅନେକ ଝଡ଼ ଆସିଥାଏ । ତେଣୁ ଝଡ଼କୁ ସାମ୍ନା କରି ନିଶ୍ଚିନ୍ତ ଜୀବନକୁ ଆଗେଇ ନେବା..... । ନିଜ ସଂସାର କି ସୁନ୍ଦର ଯେଉଁଠି ପ୍ରେମ ଅନନ୍ତ ଆନନ୍ଦର ଦିଗନ୍ତ ବିସ୍ତାରୀ ସାଗର ।

ମାନସିକରୋଗ ବିଶେଷଜ୍ଞ, ଦି'ବ୍ରେନ,
ପୁରୀଘାଟ ରୋଡ଼, କଟକ,
(ମୋ) ୯୧୩୨୪୩୩୩୩୩

# ପ୍ରଶ୍ନପତ୍ର ଲିକ୍ ମହାମାରୀ

ଭାରତବର୍ଷରେ ପ୍ରତିଯୋଗିତାମୂଳକ ପରୀକ୍ଷା ବ୍ୟବସ୍ଥାର ସ୍ୱଚ୍ଛତା ଏବଂ ନିରପେକ୍ଷତା ଉପରେ ଏବେ ଏକ ବଡ଼ ପ୍ରଶ୍ନଚିହ୍ନ ସୃଷ୍ଟି ହୋଇଛି । ନିକଟରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟ କର୍ଣ୍ଣାଟକ ଲୋକସେବା ଆୟୋଗ (କେପିଏସସି) ର ନିଲମ୍ବିତ ଅଧ୍ୟକ୍ଷ ସାହୁକାର ଏସ ଶିବଶଙ୍କରପ୍ପାଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିବା ସମୟରେ ଯେଉଁ ଟିପ୍ପଣୀ ଦେଇଛନ୍ତି, ତାହା ସମଗ୍ର ଦେଶର ପରୀକ୍ଷା ବ୍ୟବସ୍ଥାର ବିପର୍ଯ୍ୟସ୍ତ ସ୍ଥିତିକୁ ପଦାରେ ପକାଇଛି । ନ୍ୟାୟାଳୟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ପରୀକ୍ଷା ପରିଚାଳନାରେ ଘଟୁଥିବା ବ୍ୟବସ୍ଥିତ ଜାଲିଆତି କାରଣରୁ ସାଧାରଣ ଜନତାଙ୍କର ଦେଶର ପରୀକ୍ଷା ବ୍ୟବସ୍ଥା ଉପରୁ ବିଶ୍ୱାସ ତୁଟିବାରେ ଲାଗିଛି । କେପିଏସସି ଦ୍ୱାରା ପରିଚାଳିତ ପଶୁ ଚିକିତ୍ସକ ନିଯୁକ୍ତି ପରୀକ୍ଷାରେ ହୋଇଥିବା ବ୍ୟାପକ ଦୁର୍ନୀତି କେବଳ ଗୋଟିଏ ରାଜ୍ୟର ସମସ୍ୟା ନୁହେଁ, ବରଂ ଏହା ସମଗ୍ର ଦେଶରେ ଚାଲିଥିବା ପ୍ରଶ୍ନପତ୍ର ଲିକ୍ ମାଫିଆଙ୍କ ଦୌରାତ୍ମ୍ୟର ଏକ ଜ୍ୱଳନ୍ତ ଉଦାହରଣ । ଚଳିତ ବର୍ଷ ଜାନୁଆରୀ ମାସରେ ୪୦୦ ପଶୁ ଚିକିତ୍ସକ ପଦବୀ ପାଇଁ ଅନୁଷ୍ଠିତ ହୋଇଥିବା ଏହି ପରୀକ୍ଷାରେ ବ୍ୟାପକ ଅର୍ଥ କାରବାର ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣା ପ୍ରମାଣ କରୁଛି ଯେ ଯୋଗ୍ୟତା ଏବଂ ମେଧା ଉପରେ ଅର୍ଥବଳ ଏବଂ କ୍ଷମତାର ପ୍ରଭାବ କିପରି ଭାରି ପଡୁଛି ।

କେପିଏସସି ପଶୁ ଚିକିତ୍ସକ ନିଯୁକ୍ତି ଦୁର୍ନୀତିର ତଦନ୍ତରୁ ଅନେକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । କର୍ଣ୍ଣାଟକ ଅପରାଧ ଅନୁସନ୍ଧାନ ବିଭାଗ (ସିଆଇଡି) ର ରିପୋର୍ଟ ଅନୁଯାୟୀ, ପ୍ରାର୍ଥୀମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ୮୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଞ୍ଚ ଦେଇଥିଲେ । ଏହି ଦୁର୍ନୀତିରେ ନିଲମ୍ବିତ ଅଧ୍ୟକ୍ଷ ଶିବଶଙ୍କରପ୍ପା, ତାଙ୍କ ପୁଅ, ଆୟୋଗର ପରୀକ୍ଷା ନିୟନ୍ତ୍ରକ ତଥା ଆଇଏଏସ ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଏବଂ ବସବରାଜ କନ୍ନାଲେ ନାମକ ଜଣେ ମଧ୍ୟସ୍ଥଙ୍କର ସିଧାସଳଖ ସମ୍ପୃକ୍ତି ଥିବା ଜଣାପଡିଛି । ପରୀକ୍ଷା ପୂର୍ବରୁ ପ୍ରାର୍ଥୀମାନଙ୍କୁ ଗୋପନୀୟ ସ୍ଥାନ, ଯେପରିକି ହୋଟେଲ ଏବଂ ରିସର୍ଟରେ ରଖାଯାଇ ପ୍ରଶ୍ନପତ୍ର ଏବଂ ଉତ୍ତର ପ୍ରଦାନ କରାଯାଇଥିଲା । ପରଦିନ ସେମାନଙ୍କୁ ସିଧାସଳଖ ପରୀକ୍ଷା କେନ୍ଦ୍ରରେ ଛଡାଯାଇଥିଲା । ଜାନୁଆରୀ ୮ ଏବଂ ୯ ତାରିଖରେ ହୋଇଥିବା ଏହି ପରୀକ୍ଷାରେ ମୋଟ ୩୨୯ ଜଣ ପ୍ରାର୍ଥୀ ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୯ ଜଣ ପ୍ରାର୍ଥୀ ସମ୍ପୂର୍ଣ୍ଣ ବେଆଇନ ଭାବେ ମନୋନୀତ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଏହି ସମସ୍ତ ପ୍ରକ୍ରିୟା ଏତେ ସୁଚିନ୍ତିତ ଏବଂ ସୁସଂଗଠିତ ଥିଲା ଯେ, ଇଣ୍ଟରନେଟ୍ କଲ୍ ମାଧ୍ୟମରେ ଅଭିଯୁକ୍ତମାନେ ନିଜ ନିଜ ଭିତରେ ଯୋଗାଯୋଗ କରୁଥିଲେ । ଜଣେ ଉଚ୍ଚପଦସ୍ଥ ଅଧିକାରୀ, ଯାହାଙ୍କ ଉପରେ ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣର ଦାୟିତ୍ୱ ନ୍ୟସ୍ତ ଥିଲା, ସେ ନିଜେ ଏହି ଦୁର୍ନୀତିର ମୁଖ୍ୟ ନାୟକ ସାଜିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହା ପୂର୍ବରୁ ମଧ୍ୟ ଶିବଶଙ୍କରପ୍ପା ନିଜ ଝିଅକୁ ଜାଲ୍ ଆୟ ପ୍ରମାଣପତ୍ର ଦେଇ ଶିକ୍ଷ ସମ୍ପ୍ରସାରଣ ଅଧିକାରୀ ଭାବେ ନିଯୁକ୍ତି ଦେଇଥିବା ଅଭିଯୋଗରେ ରାଜ୍ୟପାଳଙ୍କ ଦ୍ୱାରା ନିଲମ୍ବିତ ହୋଇଥିଲେ । ଏହା ପ୍ରଶାସନିକ ସ୍ତରରେ ଥିବା ନୈତିକ ସ୍ଖଳନର ଚରମ ସୀମାକୁ ଦର୍ଶାଉଛି ।

ଏହି ମାମଲାର ଶୁଣାଣି ସମୟରେ ବିଚାରପତି ବିଶ୍ୱଜିତ୍ ସେଟ୍ଟୀ ଯେଉଁ ମୌଖିକ ଟିପ୍ପଣୀ ଦେଇଛନ୍ତି, ତାହା ପ୍ରତ୍ୟେକ ନାଗରିକଙ୍କୁ ଗଭୀର ଭାବେ ଚିନ୍ତା କରିବାକୁ ବାଧ୍ୟ କରିବ । ସେ ନିଟ୍ (NEET) ପରୀକ୍ଷାରେ ଅନିୟମିତତା କାରଣରୁ ଆତ୍ମହତ୍ୟା କରୁଥିବା ମେଧାବୀ ଛାତ୍ରଛାତ୍ରୀଙ୍କ ଉଦାହରଣ ଦେଇ କହିଥିଲେ ଯେ ଏଥିରେ ସେହି ପିଲାମାନଙ୍କର କଣ ଭୁଲ୍ ଥିଲା । ପରିବାରଗୁଡିକ ଯେଉଁ କ୍ଷତି ସହୁଛନ୍ତି, ତାହାର ଭରଣା କିଏ କରିବ ବୋଲି ସେ ପ୍ରଶ୍ନ କରିଥିଲେ । ନ୍ୟାୟାଳୟ ସ୍ପଷ୍ଟ କରିଥିଲେ ଯେ ଏହା କେବଳ ଗୋଟିଏ ପରୀକ୍ଷା ଫଳାଫଳର ପ୍ରଶ୍ନ ନୁହେଁ, ବରଂ ଏହା ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଜଡିତ ଅଛି । ଏଭଳି ସୁସଂଗଠିତ ଅପରାଧ କରୁଥିବା ବ୍ୟକ୍ତିମାନଙ୍କୁ ତୁରନ୍ତ ଗିରଫ କରାଯିବା ଉଚିତ୍ ଏବଂ ସେମାନଙ୍କୁ ଖୋଲାରେ ବୁଲିବାକୁ ସୁଯୋଗ ଦେବା ଅନୁଚିତ୍ ବୋଲି ନ୍ୟାୟାଳୟ ମତବ୍ୟକ୍ତ କରିଥିଲେ । ଏହି ଟିପ୍ପଣୀ କେବଳ ଜଣେ ବିଚାରପତିଙ୍କର ନୁହେଁ, ବରଂ ଏହା ସମଗ୍ର ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ପିତାମାତାଙ୍କର ଅନ୍ତରର ବେଦନାକୁ ପ୍ରତିଫଳିତ କରୁଛି । ଯେତେବେଳେ ବ୍ୟବସ୍ଥାର ରକ୍ଷକମାନେ ଭକ୍ଷକ ସାଜନ୍ତି, ସେତେବେଳେ ସାଧାରଣ ଲୋକଙ୍କର ନ୍ୟାୟ ବ୍ୟବସ୍ଥା ଉପରୁ ଆସ୍ଥା ତୁଟିଯିବା ସ୍ୱାଭାବିକ । କେପିଏସସି ଅଧ୍ୟକ୍ଷଙ୍କ ଜାମିନ ଆବେଦନ ଖାରଜ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, କିନ୍ତୁ ଏହା କେବଳ ଏକ ଆରମ୍ଭ ମାତ୍ର । ପ୍ରକୃତ ନ୍ୟାୟ ସେତେବେଳେ ମିଳିବ ଯେତେବେଳେ ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ କଠୋରରୁ କଠୋର ଦଣ୍ଡ ମିଳିବ ଏବଂ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ହେବ ନାହିଁ । ଯଦି ଆମେ ସମଗ୍ର ଦେଶର ଚିତ୍ର ଦେଖିବା, ତେବେ ଏହା ସ୍ପଷ୍ଟ ହେବ ଯେ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଏବେ ଏକ ଜାତୀୟ ସମସ୍ୟାରେ ପରିଣତ ହୋଇଛି । ବିଭିନ୍ନ ତଥ୍ୟ ଏବଂ ରିପୋର୍ଟ ଅନୁଯାୟୀ, ୨୦୧୯ ମସିହା ଠାରୁ ଆଜି ପର୍ଯ୍ୟନ୍ତ ଭାରତରେ ୬୫ ରୁ ଅଧିକ ପ୍ରମୁଖ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇସାରିଲାଣି । ନିକଟ ଅତୀତରେ ହୋଇଥିବା ନିଟ୍-ୟୁଜି, ୟୁଜିସି-ନେଟ୍ ଏବଂ ଉତ୍ତରପ୍ରଦେଶ ପୋଲିସ କନଷ୍ଟେବଳ ନିଯୁକ୍ତି ପରୀକ୍ଷାରେ ହୋଇଥିବା ଅନିୟମିତତା ଏହାର ସଦ୍ୟତମ ଉଦାହରଣ । ରାଜସ୍ଥାନ, ଗୁଜରାଟ, ବିହାର, ହରିୟାଣା ଏବଂ କର୍ଣ୍ଣାଟକ ଭଳି ରାଜ୍ୟଗୁଡିକରେ ଏହି ସମସ୍ୟା ଅଧିକ ଉତ୍କଟ ରୂପ ଧାରଣ କରିଛି । ଏହି ପ୍ରଶ୍ନପତ୍ର ଲିକ୍ ପଛରେ ଏକ ବଡ଼ ସଙ୍ଗଠିତ ଅପରାଧିକ ନେଟୱାର୍କ କାମ କରୁଛି, ଯେଉଁଥିରେ ପ୍ରିଣ୍ଟିଂ ପ୍ରେସ୍ ମାଲିକ, ପରୀକ୍ଷା କେନ୍ଦ୍ରର ଅଧିକାରୀ, କୋଚିଂ ସେଣ୍ଟର ମାଲିକ ଏବଂ କିଛି ଦୁର୍ନୀତିଗ୍ରସ୍ତ ସରକାରୀ ବାବୁ ସାମିଲ ଅଛନ୍ତି । ଅଧିକାଂଶ କ୍ଷେତ୍ରରେ ଦେଖାଯାଇଛି ଯେ ପ୍ରଶ୍ନପତ୍ର ଛପା ହେଉଥିବା ପ୍ରେସ୍ କିମ୍ବା ଟ୍ରାନ୍ସପୋର୍ଟ ସମୟରେ ହିଁ ଏହା ଲିକ୍ ହୋଇଯାଉଛି । ଗୋଟିଏ ପରୀକ୍ଷା ବାତିଲ ହେଲେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ନଷ୍ଟ ହେବା ସହିତ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କର ବହୁମୂଲ୍ୟ ସମୟ ମଧ୍ୟ ବୃଥା ହୋଇଥାଏ । ପରିସଂଖ୍ୟାନ ଦର୍ଶାଉଛି ଯେ ପ୍ରତିବର୍ଷ କୋଟି କୋଟି ଯୁବକଯୁବତୀ ସରକାରୀ ଚାକିରି ଆଶାରେ ପରୀକ୍ଷା ଦେଉଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଗରିବ ଏବଂ ମଧ୍ୟବିତ୍ତ ପରିବାରରୁ ଆସିଥାନ୍ତି ।

ଏହି ସମସ୍ୟାର ସାମାଜିକ ଏବଂ ମାନସିକ ପ୍ରଭାବ ଅତ୍ୟନ୍ତ ଭୟଙ୍କର ଅଟେ । ତଥ୍ୟ ଏବଂ ପରିସଂଖ୍ୟାନ କେବଳ ମୁଦ୍ରାର ଗୋଟିଏ ପାର୍ଶ୍ୱକୁ ଦର୍ଶାଏ, କିନ୍ତୁ ପ୍ରକୃତ କ୍ଷତି ହେଉଛି ମେଧାର ହତ୍ୟା । ନିଜ ପିଲାମାନଙ୍କୁ କୋଚିଂ ଦେବା ପାଇଁ ଅନେକ ପିତାମାତା ଜମିବାଡି ବିକ୍ରି କରିବାକୁ ବାଧ୍ୟ ହୁଅନ୍ତି କିମ୍ବା ବ୍ୟାଙ୍କରୁ ଋଣ ଆଣନ୍ତି । ଛାତ୍ରଛାତ୍ରୀମାନେ ବର୍ଷ ବର୍ଷ ଧରି ନିଜ ଘରଠାରୁ ଦୂରରେ ରହି କଠିନ ପରିଶ୍ରମ କରନ୍ତି । କିନ୍ତୁ ଯେତେବେଳେ ପ୍ରଶ୍ନପତ୍ର ଲିକ୍ କାରଣରୁ ପରୀକ୍ଷା ବାତିଲ ହୁଏ, ସେତେବେଳେ ସେହି ପରିବାରଗୁଡିକ ଉପରେ ଦୁଃଖର ପାହାଡ ଖସିପଡେ । ଗୋଟିଏ ପରୀକ୍ଷା ବାତିଲ ହେବାର ଅର୍ଥ ହେଉଛି ଆଉ ଗୋଟିଏ ବର୍ଷର ଅପେକ୍ଷା, ଆଉ ଗୋଟିଏ ବର୍ଷର ଆର୍ଥିକ ବୋଝ ଏବଂ ମାନସିକ ଚାପ । ଅନେକ ଛାତ୍ରଛାତ୍ରୀ ଏହି ଚାପକୁ ସହ୍ୟ ନକରିପାରି ମାନସିକ ଅବସାଦର ଶିକାର ହେଉଛନ୍ତି ଏବଂ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ଗ୍ରହଣ କରୁଛନ୍ତି । ଯେଉଁ ଦେଶ ନିଜର ଯୁବପିଢିଙ୍କୁ ଏକ ସ୍ୱଚ୍ଛ ପ୍ରତିଯୋଗିତାର ପରିବେଶ ଦେଇପାରୁନାହିଁ, ସେହି ଦେଶର ଭବିଷ୍ୟତ କେବେବି ଉଜ୍ଜ୍ୱଳ ହୋଇପାରିବ ନାହିଁ । ଏହା ଏକ ପ୍ରକାରର ସାମାଜିକ ଅନ୍ୟାୟ ଯାହା ସିଧାସଳଖ ଗରିବ ଏବଂ ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରଭାବିତ କରୁଛି ।

ଏହି ବଢୁଥିବା ସମସ୍ୟାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ନିକଟରେ କିଛି ଦୃଢ ପଦକ୍ଷେପ ଗ୍ରହଣ କରିଛନ୍ତି । ୨୦୨୪ ମସିହାରେ ସାର୍ବଜନୀନ ପରୀକ୍ଷା (ଅନୁଚିତ ଉପାୟ ନିବାରଣ) ଆଇନ ଲାଗୁ କରାଯାଇଥିଲା, ଯାହା ଅଧୀନରେ ୟୁପିଏସସି, ଏସଏସସି, ରେଳବାଇ ଏବଂ ଏନଟିଏ ଭଳି ପ୍ରମୁଖ ସଂସ୍ଥାଗୁଡିକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହାକୁ ଆହୁରି କଠୋର କରିବା ଉଦ୍ଦେଶ୍ୟରେ ୨୦୨୬ ମସିହାରେ ଏକ ସଂଶୋଧନ ବିଲ୍ ସଂସଦରେ ପାରିତ ହୋଇଛି । ଏହି ନୂତନ ସଂଶୋଧିତ ଆଇନ ଅନୁଯାୟୀ, ପରୀକ୍ଷାରେ ଅନିୟମିତତା କରୁଥିବା ବ୍ୟକ୍ତିଙ୍କ ପାଇଁ ଦଣ୍ଡବିଧାନକୁ ବୃଦ୍ଧି କରାଯାଇ ୫ ରୁ ୧୦ ବର୍ଷ କାରାଦଣ୍ଡର ବ୍ୟବସ୍ଥା କରାଯାଇଛି ଏବଂ ଜୋରିମାନା ରାଶିକୁ ୧୦ ଲକ୍ଷରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସେହିପରି ଏହି ଅପରାଧରେ ସମ୍ପୃକ୍ତ ଥିବା ସେବା ପ୍ରଦାନକାରୀ ସଂସ୍ଥାଗୁଡିକ ପାଇଁ ସର୍ବାଧିକ ଜୋରିମାନା ୧ କୋଟିରୁ ୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ଏବଂ ସେମାନଙ୍କୁ ୮ ବର୍ଷ ପର୍ଯ୍ୟନ୍ତ କୌଣସି ପରୀକ୍ଷା ପରିଚାଳନା କରିବାରୁ ବାରଣ କରିବାର ବ୍ୟବସ୍ଥା ରହିଛି । ଏହା ସହିତ ଦ୍ରୁତ ବିଚାର ପାଇଁ ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ କୋର୍ଟ ଏବଂ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରିବାର ପ୍ରାବଧାନ ମଧ୍ୟ ଏହି ଆଇନରେ ଅନ୍ତର୍ଭୁକ୍ତ କରାଯାଇଛି । ସରକାରଙ୍କର ଏହି ପଦକ୍ଷେପ ନିଶ୍ଚିତ ଭାବରେ ଏକ ସକାରାତ୍ମକ ଦିଗକୁ ଇଙ୍ଗିତ କରୁଛି, କିନ୍ତୁ କେବଳ ଆଇନ ପ୍ରଣୟନ କରିଦେଲେ ସମସ୍ୟାର ସମାଧାନ ହୋଇଯିବ ନାହିଁ । ଭାରତରେ ଆଇନର ଅଭାବ ନାହିଁ, ବରଂ ଏହାର କଠୋର ଅନୁପାଳନର ଅଭାବ ରହିଛି । ଅତୀତରେ ଅନେକ କ୍ଷେତ୍ରରେ ଦେଖାଯାଇଛି ଯେ ପ୍ରଭାବଶାଳୀ ବ୍ୟକ୍ତିମାନେ ଆଇନର ଗଳାବାଟ ଦେଇ ଖସିଯିବାରେ ସକ୍ଷମ ହୁଅନ୍ତି । ତେଣୁ ଏହି ନୂତନ ଆଇନର ସଫଳତା ଏହାର କାର୍ଯ୍ୟକାରିତା ଏବଂ ତଦନ୍ତକାରୀ ସଂସ୍ଥାଗୁଡିକର ସ୍ୱଚ୍ଛତା ଉପରେ ନିର୍ଭର କରେ ।

ଆଇନଗତ ବ୍ୟବସ୍ଥା ବ୍ୟତୀତ ପରୀକ୍ଷା ପରିଚାଳନାର ବୈଷୟିକ ଦିଗରେ ମଧ୍ୟ ବ୍ୟାପକ ସଂସ୍କାର ଆଣିବାର ଆବଶ୍ୟକତା ରହିଛି । ପ୍ରଶ୍ନପତ୍ର ପ୍ରସ୍ତୁତି ଠାରୁ ଆରମ୍ଭ କରି ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଡିଜିଟାଲାଇଜ୍ ଏବଂ ଏନକ୍ରିପ୍ଟ କରାଯିବା ଉଚିତ୍ । ବ୍ଲକଚେନ୍ ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଭଳି ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର ଦ୍ୱାରା ପ୍ରଶ୍ନପତ୍ର ଲିକ୍ ହେବାର ସମ୍ଭାବନାକୁ ବହୁ ମାତ୍ରାରେ କମାଯାଇପାରିବ । ପରୀକ୍ଷା କେନ୍ଦ୍ରଗୁଡିକରେ ସିସିଟିଭି କ୍ୟାମେରା, ବାୟୋମେଟ୍ରିକ୍ ଯାଞ୍ଚ ଏବଂ ଜାମରର ବ୍ୟବହାରକୁ ବାଧ୍ୟତାମୂଳକ କରାଯିବା ଦରକାର । ଏହା ସହିତ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥାଗୁଡିକର ଅଧିକାରୀମାନଙ୍କର ନିୟମିତ ବ୍ୟବଧାନରେ ପୃଷ୍ଠଭୂମି ଯାଞ୍ଚ ହେବା ଆବଶ୍ୟକ । କେପିଏସସି ଘଟଣାରେ ଯେପରି ଆୟୋଗର ଅଧ୍ୟକ୍ଷ ଏବଂ ପରୀକ୍ଷା ନିୟନ୍ତ୍ରକ ନିଜେ ଦୁର୍ନୀତିରେ ସାମିଲ ଥିଲେ, ତାହା ପ୍ରମାଣ କରୁଛି ଯେ ବ୍ୟବସ୍ଥା ଭିତରେ ଥିବା ଲୋକଙ୍କ ଉପରେ କଡା ନଜର ରଖିବା ନିହାତି ଜରୁରୀ । ସରକାରୀ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ଏକ କେନ୍ଦ୍ରୀୟ ମଡେଲକୁ ସମସ୍ତ ରାଜ୍ୟ ଲୋକସେବା ଆୟୋଗ ଅନୁସରଣ କରିବା ଉଚିତ୍ । ରାଜନୈତିକ ହସ୍ତକ୍ଷେପରୁ ମୁକ୍ତ ରଖି ଏହି ଆୟୋଗଗୁଡିକୁ ସମ୍ପୂର୍ଣ୍ଣ ସ୍ୱାଧୀନ ଭାବେ କାର୍ଯ୍ୟ କରିବାକୁ ଦେଲେ ହିଁ ମେଧାବୀ ଛାତ୍ରଛାତ୍ରୀମାନେ ନ୍ୟାୟ ପାଇପାରିବେ । ଏଥିସହ ବେଆଇନ କୋଚିଂ ସେଣ୍ଟରଗୁଡିକ ଉପରେ ମଧ୍ୟ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ଯେଉଁମାନେ ଏହି ମାଫିଆ ନେଟୱାର୍କର ଏକ ପ୍ରମୁଖ ଅଂଶ ପାଲଟିଛନ୍ତି ।

ଯୁବଗୋଷ୍ଠୀ ହେଉଛନ୍ତି ଦେଶର ଭବିଷ୍ୟତ ଏବଂ ମାନବ ସମ୍ବଳର ମୂଳଦୁଆ । ଯଦି ସେମାନଙ୍କ ମନରେ ବ୍ୟବସ୍ଥା ପ୍ରତି ଅବିଶ୍ୱାସ ଏବଂ ହତାଶା ଭାବ ସୃଷ୍ଟି ହୁଏ, ତେବେ ଏହା ସମଗ୍ର ଦେଶର ପ୍ରଗତିକୁ ବାଧାପ୍ରାପ୍ତ କରିବ । କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟାନ୍ତମୂଳକ ରାୟ ଏବଂ କଠୋର ଆଭିମୁଖ୍ୟ ଅନ୍ୟ ନ୍ୟାୟାଳୟ ଏବଂ ତଦନ୍ତକାରୀ ସଂସ୍ଥାଗୁଡିକ ପାଇଁ ଏକ ଉଦାହରଣ ସାଜିବା ଉଚିତ୍ । କେପିଏସସି ପଶୁ ଚିକିତ୍ସକ ନିଯୁକ୍ତି ଦୁର୍ନୀତି ମାମଲାରେ ସମ୍ପୃକ୍ତ ଥିବା ସମସ୍ତ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ, ତାହା ଭବିଷ୍ୟତରେ ଏଭଳି ଅପରାଧ କରିବାକୁ ଚିନ୍ତା କରୁଥିବା ବ୍ୟକ୍ତିଙ୍କ ମନରେ ଭୟ ସୃଷ୍ଟି କରିବ । ସରକାର, ପ୍ରଶାସନ ଏବଂ ନ୍ୟାୟପାଳିକା ସମସ୍ତେ ମିଳିତ ଭାବେ ଏହି ପ୍ରଶ୍ନପତ୍ର ଲିକ୍ ମହାମାରୀ ବିରୋଧରେ ଲଢେଇ କରିବା ଆବଶ୍ୟକ । କେବଳ ନିର୍ଭୁଲ ଏବଂ ସ୍ୱଚ୍ଛ ପରୀକ୍ଷା ବ୍ୟବସ୍ଥା ହିଁ ପ୍ରକୃତ ମେଧାବୀଙ୍କୁ ସେମାନଙ୍କର ହକ୍ ପ୍ରଦାନ କରିପାରିବ ଏବଂ ଦେଶକୁ ଏକ ସୁଦୃଢ ଭବିଷ୍ୟତ ଆଡକୁ ନେଇଯାଇପାରିବ । ଏହି ଦିଗରେ ସମାଜର ପ୍ରତ୍ୟେକ ବର୍ଗର ଲୋକମାନେ ମଧ୍ୟ ସଚେତନ ହେବା ଜରୁରୀ, ଯାହାଦ୍ୱାରା ଦୁର୍ନୀତିଗ୍ରସ୍ତ ବ୍ୟବସ୍ଥା ଉପରେ ନିରନ୍ତର ଚାପ ସୃଷ୍ଟି କରାଯାଇପାରିବ ଏବଂ ଆମର ଯୁବପିଢିଙ୍କ ସ୍ୱପ୍ନକୁ ସୁରକ୍ଷିତ ରଖାଯାଇପାରିବ । ତେଣୁ, ସମୟ ଆସିଛି ଯେତେବେଳେ କେବଳ ପ୍ରତିଶ୍ରୁତି ନୁହେଁ, ବରଂ କଠୋର କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ପରୀକ୍ଷା ବ୍ୟବସ୍ଥାର ପବିତ୍ରତାକୁ ପୁନଃସ୍ଥାପିତ କରିବାକୁ ପଡିବ ।

# ଜୀବଜନ୍ତୁଙ୍କ ଠାରୁ ବଡ଼ ବୋଝ ପ୍ଲାଷ୍ଟିକ ଓଜନ !



## ସତ୍ୟ ମହାପାତ୍ର

ବର୍ତ୍ତମାନ ନେପାଳର ପ୍ରାକୃତିକ ବିପର୍ଯ୍ୟୟ ଏବଂ ଓଡ଼ିଶାରେ ବିଭିନ୍ନ ବନ୍ୟା ତଥା ଭୂସ୍ଖଳନ କହିବାକୁ ଗଲେ ଏକ ପ୍ରକାର ପରିବେଶଗତ କ୍ଷେତ୍ରକୁ ଯେତିକ ଚିନ୍ତିତ କରିନାହିଁ ସେତିକ ଉଦବେଗ ଯୋଡ଼ିଛି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଆମ ମାନଙ୍କ ଦ୍ୱାରା ଉତ୍ପାଦିତ ପ୍ଲାଷ୍ଟିକର ପରିମାଣ ଏତେ ବଢ଼ିଗଲାଣି ଯେ ଦୁନିଆରେ ଥିବା ସମସ୍ତ ଜୀବଜନ୍ତୁଙ୍କୁ ମିଶାଇ ଓଜନ କଲେ ଯେତିକି ହେବ ପ୍ଲାଷ୍ଟିକର ଓଜନ ତା ଠାରୁ ଅଧିକ। କିଛି ଦିନ ତଳେ ନର୍ଥଇଷ୍ଟର୍ଣ୍ଣ ୟୁନିଭରସିଟିର ବରିଷ୍ଠ ଗବେଷକ ବୈଜ୍ଞାନିକ ଡକ୍ଟର ଅବିନାଶ ମଞ୍ଜୁଳା ବସବନ୍ନ। ସେ କହିଛନ୍ତି ଯେ 'ଏଯାବତ ମନୁଷ୍ୟ ପ୍ରାୟ ୧୦୦ କୋଟି ଟନ ପ୍ଲାଷ୍ଟିକ ଉତ୍ପାଦନ କରିଛି। ପୃଥିବୀରେ ଥିବା ସମସ୍ତ ଜୀବଜନ୍ତୁଙ୍କୁ ମିଶାଇଲେ ସେମାନଙ୍କ ଓଜନ ୪୦୦ରୁ ୫୦୦ କୋଟି ଟନ ହେବ।' ଏଥିରୁ ଜଣାପଡୁଛି ଯେ ପ୍ରାୟ ୧୦୦ ବର୍ଷ ହେବ ଉତ୍ପତ୍ତି ହୋଇଥିବା ପ୍ଲାଷ୍ଟିକ ଏବେ ସମଗ୍ର ବିଶ୍ୱରେ ଥିବା ପ୍ରାଣୀ ସମଷ୍ଟିକୁ ଅତିକ୍ରମ କରିଗଲାଣି।

ଆଧୁନିକ କଳକାରଖାନା କାର୍ଯ୍ୟକଳାପ ଯୋଗୁଁ ସମ୍ପ୍ରତି ଏଭଳି ଅସ୍ୱାଭାବିକ ପରିବେଶଗତ କୁପ୍ରଭାବ ଉପସ୍ଥିତ ହୋଇଛି। କେବଳ କଳକାରଖାନାର ବର୍ଜ୍ୟ ସାମଗ୍ରୀ ଓ କଳକାରଖାନା ପାଇଁ ଖରାପ ରାସ୍ତା ପାଇଁ ଯେଉଁପରି ଧୂଳି ଧୂଆଁ ପରିବେଶକୁ ବିଷାକ୍ତ କରୁନାହିଁ ଅନେକ ଦୁର୍ଘଟଣା କରି ଧନଜୀବନର କାରଣ ହେଉଛି।

ପୃଥିବୀର ବିଖ୍ୟାତ ଇନସାଟ ପତ୍ରିକାର ତଥ୍ୟ ଅନୁଯାୟୀ 'ଯେ ମନୁଷ୍ୟକୃତ ପଦାର୍ଥ ସବୁ ସକଳ ପ୍ରାକୃତିକ ଜୀବସତ୍ତା ଓଜନ ସହିତ ଦ୍ରୁତ ବେଗରେ ସମକକ୍ଷ ହେଉଛି ଅଥବା ତାହାକୁ ଅତିକ୍ରମ କରିଯାଉଛି।' ଏଠାରେ ସୂଚୀତ କରୁଛୁ କି ଯେ ସମଗ୍ର ବିଶ୍ୱରେ ଥିବା ବୃକ୍ଷ, ଗୁଳ୍ମ ଓ ବନସ୍ପତିର ହାରାହାରି ଓଜନ ୯୦୦ ଗିଗାଟନ। କିନ୍ତୁ ଆମେମାନେ ତିଆରି କରିଥିବା କୋଠାବାଡ଼ି, ବାଟଘାଟ ଓ କଳକାରଖାନାଗୁଡ଼ିକର ଓଜନ ଏକ ଟେଟ୍ରାଟନ ହୋଇଗଲାଣି। ଟିକିଏ ବୁଝାଇ ଦେଉଛୁ ଯେ ଏହି ଟେଟ୍ରାଟନ କ'ଣ ? ଗୋଟିଏ ଟ୍ରିଲିୟନ ଟନ ସହିତ ସମାନ। ନେପାଳରେ ଅଭାବନୀୟ ହିମଖଣ୍ଡ କାରଣ ପାଇଁ ଯେଉଁ ଭୟାନକ ଧନଜୀବନ ହାନି ହେଲା ଭାରତରେ ପ୍ରବାହିତ ନଦୀମାନଙ୍କରେ ଦେଖାଦେଇଛି ଅନେକ ପ୍ଲାଷ୍ଟିକର ଅଂଶବିଶେଷ। ଏହି ପ୍ଲାଷ୍ଟିକ ଅଂଶବିଶେଷ ଅନେକ ସମୟରେ କେବଳ ପାଣିକୁ ବିଷାକ୍ତ ବା ସଂକ୍ରମଣ କରିନଥାଏ ବରଂ ଏହା ଜଳ ଅବରୋଧ କରିଥାଏ। କୃତ୍ରିମ ପଦାର୍ଥ ଓ ମାନବୀ ନିର୍ମାଣ କିଭଳି ପୃଥିବୀ ଗଠନର ଆଙ୍ଗିକ ଉପାଦନ ସବୁର ପୁନର୍ବିନ୍ୟାସ କରୁଛି ଏଗୁଡ଼ିକର ସମଷ୍ଟି ତାହା ଦର୍ଶାଇଉଛି। ଚିନ୍ତା ଉଦ୍ରେକକାରୀ କଥାଟି ହେଉଛି ଏସବୁ ପ୍ଲାଷ୍ଟିକ ଓ କୃତ୍ରିମ ସାମଗ୍ରୀଗୁଡ଼ିକରୁ ଅଧିକାଂଶ ପୁନଃପ୍ରକ୍ରିୟାଶୀଳ ନୁହେଁ ଅଥବା ସେଗୁଡ଼ିକୁ ପୁନଃକାର୍ଯ୍ୟକ୍ଷମ କରାଯାଇ ପାରିବ ନାହିଁ। ତେଣୁ ସେଗୁଡ଼ିକୁ ମାଟିରେ ପୋତାଯାଉଛି ଅଥବା ସମୁଦ୍ରରେ ଫିଙ୍ଗାଯାଉଛି। କିଛିଦିନ ତଳେ ମୁମ୍ବାଇର ଭାରତ ପ୍ରସିଦ୍ଧ ଜୁ ବିଚ୍‌ରେ ଗଦା ହୋଇଥିବା କୁଢ଼ କୁଢ଼ ଆବର୍ଜନା ସୋସିଆଲ ମିଡ଼ିଆରେ ଦେଖିଥିଲି। ଏହା ସହିତ ଯୁଦ୍ଧ ସମୟରେ ଯେଉଁ ତେଲ ସବୁ ସମୁଦ୍ର ବକ୍ଷରେ ନିଷ୍କାସିତ ହେଉଛି ବା ଧ୍ୱଂସ ପାଇ ବୁଡ଼ିଯାଇ ଏହା ସମୁଦ୍ରର କିଲୋମିଟର କିଲୋମିଟର ବ୍ୟାପୀ ଜଳରାଶିକୁ ବିଷାକ୍ତ କରୁଛି। ସର୍ବପ୍ରଥମେ ଜଳ ଜୀବ ମାନଙ୍କର ଅକାଳ ମୃତ୍ୟୁ ହୋଇ ଯାଉଛି ଏହା ସହିତ ପରିବେଶ ପ୍ରଦୂଷଣ, ଜୈବ ବିବିଧତା ନଷ୍ଟ ଓ ଜଳବାୟୁ ସମ୍ବନ୍ଧୀୟ ବିପଦ ବୃଦ୍ଧି ପାଉଛି।

ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ଆମେମାନେ ସବୁ ଏହି କୃତ୍ରିମ ସାମଗ୍ରୀପୂର୍ଣ୍ଣ ଉପଯୋଗ ବି କରୁନାହୁଁ ଯାହାର ଅର୍ଥ ଆମେ ଏ ସବୁକୁ କିଛି କ୍ଷଣ ବ୍ୟବହାର ପାଇଁ କିଣି ଆବର୍ଜନା ଭାବେ ଫିଙ୍ଗି ଦେଉଛୁ। ତେଣୁ ପରିବେଶ ଅଧିକ ଭାରାକ୍ରାନ୍ତ ହେଉଛି। ବୈଜ୍ଞାନିକମାନେ ସାବଧାନ କରାଇ ଦେଇଛନ୍ତି ଯେ ଏତାଦୃଶ ବ୍ୟବହାର ଧାରା ବର୍ଜ୍ୟ ପରିଚାଳନାକୁ ମଧ୍ୟ ବଳିଯିବ। ତା ଛଡ଼ା କୃତ୍ରିମ ସାମଗ୍ରୀ ଉତ୍ପାଦନ ଜୀବାଶ୍ମ ଇନ୍ଧନ ଉପରେ ବିଶେଷ ନିର୍ଭରଶୀଳ। ସେଥିଯୋଗୁଁ ସବୁଜଗୃହ ବାଷ୍ପ ନିର୍ଗତ ହୋଇ ବିଶ୍ୱ ତାପନ କ୍ରିୟା ଦ୍ରୁତତର କରୁଛି। ନିତିଦିନିଆ ଜୀବନରେ ଅନେକ ଲୋକଙ୍କର ପ୍ଲାଷ୍ଟିକ ମୁଣାକୁ ଏଣେ ତେଣେ ବିଶେଷକରି ନାଳରେ ଫୋପାଡି ଦେବାର ଅଭ୍ୟାସ ରହିଛି। ଯାହାର କାରଣ ପାଇଁ ଜଳ ନିଷ୍କାସନ ସମସ୍ୟା ହୋଇଥାଏ ଓ ପରିବେଶ ମଧ୍ୟ କେବଳ ବିଷାକ୍ତ ହୋଇନଥାଏ ଏହା ମୁଖ୍ୟ ନାଳ ମିଶିବା ସ୍ଥଳୀରେ ଜଳରାଶିକୁ ଆବଦ୍ଧ କରି ଏକ ପ୍ଲାଷ୍ଟିକର ଛୋଟିଆ ପାହାଡ଼ ସୃଷ୍ଟି କରିଥାଏ।

ଖଣ୍ଡିଆ ଛୋଟିଆ ପ୍ଲାଷ୍ଟିକ ମୁଣା ମାଟିରେ ମିଶିବା ପାଇଁ କେତେ ସମୟ ନେଇଥାଏ ଏହା ଆମେ ଭଲ ଭାବେ ଜାଣିଛୁ। ଏସବୁ ସତ୍ତ୍ୱେ ଏଣେତେଣେ ପ୍ଲାଷ୍ଟିକ ମୁଣା, ସାମଗ୍ରୀ ଓ ପାଣି ବୋଟଲ ଫୋପାଡ଼ିବାର ଅଭ୍ୟାସ ଭଲ ଭାବେ ଯାଇନାହିଁ। ବେଳେ ବେଳେ ସରକାରଙ୍କ ଏକ ନିର୍ଦ୍ଦିଷ୍ଟ ସମୟରେ ପ୍ଲାଷ୍ଟିକ ବର୍ଜ୍ୟ ସାମଗ୍ରୀକୁ ପ୍ରଦାନ କରି ବିନିମୟରେ ପୁରସ୍କାର ବ୍ୟବସ୍ଥା ବେଶ ଲୋକପ୍ରିୟ ହୋଇଥିଲା କିନ୍ତୁ ଏହା ନିୟମିତ ହେବା ଦରକାର। ସେହିପରି ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଏଣେ ପୁନଶ୍ଚ ପ୍ଲାଷ୍ଟିକ ପ୍ରଦୂଷଣ ସାମୁଦ୍ରିକ ପରିସଂସ୍ଥାନ, ମୃତ୍ତିକା ଓ ମାଇକ୍ରୋପ୍ଲାଷ୍ଟିକ ରୂପେ ମନୁଷ୍ୟ ଖାଦ୍ୟ ଶୃଙ୍ଖଳାରେ ବି ଅନୁପ୍ରବେଶ କରିସାରିଛି। ଜଳବାୟୁ ସଙ୍କଟ ସମାଧାନ ନିମିତ୍ତ ବୈଷୟିକ ଉଦ୍ଭାବନ ଓ ପାରିବେଶିକ କୁପ୍ରଭାବରହିତ ସାମଗ୍ରୀ ଗବେଷଣ ପ୍ରୟୋଜନ ସତ୍ୟ, କିନ୍ତୁ ଆମ ମାନଙ୍କର ନିଷ୍ଠାପରତା, ପ୍ରତିବଦ୍ଧତା ଉପର ବି ଏ ସଙ୍କଟ ସମାଧାନ ବହୁ ମାତ୍ରାରେ ନିହିତ ରହିଛି। ଯାହାର ଅର୍ଥ ଆମେ ଦାୟିତ୍ୱଶୀଳ ହୋଇ କେବଳ କୃତ୍ରିମ ପଦାର୍ଥର ଉପଯୁକ୍ତ ଓ ସୀମିତ ଉତ୍ପାଦନ ସହିତ ଏହାର ବ୍ୟବହାର ପାଇଁ ଦୃଷ୍ଟି ଦେବା। ଏ କ୍ଷେତ୍ରରେ ବିଶେଷଜ୍ଞମାନେ ବି ଚେତାଇ ଦେଉଛନ୍ତି ଯେ କୃତ୍ରିମ ପଦାର୍ଥ ବ୍ୟବହାରରେ ଆଖିଦୃଶିଆ ପରିବର୍ତ୍ତନ, ବର୍ଜ୍ୟ ସାମଗ୍ରୀ ପୁନଃବ୍ୟବହାରକ୍ଷମ ଭିତ୍ତିଭୂମି ଓ ସରକାରୀ ନିୟମ ପ୍ରବର୍ତ୍ତନ ବିନା ଏ ଜନିତ ପାରିବେଶିକ ସମସ୍ୟା ସେମିତି ବୃଦ୍ଧି ପାଉଥିବ। ଏଥିଯୋଗୁଁ ପରିସଂସ୍ଥାନ ଓ ଜଳବାୟୁ ଧାରା ବି ଅତିରିକ୍ତ ଭାରାକ୍ରାନ୍ତ ହେଉଥିବ। ମଣିଷ ଥିଲେ ପ୍ରକୃତି ରହିଛି ଆଉ ପ୍ରକୃତିକୁ ଭଲ ପାଇଲେ ଏହା ବିପର୍ଯ୍ୟୟର କାରଣ ନୁହଁ ଜୀବନର ଆନନ୍ଦମୟ କ୍ଷେତ୍ର ହୋଇପାରିବ ଏ ସବୁଥିରେ ନିଜ ଜୀବନଚର୍ଯ୍ୟା, ଆଦର୍ଶ ଓ ପ୍ରକୃତିକୁ ଭଲ ପାଇବା ସହିତ ସବୁଜ ପରିବେଶକୁ ନିଷ୍ଠାପରତା ରଖିବା ଓ ଜଳବାୟୁ ସହିତ ନିଜ ଆଖପାଖର କ୍ଷେତ୍ରକୁ ପରିଷ୍କାର ପରିଚ୍ଛନ୍ନ କରିବା ହିଁ ବଡ଼ ଦାୟିତ୍ୱ ନିଷ୍ଠତା।

+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ: ୯୬୫୮୧୦୫୫୩୨

# ଚାକିରୀ ଅଛି, କିନ୍ତୁ ଭବିଷ୍ୟତ ?



## ମନସିଜ୍ ଦାସ

କିଛି ବର୍ଷ ତଳର କଥା। ଜଣେ ଯୁବକଙ୍କୁ ପଚାରିଥିଲି - 'ପାଠପଢ଼ା ତ ସରିଲା ଏହାପରେ କ'ଣ କରିବ ? ପିଲାଟି ବେଶ ସରଳ ଉତ୍ତର ରଖିଥିଲା - 'ଚାକିରୀ କରିବି'। ଆଜିର ସମୟରେ ସେ ଉତ୍ତରଟି ଏତେ ସରଳ ନୁହଁ, ଅତୀବ କଠିନ ସାଧ। ତେବେ ପ୍ରଶ୍ନଟି ଆମର କେବଳ 'ଚାକିରୀ ମିଳିବ କି ?' ରେ ସୀମିତ ନାହିଁ। ଏହା ସହିତ ଆଉ ଏକ ପ୍ରଶ୍ନଟି ମଧ୍ୟ ଯୋଡ଼ି ହୋଇଛି ଏବଂ ଯୋଡ଼ି ହେବା ମଧ୍ୟ ସ୍ୱାଭାବିକ ତାହା ହେଉଛି - 'ଆଜିର ସମୟରେ ଯେଉଁ ଚାକିରୀ ସବୁ ମିଳୁଛି ପାଞ୍ଚ କିମ୍ବା ଦଶ ବର୍ଷ ପରେ ସେ ଚାକିରୀ ମଧ୍ୟ ଥିବ ଏହାର କିଛି ମାନେ ନାହିଁ।'

ଯୁବପିଢ଼ିଙ୍କ ପ୍ରଶ୍ନଟି ଯାହା ତାହାକେବଳ ପାଠପଢ଼ା ସାରି ଚାକିରୀ ଖୋଜୁଥିବା ଉଚ୍ଚ ଓ ଖୋଲା ମନର ସ୍ୱପ୍ନକୁ ପୂରଣ କରୁଥିବା ଜଣେ ଯୁବକଙ୍କର ନୁହଁ। ଏ ସବୁ ପ୍ରଶ୍ନ ଅଭିଭାବକମାନଙ୍କର, ଶିକ୍ଷା ବ୍ୟବସ୍ଥା, ଶିଳ୍ପ ଜଗତର ଏବଂ ସର୍ବୋପରି ସରକାରଙ୍କର ମଧ୍ୟ। ବର୍ତ୍ତମାନର ସମୟରେ ସମୟ ସୂଚନା ପ୍ରଯୁକ୍ତି ଜ୍ଞାନ ସହିତ ରକେଟ ପରି ଦୌଡୁଛି। କୃତ୍ରିମ ବୁଦ୍ଧିମତା ଯାହାକୁ ଏଆଇ ଭାବେ ସମସ୍ତେ ଜାଣୁଛନ୍ତି ଏହା ବର୍ତ୍ତମାନ ସମୟରେ ଯେତିକି ଆବଶ୍ୟକତା ସେତିକି ଆହ୍ୱାନ ମଧ୍ୟ। ଏହି କୃତ୍ରିମ ବୁଦ୍ଧିମତା ଆସିଲେ ସମସ୍ତଙ୍କ ଚାକିରୀ ଯେ ଚାଲିଯିବ ଏହା ହୁଏତ ସତ୍ୟ ନୁହେଁ ଏଇଠାରେ ହିଁ ଆମେ ବୁଝାଇ ରଖୁଛୁକି ଯେ ଏହି ନୂଆ ପ୍ରଯୁକ୍ତି ଜ୍ଞାନ କୌଶଳ ସହିତ କାମ କରିବା ଓ ଏହାକୁ ଜାଣିବାର ଆଗ୍ରହ ରଖିଥିବା ଲୋକ ଓ ଅନାଗ୍ରହୀଙ୍କ ଭିତରେ ତଫାତ ନିଶ୍ଚିନ୍ତ ଭାବେ ବଢ଼ିବ।

ଆଉ ଗୋଟିଏ ବଡ଼ ପ୍ରଶ୍ନଟି ରଖୁଛୁ ଭବିଷ୍ୟତର ସବୁଠୁ ବଡ଼ ଆହ୍ୱାନ ହୁଏତ ଚାକିରୀର ଅଭାବ ନୁହଁ ବଡ଼ ଆହ୍ୱାନ ହେବ ଚାକିରୀ ପାଇଁ ଆବଶ୍ୟକ ଦକ୍ଷତା ଏବଂ ଆମ ପାଖରେ ଥିବା ଦକ୍ଷତା ମଧ୍ୟରେ ବଢୁଥିବା ଦୂରତା ଦୀର୍ଘ ଦିନ ଧରି ଆମ ସମାଜରେ ଡିଗ୍ରୀ ଓ ଶିକ୍ଷାଗତ ଯୋଗ୍ୟତାକୁ ଚାକିରୀର ମୁଖ୍ୟ ଆଧାର ଭାବେ ଦେଖାଯାଇଛି। ଭଲ ନମ୍ବର, ଭଲ ଡିଗ୍ରୀ ଏବଂ ଭଲ ଚାକିରୀ ଏହା ହିଁ ସଫଳତାର ସାଧାରଣ ରାସ୍ତା ଭାବେ ସମସ୍ତଙ୍କ ଭିତରେ ବୁଝା କିନ୍ତୁ ଏହି ଡିଗ୍ରୀଟି କେବଳ ଯଥେଷ୍ଟ କି ? ବଦଳୁଥିବା ଚାକିରୀ ବଜାରରେ ନିଯୁକ୍ତି ଯୋଗ୍ୟତାର ଅର୍ଥ ମଧ୍ୟ ବଦଳୁଛି। ଜଣେ ଯୁବକଙ୍କ ପାଖରେ ଶିକ୍ଷାଗତ ଯୋଗ୍ୟତା ସହିତ ପ୍ରଯୁକ୍ତିକୁ ବୁଝିବା, ସମସ୍ୟାର ସମାଧାନ କରିବା, ଭଲ ଭାବରେ ନିଜ କଥା ଉପସ୍ଥାପନ କରିବା ତଥ୍ୟକୁ ବୁଝିବା, ଅନ୍ୟମାନଙ୍କ ସହ ମିଶି କାମ କରିବା ତେବେ ଏସବୁ ଭିତରେ ବଡ଼ କଥାଟି ହେଉଛି ନିଜ ଭିତରେ ନିଜକୁ ହିଁ ସବୁବେଳେ ବଦଳାଇବା ଓ ନୂଆ ନୂଆ କଥା ଶିଖିବାର ଦକ୍ଷତା ରଖିବା। କାରଣ ଭବିଷ୍ୟତରେ ସବୁଠାରୁ ମୂଲ୍ୟବାନ ଦକ୍ଷତାର ମାପକାଠି ଏହା ହିଁ ହେବ। କହିବାକୁଗଲେ ପୁରୁଣା ଦକ୍ଷତାର ଆବଶ୍ୟକତା ଶେଷ ହେବା ପୂର୍ବରୁ କାହିଁକି ନୂଆ ଦକ୍ଷତା ନଶିଖିବା ?

ବର୍ତ୍ତମାନ ସମୟର ପିଲାମାନଙ୍କୁ ପଚାରନ୍ତୁ - ବଡ଼ ହୋଇ ତୁମେ କ'ଣ କରିବ ? ପ୍ରାୟତଃ ପିଲାମାନଙ୍କ ଉତ୍ତର ଡାକ୍ତର, ଆଇଏଏସ, ଇଞ୍ଜିନିୟର, ସରକାରୀ କର୍ମଚାରୀ, ବ୍ୟାଙ୍କର, ବ୍ୟବସାୟୀ ଏହିପରି ନାନା ବୃତ୍ତି। ଏସବୁ ଭିତରେ ହୁଏତ କେହି କେହି ଭଲ ମଣିଷ ଓ ସମାଜ ସେବୀ ହେବା କ୍ୱଚିତ କହିଥାନ୍ତି। କାରଣ ସେ ବୟସରେ ସେମାନେ ଏ ଦୁଇଟି ଶବ୍ଦର ଅନ୍ତରାର୍ଥ ହିଁ ବୁଝି ନଥାନ୍ତି। ତେବେ ଏଇଠି ଆଉ ଏକ ପ୍ରଶ୍ନ କେଜାଣି କାହିଁକି ମୋତେ ହିଁ ଆନ୍ଦୋଳିତ କରୁଛି - 'ଦୁନିଆ ଯେତେବେଳେ ନିରନ୍ତର ବଦଳୁଛି ସେହି ବଦଳୁଥିବା ଦୁନିଆ ପାଇଁ ଆମେ ନିଜକୁ କିପରି ପ୍ରସ୍ତୁତ କରିବା ? କାରଣ ବର୍ତ୍ତମାନର ସମୟରେ ଜଣେ ଯୁବକ ବାଇଶ ବର୍ଷ ବୟସରେ ଯେଉଁ ଚାକିରୀରେ ପ୍ରବେଶ କରିବ ସେହି ଚାକିରୀର ବ୍ୟବସ୍ଥା, ବିଧି ଓ ପରିବର୍ତ୍ତନ ପଇଁତିରିଶ ବର୍ଷ ପହଞ୍ଚିଲା ବେଳକୁ ବଦଳି ଯାଇଥିବ। ଏହାର ଅର୍ଥ ନୁହେଁ ଯେ ଡିଗ୍ରୀର ମୂଲ୍ୟ ଶେଷ ହୋଇଯିବ ବରଂ ଡିଗ୍ରୀ ସହିତ ବ୍ୟବହାରିକ ଦକ୍ଷତା, ସମସ୍ୟା ସମାଧାନର କ୍ଷମତା, ଜାଣିବାର ଆଗ୍ରହ ଓ ନିଜକୁ ବଦଳାଇବାର ମାନସିକତା ଆହୁରି ଜରୁରୀ ହେବ।

ଏଇଠି ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ଅନେକ ବଡ଼ ଭୂମିକା ରହିଛି। ପିଲାମାନେ ପରୀକ୍ଷାରେ ଭଲ ନମ୍ବର ପାଇବା ଶିଖୁଛନ୍ତି କିନ୍ତୁ ସେମାନେ କଣ ସମସ୍ୟାକୁ ଚିହ୍ନଟ କରିବା, ଠିକ ପ୍ରଶ୍ନ ପଚାରିବା, ନୂଆ ଉପାୟ ଖୋଜିବା ଏବଂ ବିଫଳତାରୁ ଶିଖିବା ମଧ୍ୟ ଶିଖୁଛନ୍ତି ? ସମୟ ଆସୁଛି ପ୍ରଶ୍ନଟି ହୁଏତ - 'ମୁଁ କ'ଣ ଜାଣେ' ଠାରୁ 'ମୁଁ କେତେ ଶୀଘ୍ର ନୂଆ କିଛି ଶିଖିପାରିବି' ପର୍ଯ୍ୟନ୍ତ ପହଞ୍ଚିବ। ଆମ ରାଜ୍ୟ ଓଡ଼ିଶା ପାଇଁ ଏହି ଆଲୋଚନାଟି ଅନେକ ଦୃଷ୍ଟିରୁ ମୂଲ୍ୟବାନ, ଗୁରୁତ୍ୱପୂର୍ଣ୍ଣ। ଆମ ପାଖରେ ଏକ ବଡ଼ ଯୁବଜନସଂଖ୍ୟା ଅଛି ଏହା ହିଁ ଆମର ସବୁଠାରୁ ବଡ଼ ଶକ୍ତି। କିନ୍ତୁ କେବଳ ଅଧିକ ସଂଖ୍ୟାରେ ଯୁବକ ରହିଲେ ଯେ ଅର୍ଥନୈତିକ ସୁଯୋଗର ଅଭିବୃଦ୍ଧି ହୋଇଯିବ ତାହା ନୁହଁ। ଯୁବଶକ୍ତି ପାଖରେ ସଠିକ ସାମର୍ଥ୍ୟପୂର୍ଣ୍ଣ ଦକ୍ଷତା, ଅଧ୍ୟବସାୟ ସୁଯୋଗ ଓ ସଚେତନଧର୍ମୀ, ମାନସିକ ପ୍ରସ୍ତୁତି, କ୍ଷେତ୍ର ନିର୍ଦ୍ଧାରଣ ଓ ଟାର୍ଗେଟ ପ୍ରତି ଦୃଢ଼ ନିଷ୍ଠତା ହିଁ ଯୁବ ଶକ୍ତିର ମୂଳଶକ୍ତି ଏବଂ ଏହା ଦ୍ୱାରା ରାଜ୍ୟର ଆର୍ଥିକ ବିକାଶ, ଯୁବ ଶକ୍ତିମାନେ ଇଞ୍ଜିନ ହୋଇ ପାରିବେ। ତେଣୁ ରୋଜଗାରକୁ ନେଇ ଆମର ଆଲୋଚନାର ଧାରା ମଧ୍ୟ ବଦଳିବା ଦରକାର। କେତେ ଚାକିରୀ ସୃଷ୍ଟି ହେଲା ଏହା ଜରୁରୀ ନିଶ୍ଚୟ କିନ୍ତୁ ସେହି ଚାକିରୀ ଯୁବ ଶକ୍ତିଙ୍କ କେତେ ଦକ୍ଷତା ବିକଶିତ କରୁଛି ଏହା ସହିତ ଆୟର ସୁଯୋଗ ମଧ୍ୟ କେତେ ବଢ଼ାଉଛି ? ତେବେ ଏହା ସହିତ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି 'ଆଜିର ଯୁବଶକ୍ତି ଆଗାମୀ ଦିନରେ ପରିବର୍ତ୍ତନ ପାଇଁ ନିଜକୁ କେତେ ପ୍ରସ୍ତୁତ କଲେଣି ?' ସରକାରଙ୍କ ଦାୟିତ୍ୱ କେବଳ ଚାକିରୀ ସୃଷ୍ଟି କରିବା ନୁହଁ ଏହା ସହିତ ଶିକ୍ଷା, ଦକ୍ଷତା, ବିକାଶ, ଉଦ୍ୟୋଗ, ବ୍ୟବସାୟ ଓ ରୋଜଗାରର ଆବଶ୍ୟକତାକୁ ଏକାଠି କରିବା ଆବଶ୍ୟକ। ଏ ସବୁ ଭିତରେ ଶିଳ୍ପ ଜଗତର ମଧ୍ୟ ଦାୟିତ୍ୱ ଅଛି। କେବଳ 'ଦକ୍ଷ ଲୋକଙ୍କ ଅଭାବ' ଅଭିଯୋଗଟି ନରଖି ଦକ୍ଷତା ବିକାଶରେ କିଭଳି ଅଧିକରୁ ଅଧିକ ଯୁବଶକ୍ତିଙ୍କୁ ବିଶେଷକରି ଏସଏସଜି କ୍ଷେତ୍ରକୁ ସାମିଲ କରିବା ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ।

ଯୁବପିଢ଼ିଙ୍କ ପାଇଁ ବାର୍ତ୍ତାଟି ଆହୁରି ସରଳ। ଆଜି ଯେଉଁ ଚାକିରୀରେ ଅଛ ଏହା ହୁଏତ ନିରାପଦ ନ ଲାଗି ପାରେ ? କିନ୍ତୁ ଆସନ୍ତା କାଲିର ନିରାପତ୍ତା କେବଳ ଆପଣଙ୍କ ପଦବୀର ନୁହଁ। ଆପଣ ଆଜି ନିଜ ଭିତରେ ଯେଉଁ ଦକ୍ଷତା ଓ କ୍ଷମତା ତିଆରି କରୁଛନ୍ତି ଆସନ୍ତା କାଲିର ନିରାପତ୍ତା ସେଥିରେ ରହିଛି। ଚାକିରୀ ରହିଛି ଅର୍ଥ ବଦଳି କିମ୍ବା ନିଲମ୍ବନ ହୋଇପାରେ ତେଣୁ କର୍ମ ସଂସ୍ଥାନ କ୍ଷେତ୍ରରେ ଚାକିରୀର ଭବିଷ୍ୟତକୁ ନେଇ ଭୟ ଏକ ସହଜସାଧ କଥା। କିନ୍ତୁ ଏ ସବୁ ଭିତରେ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ କରିବା ଅଧିକ ଜରୁରୀ। ଶେଷରେ ପ୍ରଶ୍ନ ଏହା ନୁହେଁ ଯେ ଆଗାମୀ ଦିନରେ ଚାକିରୀ କମିବ କି ବଢ଼ିବ ? ପ୍ରଶ୍ନଟି ହେଉଛି 'ଆସନ୍ତା କାଲିର ଚାକିରୀ ବଜାର ପାଇଁ ଆମ ଯୁବପିଢ଼ି ଆଜି ପ୍ରସ୍ତୁତ କି ?' ଏହି ପ୍ରଶ୍ନର ଉତ୍ତର ହିଁ ନିର୍ଣ୍ଣୟ କରିବ ଆମର ଯୁବଶକ୍ତି ଆମ ପାଇଁ ବଡ଼ ସୁଯୋଗ ହେବ ନା ଏକ ବଡ଼ ଆହ୍ୱାନ। ବିକଶିତ ଓଡ଼ିଶା ସମୃଦ୍ଧ ଭାରତର ବିକାଶ କ୍ଷେତ୍ରରେ ଏହି ଯୁବଶକ୍ତିଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ, କାରଣ ଦେଶ ଓ ସମୟ ଏହି ମାନଙ୍କୁ ନେଇ ହିଁ ନିଜ ଭବିଷ୍ୟତ ନିର୍ଦ୍ଧାରଣ କରୁଛନ୍ତି ଗୌରବପୂର୍ଣ୍ଣ ଅଭିବୃଦ୍ଧି ସମ୍ପନ୍ନ ଭାରତକୁ।

+ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ,
ଗୁରୁଗ୍ରାମ, ହରିୟାନା

କବିତା କୋଣାର୍କ

## କାଶତଣ୍ଡୀ

### ଦୀପକ କୁମାର ନାୟକ




ନଈକୂଳ ଆଡ଼େ ବୁଲିବାକୁ ଟିକେ
ଯାଇଥିଲି ମୁହିଁ କାଲି
କାଶତଣ୍ଡୀ ମୋତେ ଦେଖି ଆନନ୍ଦରେ
ହସିଦେଲା ଖିଲି ଖିଲି ।।
ତା ହସ ଦେଖି ମୁଁ ସମ୍ଭାଳି ନପାରି
ଟିକିଏ ଆଉଁସି ଦେଲି
ଲାଜେଇ ଗଲା ସେ ଏମିତି ଲାଜରେ
ମୁଁ ମଧ ଲାଜେଇ ଗଲି ।।
କାଇଁ ହସୁ ଏତେ ଖିଲି ଖିଲି ଯେବେ
ତାକୁ ମୁଁ ପଚାରିଦେଲି
କହିଲା କରିବେ ମାଆ ଆଗମନ
ତେଣୁ ଖୁସି ମୁହିଁ ଥିଲି ।।
ପ୍ରତି ଶରତରେ ଆସି ନଈକୂଳେ
ଏମିତି ମୁଁ ହସୁଥାଏ
ବୁଢ଼ା ଠାରୁ ଟୋକା ସଭିଏଁ ପ୍ରେମରେ
ମୋର ପରା ପଡିଯାଏ ।।
ଲେଖକ ଓ କବି ମୋ ରୂପକୁ ନେଇ
ରଚନା ଯେ ଗଢିଥାନ୍ତି
ମୋ ରୂପକୁ ଦେଖି ସଭିଏଁ ଖୁସିରେ
ପାଗଳ ବା ଏଠି ହୁନ୍ତି ।।

+ଗଣ୍ଡାନାଳୀ, ହିନ୍ଦୋଳ,ଢ଼େଙ୍କାନାଳ
ମୋ: ୮୬୩୭୨୬୧୮୨୮

## ସ୍ୱପ୍ନାବିଷ୍ଟ ମନରେ

### ସୁଧାକର ରାଉତ



ସପନଟା ଚାହିଁଥିଲା ଚାତୁର ହୋଇ
ଦେଖିବ ବୋଲି କିଛି ହେଲେ ନୂଆ
ତାର ସେ ଅବଧାରଣା ଟା ସିଦ୍ଧାନ୍ତ ନହେଲେ ନାହିଁ
ଫଳାଫଳ ଶୂନ୍ୟରେ ଢ଼େଉ ମାରଇ ।

ଅତୀତଟା ନିଖୁଣ ଭାବରେ ବନ୍ଧା ହୋଇଛି
ବର୍ତ୍ତମାନର ସୁନ୍ଦର ଫ୍ରେମ୍ ଭିତରେ
ଅଳନ୍ଧୁ ଲାଗିବାର ଭୟ ଦେଖାଏ ସମୟ
ତାର କିନ୍ତୁ ମୋ ଉପରେ ଅଖଣ୍ଡ ବିଶ୍ୱାସ ।

ଖାସ୍ ସପନ ପାଇଁ କେତେ
ରୂପ ରସ ଗନ୍ଧରେ କରିଛି ବର୍ଣ୍ଣିଳ
ସେ ଉପର ପଡ଼ିଆ ଭୂଇଁକୁ
ସଜାଇଛି ବି ମନ ମତାଣିଆ ଢଙ୍ଗେ ।

ଖାଲି ନ ଆସିବା ଲାଗି ଗନ୍ଧ ଅତୀତର
ମାତ୍ର ନିଷ୍ଫଳ ହେଲା ମୋ ତମାମ ଜୀବନ ଶ୍ରମ
ଅତୀତଟା ଉଙ୍କିମାରେ ମୁହେଁ ବନ୍ଧନୀରୁ
ମୁରୁକି ହସେ ମତେ ଚାହିଁ
ମୋତେ ସେ ସବୁ ଅସହ୍ୟ ଲାଗେ ପରିହାସ ଭାବି ।

+ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨

# ମହିଳାଙ୍କ ପାଇଁ ଅତ୍ୟନ୍ତ ଲାଭକାରୀ ହୋଇଥାଏ ଶୁଖିଲା ନଡ଼ିଆ: ଆର୍ଥ୍ରାଇଟିସ ସମସ୍ୟାରୁ ମିଳିଥାଏ ମୁକ୍ତି



ଶୁଖିଲା ନଡ଼ିଆ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭକାରୀ ହୋଇଥାଏ । ଶୁଖିଲା ନଡ଼ିଆରେ ଭିଟାମିନ,ପ୍ରୋଟିନ, ଆଇରନ, ସେଲେନିଅମ ଆଦି ପୋଷକ ତତ୍ୱ ଭରପୁର ମାତ୍ରାରେ ରହିଥାଏ । ଯାହାକି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିଥାଏ । ଶୁଖିଲା ନଡ଼ିଆ ମହିଳାଙ୍କ ପାଇଁ ବହୁତ ଲାଭକାରୀ ହୋଇଥାଏ । ଏହା ରକ୍ତ ଅଭାବ ପୂରାଣ କରିଥାଏ । ତେଣୁ ମହିଳା ତାଙ୍କ ଭୋଜନ ରେ ଶୁଖିଲା ନଡ଼ିଆ ଜରୁର ସାମିଲ କରିବା ଉଚିତ । ଶୁଖିଲା ନଡ଼ିଆରେ ଆହୁରି ଅନେକ ଫାଇଦା ରହିଛି । ଆସନ୍ତୁ ଜାଣିବା ସେସବୁ କଣ । ଅଧିକାଂଶ ମହିଳାଙ୍କ ଠାରେ ଆର୍ଥ୍ରାଇଟିସ ସମସ୍ୟା ରହିଥାଏ । ଏହି ସମସ୍ୟା ପାଇଁ ଶୁଖିଲା ନଡ଼ିଆ ଖାଇବା ଫାଇଦାକାରୀ ହୋଇଥାଏ । ଅଧିକାଂଶ ମହିଳାଙ୍କ ଠାରେ ରକ୍ତ ହୀନତା ଦେଖାଯାଏ । ରକ୍ତ ହୀନତା ଦୂର କରିବା ପାଇଁ ଶୁଖିଲା ନଡ଼ିଆ ସେବନ ମହିଳାଙ୍କ ପାଇଁ ହୋଇଥାଏ ଲାଭକାରୀ । କାରଣ ଶୁଖିଲା ନଡ଼ିଆରେ ପ୍ରଚୁର ଆଇରନ ରହିଥାଏ । ଗର୍ଭବତୀ ମହିଳାଙ୍କ ପାଇଁ ଶୁଖିଲା ନଡ଼ିଆ ଖାଇବା ଫାଇଦାକାରୀ ହୋଇଥାଏ । ଏଥିରେ ଥିବା ଫ୍ୟାଟି ଏସିଡ ଶିଶୁ ବିକାଶରେ ସହାୟକ ହୋଇଥାଏ । ଅଧିକାଂଶ ମହିଳାଙ୍କ ଠାରେ ୟୁରିନ ସଂକ୍ରମଣ ସମସ୍ୟା ରହିଥାଏ । ଏହି ସମସ୍ୟା ପାଇଁ ଶୁଖିଲା ନଡ଼ିଆ ଖାଇବା ଫାଇଦାକାରୀ ହୋଇଥାଏ ।

# ବୈବାହିକ ଜୀବନରେ ଖୁସି ଚାହୁଁଥିଲେ ଆପଣାନ୍ତୁ ଏହି ଟିପ୍ସ

ତେବେ ପୁରୁଷମାନେ ନିଜ ଯୌନଶକ୍ତି ବଢ଼ାଇବା ପାଇଁ ବଜାରରେ ଉପଲବ୍ଧ ହେଉଥିବା ବିଭିନ୍ନ ପ୍ରକାରର ମେଡ଼ିସିନ ଖାଇବାକୁ ମନସ୍ତ କରନ୍ତି ଯାହା ତାଙ୍କ ଶରୀର ଉପରେ ଖରାପ ପ୍ରଭାବ ପକାଇବା ସହିତ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିଥାଏ । କିନ୍ତୁ ଆଜି ଆମେ ଆପଣଙ୍କୁ କିଛି ଏଭଳି ଘରୋଇ ଟିପ୍ସ କହିବାକୁ ଯାଉଛୁ ଯାହାର ବ୍ୟବହାର ଦ୍ୱାରା ପୁରୁଷଙ୍କ ଯୌନ ଶକ୍ତି ବୃଦ୍ଧି ପାଇବା ସହିତ ଏହା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ କୌଣସି କୁପ୍ରଭାବ ପକାଇବ ନାହିଁ । ତେବେ ଆସନ୍ତୁ ଜାଣିବା କିଛି ଘରୋଇ ଟିପ୍ସ ବିଷୟରେ ।

କଦଳୀ: କଦଳୀ ହେଉଛି ଏକ ପ୍ରୋଟିନର ଉତ୍ସ । କଦଳୀରେ ପ୍ରଚୁର ପରିମାଣରେ ପୋଟାସିୟମ୍ ରହିଥାଏ । ଯେଉଁ କାରଣରୁ କଦଳୀ ଖାଇବା ଦ୍ୱାରା ନିମ୍ନ ରକ୍ତଚାପ ଠିକ୍ ରହିଥାଏ । ଆଉ ଯୌନ ଅଙ୍ଗଗୁଡ଼ିକର ସଠିକ୍ କାର୍ଯ୍ୟ ପାଇଁ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ନିହାତି ଆବଶ୍ୟକ । ଏହି କାରଣରୁ, ଜଣେ ବ୍ୟକ୍ତି ସମ୍ପର୍କ ସ୍ଥାପନ କଲାବେଳେ ଶୀଘ୍ର କ୍ଲାନ୍ତ ହୁଏ ନାହିଁ ଏବଂ ଉତ୍ସାହ ପୂର୍ବ ଅପେକ୍ଷା ଅଧିକ ବଢ଼ିଥାଏ ।

ରସୁଣ-ପିଆଜ: ଘରେ କିଛି ଖାଦ୍ୟ ପ୍ରସ୍ତୁତ ତିଆରି କରିବା ପାଇଁ ରସୁଣ-ପିଆଜ ବ୍ୟବହାର କରିବା ଏକ ସାଧାରଣ କଥା । କିନ୍ତୁ ବହୁତ କମ୍ ଲୋକ ଜାଣିଥିବେ ଯେ ଏହି ଦୁଇଟି ଜିନିଷର ଜବରଦସ୍ତ ଗୁଣ ରହିଛି । ଆଉ ସେଗୁଡିକ ଖାଇବା ଦ୍ୱାରା ପୁରୁଷମାନଙ୍କ ମଧ୍ୟରେ ଯୌନ ଶକ୍ତି ବଢିଥାଏ ।

ଗୋଲମରିଚ ଏବଂ କଞ୍ଚା ଲଙ୍କା: ଗୋଲମରିଚ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହି କଥା ସମସ୍ତଙ୍କୁ ଜଣା । କେବଳ ଏତିକି ନୁହେଁ ଯଦି ଆମେ ଖାଦ୍ୟରେ ଗୋଲମରିଚ ଓ କଞ୍ଚା ଲଙ୍କା ବ୍ୟବହାର କରିବା ତେବେ ଏହା ପୁରୁଷଙ୍କ ପାଇଁ ଫଳ ପ୍ରଦ ହେଇଥାଏ । ଏହା ଦ୍ୱାରା ପୁରୁଷଙ୍କ ଶରୀରରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ । ସେମାନଙ୍କୁ ନିୟମିତ ଖାଇବା ଦ୍ୱାରା ପୁରୁଷମାନଙ୍କର ଯୌନଶକ୍ତି ମଧ୍ୟ ବହୁତ ବୃଦ୍ଧି ପାଇଥାଏ ।

ଗୋଲମରିଚ ଏବଂ କଞ୍ଚା ଲଙ୍କା: ଗୋଲମରିଚ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହି କଥା ସମସ୍ତଙ୍କୁ ଜଣା । କେବଳ ଏତିକି ନୁହେଁ ଯଦି ଆମେ ଖାଦ୍ୟରେ ଗୋଲମରିଚ ଓ କଞ୍ଚା ଲଙ୍କା ବ୍ୟବହାର କରିବା ତେବେ ଏହା ପୁରୁଷଙ୍କ ପାଇଁ ଫଳ ପ୍ରଦ ହେଇଥାଏ । ଏହା ଦ୍ୱାରା ପୁରୁଷଙ୍କ ଶରୀରରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ । ସେମାନଙ୍କୁ ନିୟମିତ ଖାଇବା ଦ୍ୱାରା ପୁରୁଷମାନଙ୍କର ଯୌନଶକ୍ତି ମଧ୍ୟ ବହୁତ ବୃଦ୍ଧି ପାଇଥାଏ ।


ସୂର୍ଯ୍ୟ କିରଣ: ଯୌନ ଶକ୍ତି ଟିପ୍ସ ବୃଦ୍ଧି କରିବାକୁ, ପ୍ରତିଦିନ ସୂର୍ଯ୍ୟ କିରଣ ଗ୍ରହଣ କରିବା ଭଲ ବୋଲି କୁହାଯାଇଛି । ଏହା କରିବା ଦ୍ୱାରା ଆମ ଶରୀରରେ ମେଲାଟୋନିନ୍ ନାମକ ହରମୋନ୍ କମିଯାଏ, ଯେଉଁ କାରଣରୁ ଯୌନ ସମ୍ପର୍କ ରଖିବା ସମୟରେ କୌଣସି ଅସୁବିଧା ହୁଏନାହିଁ ।

ପ୍ରେମର ମୂହୁର୍ତ୍ତରେ ବିଫଳତାକୁ ଏଡାଇବା ପାଇଁ ଟେନସନକୁ ଆପଣଙ୍କ ଜୀବନଠାରୁ ଦୂରରେ ରଖନ୍ତୁ । ଏଥିପାଇଁ ସକାଳ କିମ୍ବା ସନ୍ଧ୍ୟାରେ ଚାଲିବାର ଅଭ୍ୟାସ କରନ୍ତୁ । ବ୍ୟାୟାମ କରିବା ସହିତ ପ୍ରତିଦିନ ଯୋଗ ଧ୍ୟାନ କରନ୍ତୁ । କେବଳ ଏତିକି ନୁହେଁ ଆପଣଙ୍କ ସାଥୀଙ୍କ ସହିତ ମଧ୍ୟ ଛୋଟ ଛୋଟ ଟ୍ରିପ ଯୋଜନା କରନ୍ତୁ ଯାହା ଦ୍ୱାରା ଆପଣଙ୍କ ମାନସିକ ସ୍ଥିତି ଠିକ ରହିବ ଏବଂ ଆପଣ ଦାମ୍ପତ୍ୟ ଜୀବନରେ କୌଣସି ବିଫଳତା ଦେଖା ଯିବନାହିଁ ।



# ୩ ମାସରେ ଥରେ ରକ୍ତଦାନ କରିବା ଦ୍ୱାରା କମିଥାଏ କ୍ୟାନ୍ସର ରୋଗର ଆଶଙ୍କା

ରକ୍ତ ଦାନ କରି ଆପଣ ଅନେକ ଜୀବନ ରକ୍ଷା କରିପାରିବେ । କିନ୍ତୁ ଆଜି ବି ଭାରତର କିଛି ଲୋକମାନେ ରକ୍ତ ଦାନ କରିବାକୁ ଭୟ କରୁଛନ୍ତି । ସେମାନେ ଅନୁଭବ କରନ୍ତି ଯେ ରକ୍ତ ଦେବା ପରେ ଶରୀର ଦୁର୍ବଳ ହୋଇଯାଏ । ଯେତେବେଳେ ଏପରି କିଛି ହୋଇଥାଏ । ରକ୍ତ ଦାନ ଶରୀରକୁ ସୁସ୍ଥ ରଖେ ଏବଂ ଅନେକ ରୋଗ କୁ ଦୂର କରେ । ହୃଦୟ ପାଇଁ ରକ୍ତ ଦାନ କରିବା ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ ।ରକ୍ତ ଦାନ ଓଜନକୁ ନିୟନ୍ତ୍ରଣରେ ରଖେ । ଏହା କର୍କଟ ଭଳି ବିପଜ୍ଜନକ ରୋଗର ଆଶଙ୍କା ମଧ୍ୟ ହ୍ରାସ କରିଥାଏ । ରକ୍ତଦାନ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ରହିଛି । ସେଥିପାଇଁ ଲୋକମାନେ ରକ୍ତ ଦାନ କରିବାକୁ ଭୟ କରନ୍ତି । ଆସନ୍ତୁ ଜାଣିବା ରକ୍ତ ଦାନର ଲାଭ କ'ଣ ଏବଂ କେତେ ଦିନ ମଧ୍ୟରେ ଜଣେ ସୁସ୍ଥ ବ୍ୟକ୍ତି ରକ୍ତ ଦାନ କରିପାରିବ ।



**ରକ୍ତ ଦାନ କରିବାର ଲାଭ**

ହୃଦୟକୁ ସୁସ୍ଥ ରଖେ – ରକ୍ତଦାନର ସବୁଠାରୁ ବଡ ଲାଭ ହେଉଛି ଏହା ହୃଦୟକୁ ସୁସ୍ଥ ରଖେ । ଯେଉଁମାନେ ସମୟ ସମୟରେ ରକ୍ତ ଦାନ କରନ୍ତି, ସେମାନଙ୍କର ଷ୍ଟ୍ରୋକ୍ ପରି ହୃଦୟ ସମ୍ବନ୍ଧୀୟ ରୋଗ ହେବାର ଆଶଙ୍କା ବହୁତ କମିଯାଏ । ଯଦି ଆପଣଙ୍କ ରକ୍ତରେ ଆଇରନ ପରିମାଣ ଅଧିକ ବଢ଼େ, ତେବେ ଏହା ଆପଣଙ୍କ ହୃଦୟ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇପାରେ ।

କର୍କଟ ରୋଗର ଆଶଙ୍କା ହ୍ରାସ ହୁଏ – ଯେଉଁମାନେ ସମୟ ସମୟରେ ରକ୍ତ ଦାନ କରନ୍ତି, ସେମାନଙ୍କ ଶରୀରରେ ଆଇରନ ସନ୍ତୁଳନ ବଜାୟ ରଖେ ।ଏହାଦ୍ୱାରା ଅନେକ ପ୍ରକାରର କର୍କଟ ରୋଗ ହେବାର ଆଶଙ୍କା କମିଯାଏ ।ରକ୍ତ ଦାନ କରିବା ଦ୍ୱାରା କର୍କଟ ରୋଗ ହେବାର ଆଶଙ୍କା ଦୂର ହୁଏ ।

ମେଦବହୁଳତା ହ୍ରାସ – ଯଦି ଆପଣ ରକ୍ତ ଦାନ କରନ୍ତି, ତେବେ ଆପଣ ଅଧିକ କ୍ୟାଲୋରୀ ଜଳାନ୍ତି, ଯାହା ଆପଣଙ୍କ ପାଇଁ ଓଜନ ହ୍ରାସ କରିବା ସହଜ କରିଥାଏ । ରକ୍ତ ଦାନ କରିବା ପରେ, କିଛି ମାସ ମଧ୍ୟରେ ଲାଲ ରକ୍ତ କଣିକାର ସ୍ତର ସମାନ ହୋଇଯାଏ । ଯଦି ଆପଣ ଏକ ସୁସ୍ଥ ଖାଦ୍ୟ ଓ ବ୍ୟାୟାମ କରନ୍ତି, ତେବେ ଆପଣଙ୍କର ଓଜନ ଦ୍ରୁତ ଗତିରେ କମିବା ଆରମ୍ଭ କରେ ।

ଲାଲ୍ କୋଷ ଉତ୍ପାଦନ ବୃଦ୍ଧି କରେ – ରକ୍ତ ଦାନ କରୁଥିବା ଲୋକଙ୍କ ଶରୀରରେ ରକ୍ତ ଅଭାବକୁ ସଂପୂର୍ଣ୍ଣ କରିବା ପ୍ରକ୍ରିୟା ତ୍ୱରାନ୍ୱିତ ହୁଏ । ଯେଉଁ କାରଣରୁ ଶରୀରରେ ଲାଲ ରକ୍ତ କଣିକା ବୃଦ୍ଧି ପାଇଥାଏ । ଏହା ଆପଣଙ୍କ ସ୍ୱାସ୍ଥ୍ୟକୁ ଭଲ ରଖେ ।

ସ୍ୱାସ୍ଥ୍ୟ ଭଲ ରୁହେ – ଯେଉଁମାନେ ନିୟମିତ ଭାବରେ ରକ୍ତ ଦାନ କରନ୍ତି, ସେମାନଙ୍କ ସ୍ୱାସ୍ଥ୍ୟ ଅନ୍ୟମାନଙ୍କ ଅପେକ୍ଷା ଭଲ ରୁହେ । ଏହା ସାମଗ୍ରିକ ସ୍ୱାସ୍ଥ୍ୟକୁ ଭଲ ରଖେ । ଏହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ରକ୍ତ ଦାନ କରି, ଆପଣ କାହାର ଜୀବନ ରକ୍ଷା କାରୁଛନ୍ତି, ଏହା ମାନସିକ ସନ୍ତୁଷ୍ଟି ମଧ୍ୟ ଦେଇଥାଏ ।

କେତେ ଦିନ ମଧ୍ୟରେ ରକ୍ତ ଦାନ କରାଯିବା ଉଚିତ

ଡାକ୍ତରମାନେ କହିଛନ୍ତି ଯେ ଜଣେ ସୁସ୍ଥ ବ୍ୟକ୍ତି ପ୍ରତି ୩ ମାସରେ ରକ୍ତ ଦାନ କରିବା ଉଚିତ୍ । ଏହା ପଛର କାରଣ ହେଉଛି ଶରୀରରେ ୯୦ ରୁ ୧୨୦ ଦିନ ମଧ୍ୟରେ ଲୋହିତ ରକ୍ତ କଣିକା ସ୍ୱୟଂଚାଳିତ ଭାବରେ ମରିଯାଏ ଏବଂ ନୂତନ କୋଷ ଗଠନ ହୁଏ । ଡାକ୍ତରମାନେ ପ୍ରତି ୩ ମାସରେ ରକ୍ତ ଦାନ କରିବାକୁ ପରାମର୍ଶ ଦିଅନ୍ତି ।

# କ୍ୟାନ୍ସର ରୋକିପାରେ କିସ୍‌ମିସ୍ !

ଦୈନନ୍ଦିନ ଜୀବନରେ କିସ୍‌ମିସ୍‌ର ସେବନ ସ୍ୱାସ୍ଥ୍ୟ ପ୍ରତି ହିତକର ବୋଲି କୁହାଯାଇଛି । ଅନେକ ଲୋକ କାଜୁ ଓ କିସ୍‌ମିସ ଭଳି ଡ୍ରାଏଫୁଡସ ଖାଇବାକୁ ବେଶ୍ ପସନ୍ଦ କରିଥାନ୍ତି । କେବଳ ସେତିକି ନୁହେଁ ବିଭିନ୍ନ ପ୍ରକାରର ଖାଦ୍ୟ ପଦାର୍ଥରେ କିସମିସ୍‌ର ମିଶ୍ରଣ ଏହାର ସ୍ୱାଦକୁ ଦ୍ୱିଗୁଣିତ କରିଥାଏ । କିସମିସ୍ ଫାଇବରର ସର୍ବୋତ୍ତମ ଉତ୍ସ ଏବଂ ଏହା ହଜମ ପ୍ରକ୍ରିୟାରେ ମଧ୍ୟ ସାହାଯ୍ୟ କରିଥାଏ । ଏଥିରେ ଟାର୍ଟାରିକ୍ ଏସିଡ୍ ମଧ୍ୟ ରହିଥାଏ ଯାହା ପେଟ ସମସ୍ୟାରୁ ମୁକ୍ତି ପାଇବାରେ ସାହାଯ୍ୟ କରିଥାଏ । ଅନୁସନ୍ଧାନରୁ ଜଣାପଡିଛି ଯେ କିସମିସରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି ଯାହା ଅନ୍ତନଳୀ କାର୍ଯ୍ୟରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ । ଏହା ଆପଣଙ୍କ ଅନ୍ତନଳୀରେ ବ୍ୟାକ୍ଟେରିଆର ସନ୍ତୁଳନକୁ ମଧ୍ୟ ନିୟନ୍ତ୍ରଣ କରିଥାଏ ।



କିସମିସ୍ ଆଇରନ୍ ସ୍ତରକୁ ବଢାଇଥାଏ ଏବଂ ହାଡକୁ ଶକ୍ତିଶାଳୀ ରଖିବାରେ ସାହାଯ୍ୟ କରିଥାଏ । ଗୋଟିଏ ଦିନରେ ପ୍ରାୟ ୩୦ରୁ ୪୦ ଗ୍ରାମ କିସମିସ୍ ଖାଇବା ଶରୀର ପାଇଁ ଉପଯୋଗୀ ହୋଇଥାଏ । ଅନ୍ୟପକ୍ଷରେ, ଅଧିକ ମାତ୍ରାରେ କିସମିସ୍ ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ଖରାପ ହୋଇପାରେ ବୋଲି ଡାକ୍ତରମାନେ ମତ ଦେଇଛନ୍ତି । ଅନ୍ୟ ପୋଷକ ତତ୍ତ୍ୱକୁ ଅବଶୋଷିତ କରିବାରେ କିସ୍‌ମିସ୍‌ର କ୍ଷମତା ଥିବାରୁ କ୍ୟାନସରଜନିତ ରୋଗ ରୋକିବାରେ ଏହା ସହାୟକ ହୋଇଥାଏ ବୋଲି ଅନୁସନ୍ଧାନକାରୀମାନେ ଜାଣିପାରିଛନ୍ତି ।

# ବ୍ୟାନ୍

■ ଜାପାନରେ ନାଇଟ ଲାଇଫ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି । ହେଲେ ରାତିରେ ଡ୍ୟାନ୍ସ ମନା । ୧୯୪୮ ମସିହାରୁ ଜାପାନର ନାଇଟ କ୍ଲବରେ ଡ୍ୟାନ୍ସ ସମ୍ପୂର୍ଣ୍ଣ ବ୍ୟାନ୍ ।


■ କିଣ୍ଡର ଜୟ କିମ୍ବା କିଣ୍ଡର ସରପ୍ରାଇଜ ଏଗ୍ ପିଲାମାନଙ୍କୁ ଭାରି ପସନ୍ଦ । କିନ୍ତୁ ଆମେରିକାରେ କିଣ୍ଡର ଜୟ ସମ୍ପୂର୍ଣ୍ଣ ବ୍ୟାନ୍ । ଯଦି ଆମେରିକାରେ କାହାଠାରୁ କିଣ୍ଡର ଏଗ୍ ମିଳେ ତ ତାଙ୍କଠାରୁ ଜରିମାନା ବାବଦକୁ ୨,୫୦୦ ଡଲାର ଅର୍ଥାତ୍ ଭାତୀୟ ମୁଦ୍ରାର ଏକଲକ୍ଷ ୬୬ହଜାର ଟଙ୍କା ଆଦାୟ କରାଯାଏ । ଏହି ଚକୋଲେଟ୍‌ଟି ଏଗରେ ସରପ୍ରାଇଜ ଟୟ ରହିଥାଏ । ଏହା ପିଲାମାନଙ୍କ ତଣ୍ଟିରେ ଲାଗିଯିବା ଭୟରେ ଏହା ଉପରେ ବ୍ୟାନ ଲଗାଯାଇଛି ।

# ରସୁଣ ଖାଆନ୍ତୁ ଶୁକ୍ରାଣୁ ବଢ଼ିବ

ରସୁଣରେ ଏଲିସିନ୍ ନାମକ ଏକ ରାସାୟନିକ ପଦାର୍ଥ ରହିଛି, ଯାହା ଜନନାଙ୍ଗକୁ ରକ୍ତ ପ୍ରବାହ ବଢ଼ାଇବା ସହ ଶୁକ୍ରାଣୁମାନଙ୍କ ଗୁରବତ୍ତା ବଢ଼ାଇଥାଏ । ରସୁଣରେ ଏମିତି କିଛି ଗୁଣ ରହିଛି, ଯାହା ରକ୍ତ ପ୍ରବାହକୁ ତୀବ୍ର କରିବା ସହ ଧମନୀକୁ ପରିଷ୍କାର କରିଥାଏ । ଅବଶ୍ୟକୀୟ ଶୁଦ୍ଧ ରକ୍ତ ପ୍ରବାହ ନ ହେବା ମଧ୍ୟ ନପୁଂସକତାର ଅନ୍ୟ ଏକ କାରର । ଏଥିରେ ଜିଙ୍କ ରହିଛି । ଜିଙ୍କ ଟେଷ୍ଟୋଷ୍ଟେରନ, ଶୁକ୍ରାଣୁର ଗତିଶୀଳତା ଓ ଶୁକ୍ରାଣୁଙ୍କ ସଂଖ୍ୟା ବଢ଼ାଇବାରେ ସହଯୋଗ କରିଥାଏ । ରସୁଣ ପୁରୁଷଙ୍କ ପ୍ରଜନନ କ୍ଷମତାକୁ ମଜଭୁତ କରୁଥିବାବେଳେ ମହିଳାମାନଙ୍କ ଗର୍ଭପାତ ସମ୍ଭାବନାକୁ ଏଡାଇଥାଏ । ସେହିପରି ମହିଳା ରସୁଣକୁ ଡାଏଟରେ ସାମିଲ କଲେ ଋତୁସ୍ରାବଜନିତ ଯନ୍ତ୍ରଣାରୁ ମୁକ୍ତି ମିଳିବା ସହ ସୁସ୍ଥ ଭାବେ ଗର୍ଭଧାରଣ ମଧ୍ୟ କରିପାରିଥାନ୍ତି ।



# ଯେବେ ଆଖି ଦିଏ ଇସାରା: ଜମା କରନ୍ତୁନି ଅଣଦେଖା, ନହେଲେ ଆସିବ ବଡ଼ ବିପଦ



କିଡନି ଆମ ଶରୀରର ଏଭଳି ଅଙ୍ଗ , ଯାହା ଆମ ଶରୀରର ଅତିରିକ୍ତ ପାଣିକୁ ପରିସ୍ରା ଜରିଆରେ ବାହାର କରିଦିଏ । ଏହାସହ ରକ୍ତକୁ ସଫା କରିଦିଏ ଏବଂ ଶରୀରରେ ମିନେରାଲ୍ସ , ଜଳୀୟ ଅଂଶର ସନ୍ତୁଳନ ରକ୍ଷା କରେ । ଏଥିରେ ଯଦି କିଛି ସମସ୍ୟା ହୁଏ ଆଖି କହିଦିଏ । ଆମ ଶରୀରରେ ଏପରି ଅନେକ ଅଙ୍ଗ ଅଛି, ଯେଉଁଗୁଡ଼ିକ ପ୍ରତିଦିନ ବିନା ଅଟକି କାମ କରିଥାଏ । ଯେପରିକି ହୃଦୟ, ଫୁସଫୁସ, ମସ୍ତିଷ୍କ ଏବଂ କିଡନି । ଏଥିମଧ୍ୟରୁ କିଡନି ବା ବୃକକ୍ ଏପରି ଏକ ଅଙ୍ଗ, ଯାହା ଆମ ଶରୀରରୁ ଅପରିଷ୍କାର ପଦାର୍ଥ ଏବଂ ଅତିରିକ୍ତ ପାଣିକୁ ପରିସ୍ରା ମାଧ୍ୟମରେ ବାହାର କରିଥାଏ । ଏହା ସହିତ ଏହା ରକ୍ତକୁ ପରିଷ୍କାର କରିବା ସହ ଶରୀରରେ ମିନେରାଲ୍ସ ଏବଂ ପାଣିର ସଠିକ୍ ସନ୍ତୁଳନ ବଜାୟ ରଖେ । କିନ୍ତୁ ଯଦି କିଡନୀ ଧୀରେ ଧୀରେ ଖରାପ ହେବାକୁ ଲାଗେ, ତେବେ ଏହାର ପ୍ରଭାବ ଶରୀରର ଅନେକ ଅଙ୍ଗରେ ଦେଖାଯିବାକୁ ଲାଗେ । ଆଶ୍ଚର୍ଯ୍ୟର କଥା ହେଉଛି, ଏହାର ଆରମ୍ଭ ପ୍ରାୟତଃ ଆଖିରୁ ହୋଇଥାଏ । ଆଖିରେ ଦେଖାଦେଉଥିବା ଛୋଟ ଛୋଟ ପରିବର୍ତ୍ତନ ଆମକୁ କିଡନି ଖରାପ ହେବା ଏବଂ କିଡନି ଫେଲ୍ ହେବା ପୂର୍ବରୁ ହିଁ ସତର୍କ କରିପାରେ । ଯଦି ଆମେ ସମୟ ପୂର୍ବରୁ ଏହି ସଙ୍କେତଗୁଡ଼ିକୁ ଚିହ୍ନିପାରିବା, ତେବେ କିଡନି ଫେଲ୍ ଭଳି ଗମ୍ଭୀର ପରିସ୍ଥିତିରୁ ବଞ୍ଚିବା ସମ୍ଭବ ହୋଇପାରେ । ତେବେ ଆସନ୍ତୁ ଜାଣିବା, କିଡନି ଫେଲ୍ ହେବା ପୂର୍ବରୁ ଆପଣଙ୍କ ଆଖି କେଉଁ କେଉଁ ସଙ୍କେତ ଦେଇଥାଏ ।

# କେବଳ ପ୍ରୋଟିନ୍ ନୁହେଁ, ଫାଇବର ବି ଜରୁରୀ: ହାଇପ୍ରୋଟିନ୍ ଡାଏଟ୍‌ରେ ଏସବୁ ଖାଦ୍ୟ କରନ୍ତୁ ସାମିଲ

ଆଜିକାଲି ଡାଏଟ୍ ଓ ଫିଟନେସ୍‌କୁ ନେଇ ପ୍ରୋଟିନ୍ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ହେଲେ କେବଳ ପ୍ରୋଟିନ୍ ଅଧିକ ଖାଇଲେ ଖାଦ୍ୟ ସନ୍ତୁଳିତ ହୋଇଯାଏ ନାହିଁ । ଶରୀର ପାଇଁ ଫାଇବର, ଭିଟାମିନ୍, ମିନେରାଲ୍ସ ଓ ଅନ୍ୟାନ୍ୟ ପୋଷକତତ୍ତ୍ୱ ମଧ୍ୟ ଆବଶ୍ୟକ । ବିଶେଷଜ୍ଞଙ୍କ ମତରେ, ଡାଏଟ୍ ?ରେ ପ୍ରୋଟିନ୍ ବଢ଼ାଇବା ବେଳେ ଫଳ, ପନିପରିବା, ଡାଲି ଓ ଶସ୍ୟ ଜାତୀୟକୁ କମାଇବା ଠିକ୍ ନୁହେଁ । ପ୍ରୋଟିନ୍ ଓ ଫାଇବର ଦୁଇଟିକୁ ଏକାଠି ଖାଦ୍ୟରେ ସାମିଲ କରିବା ଅଧିକ ଭଲ ।

ପ୍ରୋଟିନ୍ ସହ ଫାଇବର ଦେଉଥିବା ଖାଦ୍ୟ: ଡାଲି, ଛୋଲା, ରାଜମା, ମଟର, ସୋୟା, ବାଦାମ, ମଞ୍ଜି ଓ ସାରା ଶସ୍ୟ ଭଳି ଖାଦ୍ୟରୁ ଉଭୟ ପ୍ରୋଟିନ୍ ଓ ଫାଇବର ମିଳିଥାଏ । ଡାଲି ଓ ଅନ୍ୟାନ୍ୟ ପଲ୍ସ ଫାଇବର ଓ ପ୍ରୋଟିନ୍‌ର ଭଲ ସ୍ରୋତ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶିକାରେ ମଧ୍ୟ କୁହାଯାଇଛି । ବୟସ୍କଙ୍କ ପାଇଁ ଦିନକୁ ପ୍ରାୟ ୩୦ ଗ୍ରାମ୍ ଫାଇବର ନେବାକୁ ସାଧାରଣ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକାରେ ପରାମର୍ଶ ଦିଆଯାଏ । ଯଦି ବର୍ତ୍ତମାନ ଖାଦ୍ୟରେ ଫାଇବର କମ୍ ଅଛି, ତେବେ ହଠାତ୍ ପରିମାଣ ବଢ଼ାଇବା ପରିବର୍ତ୍ତେ ଧୀରେ ଧୀରେ ବଢ଼ାଇବା ଭଲ । ଫାଇବର ବଢ଼ାଇବା ସହ ପର୍ଯ୍ୟାପ୍ତ ପାଣି ପିଇବା ମଧ୍ୟ ଜରୁରୀ । ଏହା ହଜମ ପ୍ରକ୍ରିୟାକୁ ସହାୟତା କରିବା ସହ କୋଷ୍ଠକାଠିନ୍ୟରୁ ରକ୍ଷା କରିପାରେ ।



ଫାଇବର କମ୍ ଖାଇଲେ କଣ ହୁଏ ?: ଖାଦ୍ୟରେ ଫାଇବର କମ୍ ରହିଲେ କୋଷ୍ଠକାଠିନ୍ୟ ଓ ହଜମ ସମସ୍ୟା ହୋଇପାରେ । ଅନ୍ୟପକ୍ଷରେ ପର୍ଯ୍ୟାପ୍ତ ଫାଇବର ନେବା ଭଲ ହଜମ ସ୍ୱାସ୍ଥ୍ୟ ସହ ଜଡ଼ିତ ଏବଂ ହୃଦ୍‌ରୋଗ, ଟାଇପ୍-୨ ଡାଇବେଟିସ୍ ଓ କିଛି ରୋଗର ଝୁମ୍ପ କମ୍ ହେବା ସହ ସମ୍ପର୍କିତ ।

ଫୁଲ୍ ପ୍ଲେଟ୍ ଡାଏଟ୍‌ରେ କଣ ରହିବ ?: ସନ୍ତୁଳିତ ଖାଦ୍ୟ ପାଇଁ ଭୋଜନରେ ପନିପରିବା, ଫଳ, ଡାଲି କିମ୍ବା ଅନ୍ୟ ପ୍ରୋଟିନ୍ ସ୍ରୋତ ଏବଂ ଅଧିକ ଫାଇବରଯୁକ୍ତ ଖାଦ୍ୟ ସାମିଲ କରିବା ଜରୁରୀ । ଉଦାହରଣ ସ୍ୱରୂପ ଭାତ ସହ ଡାଲି ଓ ପନିପରିବା, କିମ୍ବା ରୁଟି ସହ ଡାଲି/ଛୋଲା ଓ ସାଲାଡ୍ ନେଇପାରିବେ । ଫାଇବରଯୁକ୍ତ ଖାଦ୍ୟ ଅଧିକ ସମୟ ପେଟ ଭରି ରହିବାର ଅନୁଭବ ଦେଇପାରେ । ତେଣୁ ଡାଏଟ୍‌ରେ କେବଳ ପ୍ରୋଟିନ୍‌କୁ ଗୁରୁତ୍ୱ ନଦେଇ ପ୍ରୋଟିନ୍, ଫାଇବର ଓ ଅନ୍ୟ ପୋଷକତତ୍ତ୍ୱର ସନ୍ତୁଳନ ରଖିବା ଜରୁରୀ ।

# ପଡିଆ ବ୍ଲକ ବିଜୁ ଜନତା ଦଳର ନୂତନ ବ୍ଲକ କମିଟି କର୍ମକାର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଓ ମିଶ୍ରଣ ପର୍ବ ଅନୁଷ୍ଠିତ

ମାଲକାନଗିରି,୮/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ବିଜୁ ଜନତା ଦଳ ତରଫରୁ ବିଜୁ ଜନତା ଦଳର ନୂତନ ସାଙ୍ଗଠନିକ ବ୍ଲକ କମିଟି ର ସମସ୍ତ ପଦାଧିକାରୀ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ଯୋଗ ଦେଇ ପଡିଆ ବ୍ଲକ ର ନୂତନ ବିଜେଡି ବ୍ଲକ ସଭାପତି ମେସାକ୍ ମାଦ୍ରୀ ଙ୍କୁ ଶଙ୍ଖ ଚିହ୍ନ ଥିବା ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି ଏବଂ ତତ୍ ସହିତ ବିଜେଡି ପଡିଆ ବ୍ଲକ ର ନୂତନ ପଦାଧିକାରୀ ସନାତନ ବିଶ୍ୱାସ ଉପ ସଭାପତି, ବିଶ୍ୱଜିତ ବିଶ୍ୱାସ ଉପ ସଭାପତି ,ଗଙ୍ଗା କରାମ ଉପ ସଭାପତି,ଦୀପକ ମିର୍ଦ୍ଧା ସାଧାରଣ ସମ୍ପାଦକ ,ଜଗା କରାମ ସମ୍ପାଦକ ,ଦୀପଙ୍କର ବାଉଲ ସମ୍ପାଦକ , ଆନ୍ଦ ମାଡି ସମ୍ପାଦକ , ରାଜା ପଡ଼ିଆମୀ ସମ୍ପାଦକ ,ଦିଲ୍ଲୀପ କୁମାର ପଟିଆ ସମ୍ପାଦକ ,ସୁକୁମାର ଘୋଷ ସମ୍ପାଦକ ପ୍ରମୁଖ ଙ୍କୁ ବିଜୁ ଜନତା ଦଳ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ଆଗାମୀ ପଂଚାୟତ ନିର୍ବାଚନ ର ଗୁରୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ଆଗାମୀ ପଂଚାୟତ ନିର୍ବାଚନ ପଡିଆ ବ୍ଲକ ର ସମସ୍ତ ପଂଚାୟତ ରେ କି ଭଳି ତୃଣ ମୂଳ ସ୍ତରରେ ବିଜୁ ଜନତା ଦଳର କର୍ମକର୍ତ୍ତା ଲୋକଙ୍କ ପାଖରେ ପହଂଚି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ହାତ ମୁଠା ଟାଣ କରିବା ପାଇଁ ଜିଲ୍ଲା ସଭାପତି ମାନସ ମାଡକାମି ପଡିଆ ବ୍ଲକ ନୂତନ କମିଟି କୁ ଆହ୍ୱାନ ଦେଇଛନ୍ତି । ଆଜିର କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ବିଜୁ ଜନତା ଦଳ ଉପ ସଭାପତି ପ୍ରଫୁଲ କୁମାର ପଣ୍ଡା , ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ନାକା ନୁକଲ ରାଜୁ ,ଜିଲ୍ଲା ସଂଖ୍ୟାଲଘୁ ସେଲ୍ ସଭାପତି ରାଜେନ୍ଦ୍ର ଖସଲା , ବିଜେଡି ବରିଷ୍ଠ ନେତା ତଥା ମାଲକାନଗିରି ବ୍ଲକ ସଭାପତି ସର୍ବ କୁମାର ବିଶୋଇ , ପଡିଆ ବ୍ଲକ ଜିଲ୍ଲା ପରିଷଦ ସଭ୍ୟା ସୁରଭି ଭୌମିକ, ପଡିଆ ବ୍ଲକ ଅଧ୍ୟକ୍ଷା ଦେବେ ମାଡି , ବିଜେଡି ବରିଷ୍ଠ ନେତା ତଥା ଜିଲ୍ଲା ସମ୍ପାଦକ ଏମ୍ ଡି ଫାରୁଖ୍ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ସଭାପତି ମାନସ ମାଡକାମି ଙ୍କ ଉପସ୍ଥିତିରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି !ଏଥିରେ ବିଜେପି ଓ କଂଗ୍ରେସ ଛାଡି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ରେ ଅନୁପ୍ରାଣିତ ହୋଇ କର୍ଣ୍ଣଧାର ସରକାର ଏମ୍ ଭି .୧୬ ,ରଘୁନାଥ ବିଶ୍ୱାସ ଏମ୍ ଭି. ୫୯ ,ବିକ୍ରମ ଠିକାଦାର ଏମ୍ ଭି .୫୯ ,ସପନ ତାରଫଦାର ଏମ୍ ଭି .୫୯ ,ଲୋକନାଥ ବିଶ୍ୱାସ ଏମ୍ ଭି .୫୯ ,ପ୍ରଶାନ୍ତ ମିସ୍ତ୍ରୀ ଏମ୍ ପି ଭି . ୬୧ ଏବଂ ପ୍ରଦୀପ ବୋଷ ଏମ୍ ଭି .୫୯ ପ୍ରମୁଖ ବିଜୁ ଜନତା ଦଳରେ ସାମିଲ ହେଲେ ।ମାଲକାନଗିରି ଜିଲ୍ଲା ଭାରତୀୟ ଜନତା ପାର୍ଟିର ବିଧାୟକ ଏବଂ ସାଂସଦ ଙ୍କୁ ଜିଲ୍ଲା ବିଜୁ ଜନତା ଦଳ ତରଫରୁ ଘୋର ନିନ୍ଦା କରାଯାଇଛି ଏଠାରେ ସୂଚନାଯୋଗ୍ୟ ଯେ-: ପଡିଆ ବ୍ଲକ କାଲଦାପାଲ୍ଲୀ ର ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ପଂଚାୟତ ସଭାପତି ଭୀମସେନ ପଡ଼ିଆମୀ ଅଭିଯୋଗ କଲେ କି ନିଜ ଗ୍ରାମର ସମସ୍ୟା ନେଇ ମାଲକାନଗିରି ମାନ୍ୟବର ବିଧାୟକ ନରସିଂହ ମାଡକାମୀ ଙ୍କ ବାସ ଗୃହରେ ଗଲା ପରେ ନିଜ ଗ୍ରାମର ସମସ୍ୟା କହୁ କହୁ ଭାରତୀୟ ଜନତା ପାର୍ଟି ର ଉତ୍ତରୀ ଆଣି ବିଧାୟକ ପିନ୍ଧେଇ ଦେଲେ ସେ ସେଠାରେ ଆଉ କିଛି କହି ପାରିଲେନି ପରବର୍ତ୍ତୀ ସମୟରେ କହିଲେ ମୁଁ ତ ବିଜେପି ରେ ମିଶି ନାହିଁ ମୋର ଗାଁ ର ସମସ୍ୟା ନେଇ ଯାଇଥିଲି ସେଠାରେ ଜୋର ଜବରଦସ୍ତ ବିଜେପି ର ଉତ୍ତରୀ ମୋତେ ପିନ୍ଧାଇଲେ ବୋଲି ବିଜେଡି ଜିଲ୍ଲା ସଭାପତି ମାନସ ମାଡକାମୀ ଙ୍କ ପାଖରେ ଅଭିଯୋଗ କରିଛନ୍ତି । ଏହିଭଳି ଭାରତୀୟ ଜନତା ପାର୍ଟି ର କର୍ମକାର୍ତ୍ତା ଏବଂ ବିଧାୟକ ,ସାଂସଦ ମାନେ ଜବରଦସ୍ତ ଗୋଟିଏ କର୍ମୀଙ୍କୁ ଅନିଚ୍ଛା ସ୍ୱତେ ଦଳରେ ସାମିଲ ହୋଇଛନ୍ତି ବୋଲି ବାହାବା ନେବା ପାଇଁ ଏଭଳି ଏକ ନିଷ୍ପତି ନେଉଛନ୍ତି ତାକୁ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ଘୋର ନିନ୍ଦା କରୁଛି ।

# ଶିଳ୍ପୀଶ୍ରୀର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



ଭଦ୍ରକ ,୮/୦୯ (ନି.ପ୍ର): ରାନ୍ଦିଆ ଠାରେ ଶିଳ୍ପୀଶ୍ରୀ ନୃତ୍ୟ ସଂଗୀତ ଓ ଚିତ୍ରକଳା ମହାବିଦ୍ୟାଳୟରେ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶ୍ରୀରାମ ଟ୍ରକ ମାଲିକ ସଂଘ ପ୍ରଯୋଜନାରେ ଉତ୍ସବଟିକୁ ଅଧ୍ୟକ୍ଷ ଶ୍ରୀଯୁକ୍ତ ମୋହିନୀ ମୋହନ ମହାପାତ୍ର ପୌରହିତ କରି ପିଲାମାନଙ୍କର କଳା ମକ୍ଷଧମରେ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଛାତ୍ର ଛାତ୍ରୀଙ୍କ ମନ୍ତ୍ର ପୂରଣରେ ଅତିଥିମାନେ ଦୀପ ପ୍ରଜ୍ୱଳନ କରି ଶୁଭ ଉଦଘାଟନ କରିଥିଲେ, ସଭାପତି ଖିରୋଦ ଚନ୍ଦ୍ର ମହାପାତ୍ର ଅତିଥି ମାନଙ୍କ ପରିଚୟ ପ୍ରଦାନ କରି ଧାରାବାହିକ ଭାବେ ପିଲାମାନଙ୍କ ମଧ୍ୟରେ ସାଂସ୍କୃତିକ ଚେତନା ସୃଷ୍ଟି କରିବାକୁ ଆହ୍ୱାନ କରିଥିଲେ। ମୁଖ୍ୟ ଅତିଥି ନାରାୟଣ ଓଝା, ସମ୍ମାନିତ ଅତିଥି ଅଧ୍ୟାପିକା ରିତା ମହାନ୍ତି ଓ ବରଣ୍ୟ ଅତିଥି ସନ୍ଧ୍ୟା ରାଣୀ ମହାପାତ୍ର ନିଜେ ନିଜର ବକ୍ତବ୍ୟ ରଖି ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ, ଦେବାଦୀପ୍ତି ହୋତା ଓ ରାମ ଚନ୍ଦ୍ର ଜେନାଙ୍କ ନିର୍ଦ୍ଦେଶନାରେ ପିଲାମାନେ ଉଚ୍ଚ କୋଟିର ନୃତ୍ୟ ପରିବେଷଣ କରିଥିଲେ। ଛାତ୍ର ଛାତ୍ରୀମାନଙ୍କ ରଙ୍ଗ ତୁଳିରେ ସୁନ୍ଦର ଚିତ୍ର ପ୍ରଦର୍ଶନୀ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣକୁ ଶ୍ରୀ ଶ୍ରୀ ସରୋଜ କୁମାର ଶଙ୍ଖୁଆ, ଉଦୟନାଥ ବିଶ୍ୱାଳ ତାପଧନ ସାହୁ, ସମ୍ୟ ରଞ୍ଜନ ମହାପାତ୍ର ଓ ଅଭିଜିୟ ନାୟକ ଆଦି କଳାକାରମାନେ ପରିଚାଳନା କରିଥିଲେ, ନମିତା ରାଣୀ ମୁଦୁଲି, ମଧୁସ୍ମିତା ଅନନ୍ୟକ୍ଷ ମହାନ୍ତି, କାତ୍ୟାୟନୀ ସାମଲ ଓ ହଁସନି ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ, ବରିଷ୍ଠ ସଭ୍ୟା ନିର୍ମଳା ବେହେରା ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସଭାକୁ ଶେଷ କରିଥିଲେ।

# ଖୋର୍ଦ୍ଧାରେ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ମହୋତ୍ସବ ଉଦ୍‌ଯାପିତ



ଖୋର୍ଦ୍ଧା,୮/୦୯ (ନି.ପ୍ର): ଖୋର୍ଦ୍ଧା ସହରର ହାବେଳି ପଡ଼ିଆରେ ସପ୍ତ ଦିନ ବ୍ୟାପୀ ଚାଲିଥିବା ଶ୍ରୀଜଗନ୍ନାଥଙ୍କ ୩୨ ବେଶ ମହୋତ୍ସବ ଭକ୍ତିମୟ ପରିବେଶରେ ସୋମବାର ଉଦ୍‌ଯାପିତ ହୋଇଛି।

ଓଡ଼ିଶା ସର୍ଭିସ ସେଣ୍ଟର ଫର ଦି ଡିଭ୍ୟାଙ୍ଗ ପିପୁଲ୍ସ, ପୁରୀ ଆନୁକୂଲ୍ୟରେ ଏବଂ ବିଶ୍ୱ ହିନ୍ଦୁ ପରିଷଦ, ଖୋର୍ଦ୍ଧାର ସହଯୋଗରେ ଆୟୋଜିତ ଏହି ମହୋତ୍ସବରେ ମହାପ୍ରଭୁଙ୍କ ବିଭିନ୍ନ ବେଶର ଦର୍ଶନ ସହ ଭଜନ, ପ୍ରବଚନ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଭକ୍ତମାନଙ୍କୁ ଆକର୍ଷିତ କରିଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଭିଏଚପିର ଜିଲା ଉପାଧ୍ୟକ୍ଷ ଡ ସୁକାନ୍ତି ମହାପାତ୍ର ଅଧ୍ୟକ୍ଷତା ରେ ଏହି କାର୍ଯ୍ୟକ୍ରମ ରେ ଆରଏସଏସ ବିଭାଗ ଘୋଷ ପ୍ରମୁଖ ଗିରିଜା ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି, ବରିଷ୍ଠ ଆଇନଜିବୀ ସନତ ପଟ୍ଟନାୟକ, ଖବରଦାତା ଦିଲ୍ଲୀପ ପଟ୍ଟନାୟକ, ସାମାଜିକ କର୍ମୀ ଭଗବାନ ଦାସ, ଅନ୍ୟତମ ଉପାଧ୍ୟକ୍ଷ ସୁଦର୍ଶନ ରଥ, ଜିଲା କୋଷାଧ୍ୟକ୍ଷ ଅଭିମନ୍ୟ ଘଟୁଆଳ ପ୍ରମୁଖ ସମ୍ମାନିତ ଅତିଥି ଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ଅସ୍ମିତା, ଆସ୍ଥା, ଭକ୍ତି ଓ ସଂସ୍କୃତିର ପ୍ରତୀକ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ସେ ଭାବର ଠାକୁର, ଭାବ ବିନୋଦିଆ କାଳିଆ ସାଆନ୍ତ । କୋଟି ଓଡିଆଙ୍କ ମଉଡମଣି, ଭକ୍ତ ର ଭଗବାନ। ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରା ବିଭିନ୍ନ ପର୍ବପର୍ବାଣୀ ଓ ତିଥି ଅନୁସାରେ ଅନେକ ପ୍ରକାର ବେଶରେ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି। ଏହି ବେଶ ଗୁଡ଼ିକ ମଧ୍ୟରେ ୩୨ ବେଶର ଏକ ବିଶେଷ ଧାର୍ମିକ ଓ ଆଧ୍ୟାତ୍ମିକ ମାହାତ୍ମ୍ୟ ରହିଛି। ପ୍ରତ୍ୟେକ ବେଶରେ ମହାପ୍ରଭୁଙ୍କ ଭିନ୍ନ ଭିନ୍ନ ରୂପ, ଲୀଳା ଓ ତତ୍ତ୍ୱ ପ୍ରକାଶ ପାଏ। ଏହି ବେଶଗୁଡ଼ିକ ଭକ୍ତମାନଙ୍କ ମନରେ ଭକ୍ତି, ଆସ୍ଥା ଓ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରେ। ତେଣୁ ୩୨ ବେଶ କେବଳ ଅଳଙ୍କାର ନୁହେଁ, ଏହା ମହାପ୍ରଭୁଙ୍କ ବିଶାଳ ତତ୍ତ୍ୱ, ଲୀଳା ଓ ଭକ୍ତି ପରମ୍ପରାର ଏକ ଅମୂଲ୍ୟ ପ୍ରତୀକ ବେଲି ଅତିଥି ମାନେ କହିଥିଲେ। ଏହି ଅବସରରେ ଅନୁଷ୍ଠାନ ସଭାପତି ଭବାନୀଚରଣ ପାଢୀଙ୍କ ସମେତ ସମସ୍ତ ଦିବ୍ୟାଙ୍ଗ ଭାଇ ଓ ଭଉଣୀ ମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ସପ୍ତାହ ବ୍ୟାପୀ ସେବା ଯୋଗାଇଥିବା ପଦ୍ମଚରଣ ସାହୁ, ନିର୍ମଳକାନ୍ତ ବିଶ୍ୱାଳ, ଜିତେନ୍ଦ୍ର ବେହେରା, ବୈଦ୍ୟନାଥ ମହାପାତ୍ର, ବଟକୃଷ୍ଣ ସାହୁ, କାଶିନାଥ ପ୍ରଧାନ ଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରଭାତ ପାଣିଗ୍ରାହୀ ମଞ୍ଚ ସଂଯୋଜନା କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମହାପ୍ରଭୁଙ୍କ ଜୟଘୋଷ ଓ ମନ୍ତ୍ରଧ୍ୱନିରେ ସମଗ୍ର ପରିବେଶ ଭକ୍ତିମୟ ହୋଇ ଉଠିଥିଲା। ଭକ୍ତମାନେ ମହାପ୍ରଭୁଙ୍କ ବିଭିନ୍ନ ବେଶ ଦର୍ଶନ କରି ଆଧ୍ୟାତ୍ମିକ ଆନନ୍ଦ ଲାଭ କରିଥିଲେ। ଏହି ଅବସରରେ ଭଜନ ସମାରୋହ, ମହାପ୍ରଭୁଙ୍କ କଥାମୃତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦୃଷ୍ଟିବାଧିତ ଭାଇ ଓ ଭଉଣୀମାନଙ୍କ ଦ୍ୱାରା ପରିବେଷିତ ଭଜନ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ମନ ମୋହିଥିଲା।

# ସଡ଼କ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ

## ଟ୍ରକ୍ ଟର୍ମିନାଲ୍‌ର ସୁଚାରୁ ପରିଚାଳନା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ-ଆଇଓସିଏଲ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର,୮/୦୯ (ନି.ପ୍ର): ଜାତୀୟ ଓ ରାଜ୍ୟ ରାଜପଥରେ ଅବୈଧ ପାର୍କିଂ ଯୋଗୁଁ ଘଟୁଥିବା ସଡ଼କ ଦୁର୍ଘଟଣା ଓ ତଦଜନିତ ପ୍ରାଣହାନିକୁ ରୋକିବା ସହ ଭାରୀଯାନ ଚାଳକମାନଙ୍କୁ ଉନ୍ନତ ସୁବିଧା-ସୁଯୋଗ ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାର ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜପଥ ପାର୍ଶ୍ୱରେ ନିର୍ମାଣ ହେଉଥିବା ଅତ୍ୟାଧୁନିକ ଟ୍ରକ୍ ଟର୍ମିନାଲ୍‌ଗୁଡ଼ିକର ସୁଚାରୁ ପରିଚାଳନା ଓ ରକ୍ଷଣାବେକ୍ଷଣ ନିମନ୍ତେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଭାରତ ସରକାରଙ୍କ ଅଗ୍ରଣୀ ଉଦ୍ୟୋଗ 'ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍' (ଆଇଓସିଏଲ) ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍. ବି. ଏସ୍. ରାଜପୁତ, ପରିବହନ କମିଶନର ଅମିତାଭ ଠାକୁର ଏବଂ ଆଇଓସିଏଲର ରାଜ୍ୟ ମୁଖ୍ୟ କମଲ ସିଲ୍ ଓ ଡିଜିଏମ୍ ସଚିନ୍ଦ୍ର ଗୁନୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପରିବହନ ବିଭାଗ ପକ୍ଷରୁ ଅତିରିକ୍ତ ପରିବହନ କମିସନର (ସଡ଼କ ସୁରକ୍ଷା) ଦୀପ୍ତିରଞ୍ଜନ ପାତ୍ର ଏବଂ ଆଇଓସିଏଲ ପକ୍ଷରୁ ରାଜ୍ୟ ରିଟେଲ ମୁଖ୍ୟ ଚିରଞ୍ଜୀବ ପୋଦାର ଏହି ଏମଓୟୁରେ ସ୍ୱାକ୍ଷର କରିଛନ୍ତି। ସୂଚନାଯୋଗ୍ୟ ଯେ, ରାସ୍ତାରେ ଅସୁରକ୍ଷିତ ଭାବେ ଛିଡ଼ା ହୋଇ ରହୁଥିବା ଗାଡ଼ି ସହିତ ଧକ୍କା ହେବା କାରଣରୁ ଓଡ଼ିଶାରେ ପ୍ରତିବର୍ଷ ୩୦୦ରୁ ଅଧିକ ଜଣ ଲୋକ ପ୍ରାଣ ହରାଉଛନ୍ତି। ବିଭିନ୍ନ ରାଜ୍ୟରୁ ଆସୁଥିବା ଦୂରଗାମୀ ଟ୍ରକ୍ ଚାଳକମାନେ ଅନେକ ସମୟରେ ରାଜପଥରେ ବେଆଇନ ଭାବେ ଗାଡ଼ି ପାର୍କିଂ କରୁଥିବା ସହ ଅସୁରକ୍ଷିତ ପରିବେଶରେ ରାନ୍ଧିବା ଓ ବିଶ୍ରାମ ନେବା ଭଳି କାର୍ଯ୍ୟକଳାପ କରୁଛନ୍ତି। ଫଳରେ ସଡ଼କ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଉଛି। ଏହି ସମସ୍ୟା ହ୍ରାସ କରିବା ପାଇଁ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜାତୀୟ ରାଜପଥ ନିକଟରେ ୩୦ଟି ଟ୍ରକ୍ ଟର୍ମିନାଲ୍ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିମଧ୍ୟରୁ ୧୫ଟି ଟର୍ମିନାଲ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ଟର୍ମିନାଲ୍ ଗୁଡ଼ିକରେ ପର୍ଯ୍ୟାପ୍ତ ଗାଡ଼ି ପାର୍କିଂ ବ୍ୟବସ୍ଥା ସହିତ ଡ୍ରାଇଭରମାନଙ୍କ ପାଇଁ ବିଶ୍ରାମାଗାର, କ୍ୟାଣ୍ଟିନ୍, ପାନୀୟ ଜଳ, ଗାଡ଼ି ମରାମତି ଗ୍ୟାରେଜ୍, ଇଭି ଚା ଷ୍ଟେସନ ଏବଂ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଉପଲବ୍ଧ କରାଯାଇଛି।

ଆଜି ସ୍ୱାକ୍ଷରିତ ହୋଇଥିବା ଏମଓୟୁ ଅନୁଯାୟୀ, ଆଇଓସିଏଲ ଏହି ଟ୍ରକ୍ ଟର୍ମିନାଲ୍‌ଗୁଡ଼ିକର ପରିଚାଳନା, କାର୍ଯ୍ୟକ୍ଷମତା ଓ ଦୈନନ୍ଦିନ ରକ୍ଷଣାବେକ୍ଷଣ ଦାୟିତ୍ୱ ନିର୍ବାହ କରିବ।

ରାସ୍ତାରେ ବିପଦପୂର୍ଣ୍ଣ ଭାବେ ଗାଡ଼ି ପାର୍କିଂ କରୁଥିବା ଚାଳକମାନଙ୍କୁ ଏହି ସୁରକ୍ଷିତ ଟର୍ମିନାଲ୍‌ଗୁଡ଼ିକ ବ୍ୟବହାର କରିବା ପାଇଁ ପ୍ରୋତ୍ସାହିତ କରାଯିବ। ଏହି ପଦକ୍ଷେପ ଦ୍ୱାରା ଦୂରଗାମୀ ଡ୍ରାଇଭରମାନଙ୍କ ରହିବା ଓ କାର୍ଯ୍ୟକ୍ଷେତ୍ରର ପରିବେଶରେ ବ୍ୟାପକ ସୁଧାର ଆସିବା ସହ ରାଜ୍ୟରେ ବେଆଇନ ପାର୍କିଂଜନିତ ସଡ଼କ ଦୁର୍ଘଟଣା ଓ ତଦଜନିତ ପ୍ରାଣହାନି ହ୍ରାସ କରିବାରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି।

# ଜାତୀୟସ୍ତରରେ ସ୍ୱଚ୍ଛ ବାୟୁ ପାଇଁ ବିଏମ୍‌ସି ହେଲା ଏକ ନମ୍ବର

ଭୁବନେଶ୍ୱର,୮/୦୯ (ନି.ପ୍ର): ଜାତୀୟସ୍ତରରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ହେଲା ଏକ ନମ୍ବର । ସ୍ୱଚ୍ଛ ବାୟୁ କ୍ଷେତ୍ରରେ ଦେଶର ଅନ୍ୟାନ୍ୟ ସହରକୁ ପଛରେ ପକାଇ ଦେଶର ଏକ ନମ୍ବର ସହର ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଭୁବନେଶ୍ୱର ମହାନଗର ନିଗମ। ଆଜି ନୂଆଦିଲ୍ଲୀଠାରେ କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ସ୍ୱଚ୍ଛ ବାୟୁ ଦିବସ ୨୦୨୬ ଅବସରରେ ଏନ୍.ଜି.ଟି. ଅଧ୍ୟକ୍ଷ ଜଷ୍ଟିସ୍ ପ୍ରକାଶ ଶ୍ରୀବାସ୍ତବଙ୍କଠାରୁ ଭୁବନେଶ୍ୱର ପକ୍ଷରୁ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପୁରସ୍କାର ଗ୍ରହଣ କରିବା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି ବିଏମ୍ ସି ପକ୍ଷରୁ କୁହାଯାଇଛି । ଏହି ଅବସରରେ ମାନନୀୟା ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ଶ୍ରୀମତୀ ମଂଜୁଲତା କହଁର, ବି.ଏମ୍.ସି. କମିଶନର ଶ୍ରୀ ଚଂଚଳ ରାଣା, ଷ୍ଟାଣ୍ଡିଂ କମିଟି ଚେୟାରପର୍ସନ ଶ୍ରୀ ବିରଂଚି ନାରାୟଣ ମହାସୁପକାର, ବିଏମ୍ ସିର ବିରିଷ୍ଠ ଅଧିକାରୀ ନୂଆଦିଲ୍ଲୀଠାରେ ଏହି ପୁରସ୍କାର ଗ୍ରହଣ କରିଛନ୍ତି ।

ୱାର୍ଡ ସ୍ତରୀୟ ସ୍ୱଚ୍ଛ ବାୟୁ ସର୍ବେକ୍ଷଣରେ ଭୁବନେଶ୍ୱର ଦେଖାଇଛି ଉଲ୍ଲେଖନୀୟ ସଫଳତା। ବର୍ଗ-୨ ସହରଗୁଡିକ ମଧ୍ୟରେ ୱାର୍ଡ ନଂ-୩୦ ଓ ୩୬ ଜାତୀୟ ସ୍ତରରେ ପ୍ରଥମ ସ୍ଥାନ ହାସଲ କରି ବିଏମ୍ ସିର ପରିବେଶ ସୁରକ୍ଷା ପ୍ରତି ଦୃଢ ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି । ସେହିପରି ୱାର୍ଡ ନଂ. ୨୨ ରାଜ୍ୟ ସ୍ତରରେ ପ୍ରଥମ ସ୍ଥାନ ହାସଲ କରି ଆମ ସଫଳତାରେ ଆଉ ଏକ ଗୌରବମୟ ଅଧ୍ୟାୟ ଯୋଡ଼ିଦେଇଛି । ଏହି ଉପଲବ୍ଧି ଗୋଟିଏ ଦିନ ପ୍ରୟାସର ସୁଫଳ ନୁହେଁ। ଧୂଳି ନିୟନ୍ତ୍ରଣ, ବୃକ୍ଷରୋପଣ ଓ ସବୁଜ ଆଚ୍ଛାଦନ ବୃଦ୍ଧି, ଯାନବାହନ ନିର୍ଗମନ ନିୟନ୍ତ୍ରଣ, ବୈଜ୍ଞାନିକ ପଦ୍ଧତିରେ ବର୍ଜ୍ୟ ପରିଚାଳନା, ନିର୍ମାଣ ଓ ଭଗ୍ନାବଶେଷ ବର୍ଜ୍ୟର ସଠିକ୍ ପରିଚାଳନା ଏବଂ ସ୍ୱଚ୍ଛତାକୁ ନେଇ ନିଆଯାଇଥିବା ବିଭିନ୍ନ ପଦକ୍ଷେପର ଏହା ଏକ ସମ୍ମିଳିତ ପରିଣାମ ବୋଲି କୁହାଯାଇଛି ।

ଏହି ସଫଳତାର ପ୍ରକୃତ ଶ୍ରେୟ ଭୁବନେଶ୍ୱରବାସୀଙ୍କୁ ଯାଉଛି । ନିଜ ସହରକୁ ସ୍ୱଚ୍ଛ ରଖିବା, ସବୁଜିମା ବଢ଼ାଇବା, ବର୍ଜ୍ୟକୁ ଠିକ୍ ଭାବରେ ପରିଚାଳନା କରିବା ଏବଂ ପରିବେଶ ସୁରକ୍ଷାରେ ନିଜ ଭୂମିକା ତୁଲାଇବାରେ ନାଗରିକମାନଙ୍କ ସହଯୋଗ ହିଁ ଏହି ଉପଲବ୍ଧିକୁ ପ୍ରକୃତ ଅର୍ଥରେ ସାର୍ଥକ କରିଛି ।

ସ୍ୱଚ୍ଛ ବାୟୁ, ସୁସ୍ଥ ପରିବେଶ ଏବଂ ଏକ ସବୁଜ ଓ ସୁନ୍ଦର ଭୁବନେଶ୍ୱର ଗଢ଼ିବା ଦିଗରେ ଆମର ନିରନ୍ତର ପ୍ରୟାସ ଆଜି ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ସ୍ୱୀକୃତି ହାସଲ କରିଛି । ଏହା କେବଳ ଏକ ପୁରସ୍କାର ନୁହେଁ, ବରଂ ଭୁବନେଶ୍ୱରବାସୀଙ୍କ ସାମୂହିକ ପ୍ରୟାସ, ସହଯୋଗ ଓ ପରିବେଶ ପ୍ରତି ଦାୟିତ୍ୱବୋଧର ଏକ ଗୌରବମୟ ପ୍ରତିଫଳନ ବୋଲି କହିଛନ୍ତି ମାନନୀୟା ମେୟର ଶ୍ରୀମତୀ ସୁଲୋଚନା ଦାସ । ସ୍ୱଚ୍ଛ ବାୟୁ ଆମର ଅଧିକାର, ପରିବେଶ ସୁରକ୍ଷା ଆମର ଦାୟିତ୍ୱ। ଏକ ସ୍ୱଚ୍ଛ, ସବୁଜ, ସୁସ୍ଥ ଓ ଗର୍ବିତ ଭୁବନେଶ୍ୱର ଗଠନ ଦିଗରେ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ପୁରସ୍କାର ପାଇବା ଅବସରରେ ବିଏମ୍ ସି କମିଶନର କହିଛନ୍ତି ଯେ, ଆଜିର ଏହି ସମ୍ମାନ ଆମକୁ ଖୁସି ଦେବା ସହିତ ଆହୁରି ବଡ଼ ଦାୟିତ୍ୱ ମଧ୍ୟ ଦେଇଛି। ଆଗାମୀ ଦିନରେ ଭୁବନେଶ୍ୱରକୁ ଆହୁରି ସ୍ୱଚ୍ଛ, ସବୁଜ, ସୁସ୍ଥ ଓ ପରିବେଶ ଅନୁକୂଳ ସହରରେ ପରିଣତ କରିବା ପାଇଁ ଆମର ପ୍ରୟାସ ଆହୁରି ସୁଦୃଢ଼ ହେବ।

## ପାଚିଲା ଫଳର ଉପକାରିତା ଜ୍ଞାନ ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,୮/୦୯ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଚିର ନିରୋଗ ପାଇଁ ପାଚିଲା ଫଳର ଉପକାରୀତା ଜ୍ଞାନ ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି କହିଲେ ପାଚିଲା ଫଳ ଏହି ଦିନେ ପ୍ରଚୁର ମିଳେ ସାଧାରଣତଃ ଶରୀର ପାଇଁ ଭଲ। ଏଥିରେ ଭିଟାମିନ୍, ଖଣିଜ, ଫାଇବର୍ ଓ ଆଂଟି ଅକ୍ସିଡାଂଟ ଥାଏ। ପାଚନ ଶକ୍ତି ବଢ଼ାଏ ଫାଇବର୍ ଥିବାରୁ କୋଷ୍ଠକାଠିନ୍ୟ ଦୂରକରେ, ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ, ପ୍ରାକୃତିକ ଶର୍କରା ଓ କାର୍ବୋହାଇଡ୍ରେଟ୍ ମିଳେ।ହୃଦୟ ପାଇଁ ଉପକାରୀ। ତରଭୁଜ, କମଳା,ପଇଡ଼,କାକୁଡି ଶରୀରରେ ଜଳଅଂଶ ବଢ଼ାଏ, କୋଷଗୁଡ଼ିକୁ ସୁରକ୍ଷା ଯୋଗାଏ, ମର୍ତ୍ତ୍ୟ ଅମୃତ ଅଁଳା, ପିଜୁଳି, ଡାଳିମ୍ବ ଶରୀର ପାଇଁ ଅମୃତ, ମଧୁମେହ କମାଏ। ବନବାସୀ, ଋଷି ମାନେ ଫଳ ଖାଇ ଶହ ଶହ ବର୍ଷ ନିରାମୟ ଜୀବନ ବିତାଉ ଥିଲେ।

# ପ୍ରସିଦ୍ଧ ଗଣେଶ ପୂଜା ଶାନ୍ତି କମିଟି ବୈଠକ : ୨୧ଟି ମଣ୍ଡପରେ ପୂଜା ପାଇବେ ଗଜାନନ

ଭୁବନ,୮/୦୯ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ସହରରେ ଦ୍ୱିତୀୟ ଦଶହରାର ମାନ୍ୟତା ପାଇଥିବା ପ୍ରସିଦ୍ଧ ଗଣେଶ ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନ ଏନ୍ ଏ ସି ସଭାଗୃହରେ କାମାକ୍ଷା ନଗର ଉପ ଜିଲ୍ଲାପାଳ ବିକାଶ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିର୍ବାହୀ ଅଧିକାରୀ ପ୍ରଦତ ସାହୁ , ତହସିଲଦାର ଜ୍ୟୋତିରୂପା ଶତପଥୀ , କାମାକ୍ଷା ନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଚିତ ରଞ୍ଜନ ବେହେରା, ଭୁବନ ଥାନା ଆରକ୍ଷୀ ନିରୀକ୍ଷକ ରେଣୁବାଳା ସାହୁ,ଟି ପି ସି ଓ ଡି ଏଲ ଯନ୍ତ୍ରୀ ନଳିନୀ ଶଙ୍କର ରଥ,ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ବିଶ୍ୱାଳ, ମେଲଣ କମିଟି ସଭାପତି ସୁବ୍ରତ ସାହୁ , ସମ୍ପାଦକ ଜିତେନ୍ଦ୍ର ଦାସ, ବରିଷ୍ଠ ସଭ୍ୟ କାଳନ୍ଦୀ ସାହୁ, ଶାନ୍ତି କମିଟି ସଦସ୍ୟ ଟିଟୁ ଦାସ , ମନୋରଞ୍ଜନ ବେହେରା , ମିଥୁନ ପାତ୍ର, ଜଗନ ବେଜ , ଜୀବନ ଜ୍ୟୋତି ପୃଷ୍ଟି , ରାକେଶ୍ ପୃଷ୍ଟି , ନାରାୟଣ ନାୟକ , ରାମ ନାୟକ , ଲିଙ୍ଗରାଜ ସାହୁ, ପିଂଟୁ ଦାସ , ସିଲୁ ନାୟକ , ସୌରଭ ରାଉତ, ମିଲୁ ରାଉତଙ୍କ ସମେତ ୨୧ ଟି କ୍ଲବର ସଭାପତି,ସମ୍ପାଦକ ଓ ଏନ୍ ଏ ସି କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ସେଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆସନ୍ତା ସେପ୍ଟେମ୍ବର ୧୪ ତାରିଖ ରୁ ୨୧ ଟି ମଣ୍ଡପରେ ପ୍ରଭୁ ଗଜାନନ ଙ୍କ ପୂଜା ଅନୁଷ୍ଠିତ ହେବ । ୨୩ ତାରିଖ ଓ ୨୪ ତାରିଖ ଦୁଇ ଦିନ ମେଲଣ ପଡିଆ ରେ ଗଣେଶ ମେଲଣ ଅନୁଷ୍ଠିତ ହେବ । ୨୫ ତାରିଖ ମଧ୍ୟାହ୍ନ ରେ ମିଳିତ ଭସାଣି ଅନୁଷ୍ଠିତ ହେବ । ତେବେ ଗଣେଶ ପୂଜା ପୂର୍ବରୁ ପେଟ୍ରୋଲ ପମ୍ପ ଛକ ଠାରୁ ନୂଆ ଭୁବନ ଛକ ପର୍ଯ୍ୟନ୍ତ ରାସ୍ତା ମରାମତି ସହ ଦଶହରା ରୁଟ ରାସ୍ତା,ଡ୍ରେନ ମରାମତି,ତଳକୁ ଝୁଲି ରହିଥିବା ବିଦ୍ୟୁତ ତାର କୁ ସଜାଡିବା,ପୂଜା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ,ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ପ୍ରତ୍ୟେକ ପୂଜା ମଣ୍ଡପରେ ପୋଲିସ ମୁତୟନ, ଅସ୍ଥାୟୀ ପରିସ୍ରାଗାର କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। ସୂଚନା ଯୋଗ୍ୟ ଯେ ,୨୦୦୦ ମସିହା ଠାରୁ ମାଟ୍ରିକ୍ ବ୍ୟାଚ ଛାତ୍ର ମାନେ ୧୨ ବର୍ଷ ପୂର୍ତ୍ତି ପର୍ଯ୍ୟନ୍ତ ଗଣେଶ ପୂଜା ପାଳନ କରି ଆସୁଛନ୍ତି । ଚଳିତ ବର୍ଷ ଫ୍ରେଣ୍ଡସିପ କ୍ଲବର ୧୨ ବର୍ଷ ପୂର୍ତ୍ତି ଅବସରରେ ହାଇସ୍କୁଲ ପଡ଼ିଆରେ ବୃନ୍ଦାବନ ପ୍ରେମ ମନ୍ଦିର ମୁଖ୍ୟ ଆକର୍ଷଣ ସାଜିବ ।

# ଯୁବ ପ୍ରତିଭାଙ୍କୁ ଜାତୀୟ ମଂଚ ଦେବ 'ବିକଶିତ ଭାରତ' ସଂଳାପ

ଝାରସୁଗୁଡ଼ା,୮/୦୯ (ନି.ପ୍ର): ଯୁବପିଢ଼ିଙ୍କ ମଧ୍ୟରେ ନେତୃତ୍ୱ, ସୃଜନଶୀଳତା, ନବସୃଜନ ଓ ଦେଶ ଗଠନର ଭାବନାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-୨୦୨୭' ଆୟୋଜିତ ହେଉଛି। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ 'ମାଇ ଭାରତ' ଏହାର କାର୍ଯ୍ୟାନ୍ୱୟନକାରୀ ସଂସ୍ଥା ଭାବେ କାର୍ଯ୍ୟ କରୁଛି। ଏହି ଜାତୀୟ ଯୁବ ମଂଚ ମାଧ୍ୟମରେ ଯୁବମାନେ 'ବିକଶିତ ଭାରତ-୨୦୪୭' ଲକ୍ଷ୍ୟ ପୂରଣ ଦିଗରେ ନିଜର ଚିନ୍ତାଧାରା, ଦକ୍ଷତା ଓ ଅବଦାନ ଉପସ୍ଥାପନ କରିବାର ସୁଯୋଗ ପାଇବେ। ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ 'ବିକଶିତ ଭାରତ ଆହ୍ୱାନ' ଅଧୀନରେ ଜାତୀୟ ସ୍ତରର 'ବିକଶିତ ଭାରତ ପ୍ରଶ୍ନୋତର ପ୍ରତିଯୋଗିତା' ଆୟୋଜିତ ହେଉଛି। 'ମାଇ ଭାରତ' ପୋର୍ଟାଲ୍ ମାଧ୍ୟମରେ ବିଭିନ୍ନ ଭାଷାରେ ଅନଲାଇନ୍ରେ ଏହି ପ୍ରତିଯୋଗିତା ଚାଲିଛି। ଯୋଗ୍ୟ ଯୁବକମାନେ ବ୍ୟକ୍ତିଗତ ଭାବେ ଏଥିରେ ଅଂଶଗ୍ରହଣ କରିପାରିବେ। ପ୍ରଶ୍ନୋତ୍ତର ପ୍ରତିଯୋଗିତାରୁ ଚୟନିତ ଅଂଶଗ୍ରହଣକାରୀମାନେ ପରବର୍ତ୍ତୀ ପର୍ଯ୍ୟାୟ 'ବିକଶିତ ଭାରତ ନିବନ୍ଧ ଆହ୍ୱାନ'ରେ ଭାଗ ନେବେ। ଏହି ପର୍ଯ୍ୟାୟରେ ୫୦୦ ଶବ୍ଦର ନିବନ୍ଧ ଲେଖିବାକୁ ପଡ଼ିବ।୧୭ ଅଗଷ୍ଟ ୨୦୨୬ ସୁଦ୍ଧା ୧୫ରୁ ୨୯ ବର୍ଷ ବୟସର ଯୁବକ-ଯୁବତୀମାନେ ଏହି ପ୍ରକ୍ରିୟାରେ ଭାଗ ନେଇପାରିବେ। 'ମାଇ ଭାରତ' ପୋର୍ଟାଲ୍ରେ ପୂର୍ବରୁ ପଞ୍ଜୀକୃତ ଯୁବମାନଙ୍କୁ ପୁନର୍ବାର ପଞ୍ଜୀକରଣ କରିବାକୁ ପଡ଼ିବ ନାହିଁ। ଅନ୍ୟ ଯୋଗ୍ୟ ଯୁବମାନେ ପୋର୍ଟାଲ୍ରେ ପଞ୍ଜୀକରଣ କରି ଅଂଶଗ୍ରହଣ କରିପାରିବେ। ବର୍ତମାନ ଚାଲିଥିବା 'ବିକଶିତ ଭାରତ ପ୍ରଶ୍ନୋତର ପ୍ରତିଯୋଗିତା' ସେପ୍ଟେମ୍ବର ୩୦, ୨୦୨୬ ପର୍ଯ୍ୟନ୍ତ ଚାଲିବ। ତେଣୁ ଜିଲ୍ଲାର ସମସ୍ତ ଯୋଗ୍ୟ ଯୁବକ-ଯୁବତୀଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଧିକ ସଂଖ୍ୟାରେ ଏଥିରେ ଅଂଶଗ୍ରହଣ କରିବାକୁ ଆହ୍ୱାନ କରାଯାଇଛି । ପ୍ରଶ୍ନୋତର ପ୍ରତିଯୋଗିତା ପରେ ଚୟନିତ ଯୁବମାନେ ନିବନ୍ଧ ପର୍ଯ୍ୟାୟରେ ଭାଗ ନେବେ। ପ୍ରତ୍ୟେକ ଜିଲ୍ଲାର ଶ୍ରେଷ୍ଠ ୫୦ଟି ନିବନ୍ଧକୁ ଜିଲ୍ଲା ଚାମ୍ପିଅନ୍ସିପ୍ର ପ୍ରଦର୍ଶନୀ ପର୍ଯ୍ୟାୟ ପାଇଁ ଚୟନ କରାଯିବ। ସେଥିରୁ ଶ୍ରେଷ୍ଠ ଦୁଇଜଣ ପ୍ରସ୍ତୁତକାରୀ ରାଜ୍ୟସ୍ତରୀୟ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ' ପାଇଁ ଯୋଗ୍ୟତା ହାସଲ କରିବେ।ରାଜ୍ୟସ୍ତରରେ ଚୟନିତ ଯୁବମାନେ ବିଚାରକମଣ୍ଡଳୀ ସମ୍ମୁଖରେ ନିଜର ଚିନ୍ତାଧାରା ଓ ପ୍ରସ୍ତୁତି କରିବେ। ଏହି ପ୍ରଦର୍ଶନ ଆଧାରରେ ଜାତୀୟ ପର୍ଯ୍ୟାୟ ପାଇଁ ରାଜ୍ୟ ଦଳ ଚୟନ କରାଯିବ। ଜାତୀୟ ପର୍ଯ୍ୟାୟରେ ଚୟନିତ ଯୁବମାନେ ନୂଆଦିଲ୍ଲୀରେ ବିଶେଷଜ୍ଞ, ବରିଷ୍ଠ ଅଧିକାରୀ ଓ କେନ୍ଦ୍ରମନ୍ତ୍ରୀମାନଙ୍କ ସମ୍ମୁଖରେ ନିଜର ଚିନ୍ତାଧାରା ଓ ପ୍ରସ୍ତାବ ରଖିବାର ସୁଯୋଗ ପାଇବେ। ଏହାସହ ଅଂଚଳୀୟ ଫାଇନାଲିଷ୍ଟମାନେ ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ମଧ୍ୟ ନିଜର ପ୍ରସ୍ତୁତି ରଖିବାର ଅବସର ପାଇପାରିବେ। 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-୨୦୨୭' କେବଳ ପ୍ରଶ୍ନୋତ୍ତର ଓ ନିବନ୍ଧ ପ୍ରତିଯୋଗିତାରେ ସୀମିତ ନୁହେଁ। ଏଥିରେ ୬ଟି ବିଷୟଭିତିକ ମଂଚ ରହିଛି। ସେଗୁଡ଼ିକ ହେଲା- 'ବିକଶିତ ଭାରତ ଆହ୍ୱାନ', 'ସାଂସ୍କୃତିକ ମଂଚ', 'ଭାରତ ପାଇଁ ରୂପକଳ୍ପନା', 'ସାମାଜିକ କାରଣ ପାଇଁ ନବସୃଜନ', 'ଯୁବ ଉଦ୍ୟୋଗୀ ଆହ୍ୱାନ' ଓ 'ଯୁବ ସଂସଦ'। ଏହି ମଞ୍ଚଗୁଡ଼ିକ ମାଧ୍ୟମରେ କଳା ଓ ସଂସ୍କୃତି, ଉଦ୍ୟମିତା, ନବସୃଜନ, ସାମାଜିକ ସମାଧାନ ଓ ନେତୃତ୍ୱ ଭଳି ବିଭିନ୍ନ କ୍ଷେତ୍ରର ଯୁବ ପ୍ରତିଭାମାନେ ନିଜର ଦକ୍ଷତା ଓ ଚିନ୍ତାଧାରା ପ୍ରଦର୍ଶନ କରିବାର ସୁଯୋଗ ପାଇବେ।

# ବଡ଼ସାହି କଲେଜର ୪୯ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ




ବଡ଼ସାହି, ୮/୯ (ନି.ପ୍ର): ସ୍ଥାନୀୟ ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ୪୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ପ୍ରଫେସର ଛତିଶ କୁମାର ଦାସଙ୍କର ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ମୁଖ୍ୟବକ୍ତା ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ମହେନ୍ଦ୍ର କୁମାର ମହାନ୍ତି ଯୋଗଦେଇ ଅନୁଷ୍ଠାନର ପ୍ରତିଷ୍ଠାତାଙ୍କ ପ୍ରତି ଗଭୀର କୃତଜ୍ଞତା ପ୍ରକାଶ ପୂର୍ବକ ୪୯ ବର୍ଷ ଅତୀତର ସ୍ମୃତିଚାରଣ କରିଛନ୍ତି । ଛାତ୍ରଛାତ୍ରୀମାନେ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ସମାୟାନୁବର୍ତ୍ତିତା ସାଙ୍ଗକୁ କୋଠର ଅଧ୍ୟବସାୟ ଜରୁରୀ ବୋଲି ସମସ୍ତେ କହିଥିଲେ । ଶୃଙ୍ଖଳାଜ୍ଞାନ ସହ ଦେଶ ପ୍ରେମରେ ଉଦବୃଦ୍ଧ ହେବାପାଇଁ ବିଧାୟକ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ପ୍ରଫେସର ମହାନ୍ତି ନୂତନ ଜାତୀୟ ଶିକ୍ଷାନୀତି ଛାତ୍ରଛାତ୍ରୀଙ୍କ ପାଇଁ ଆହ୍ୱାନ । ଏହାକୁ ସାହସର ସହିତ ସମ୍ମୁଖୀନ ହେବା ଉଚିତ ବୋଲି ମତ ଦେଇଥିଲେ । ଅଧ୍ୟକ୍ଷ ତାଙ୍କ ଉଦବୋଧନରେ କଲେଜର ଅତୀତ ବିଷୟରେ କହିବା ସହିତ ତାର ସଫଳତା ଓ ସମସ୍ୟା ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ଅତିଥିବୃନ୍ଦ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଦିବଙ୍ଗତ ପ୍ରତିଷ୍ଠାତା ସଦସ୍ୟ ଓ ଦିବଙ୍ଗତ ଅଧ୍ୟାପକ କର୍ମଚାରୀ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ମଞ୍ଚ କାର୍ଯ୍ୟକ୍ରମ ପୂର୍ବରୁ ମୁଖ୍ୟ ଅତିଥି ଏବଂ ମୁଖ୍ୟ ବକ୍ତା କଲେଜ ପତାକା ଉତ୍ତୋଳନ ପୂର୍ବକ ୪୯ ତମ ସ୍ୱନକ୍ଷତ୍ର ଦିବସର ଶୁଭ ଉଦ୍ଘାଟନ କରିଥିଲେ । ବିଧାୟକ ଶ୍ରୀଯୁକ୍ତ ବିଜୁଳି କଲେଜ ପରିସରରେ ନିର୍ମିତ 'ଜିମ୍' ର ଶୁଭ ଉଦ୍ଘାଟନ ମଧ୍ୟ କରିଥିଲେ । ଅଧ୍ୟାପକ ବିନୋଦ କୁମାର ପରିଡା ଅତିଥି ପରିଚୟ ପ୍ରଦାନ ସହିତ ମଞ୍ଚ ପରିଚାଳନା କରିଥିଲେ । ପ୍ରାଧ୍ୟାପକ ଜୀବନ କୁମାର ପଣ୍ଡିତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ପୂର୍ବବର୍ଷ ମାନଙ୍କ ଭଳି ଏହି ଅବସରରେ କଲେଜର ପ୍ରତିଷ୍ଠାତା ସ୍ୱର୍ଗତ ଅନାଦି ଚରଣ ଦାସଙ୍କ ସ୍ମୃତିରେ ଯୁକ୍ତ ଦୁଇ କଳାର ଛାତ୍ରୀ ଲକ୍ଷ୍ମୀ ବେହେରା ଏବଂ ଛାତ୍ର ପପୁ ମହାନ୍ତଙ୍କୁ ମାନପତ୍ର ଓ ମେଧାବୃତ୍ତି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଯୁକ୍ତ ତିନି ବିଜ୍ଞାନ ବିଭାଗର ଛାତ୍ର ରାଜୀବ ଲୋଚନ ଦାଶ ଏବଂ ଯୁକ୍ତ ତିନି କଳା ଛାତ୍ରୀ ଇନ୍ଦୁମତୀ ବେହେରାଙ୍କୁ ଶ୍ରେଷ୍ଠ ସ୍ନାତକ ଭାବେ ପୂର୍ବତନ ମନ୍ତ୍ରୀ ଗୋଲୋକ ବିହାରୀ ନାଏକଙ୍କ ବାପାଙ୍କ ସ୍ମୃତିରେ ହରିହର ନାଏକ ମେମୋରିଆଲ ପୁରସ୍କାର ପ୍ରଦାନ କରାଯାଇଥିଲା । ଯୁକ୍ତ ତିନି ଇତିହାସ ସମ୍ମାନର ସର୍ବଶ୍ରେଷ୍ଠ ସ୍ନାତକ ଭାବେ ଛାତ୍ରୀ ସୀମା ନାଏକଙ୍କୁ ବିଜୟଲକ୍ଷ୍ମୀ ମେମୋରିଆଲ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଯୁକ୍ତ ତିନି ଉଦ୍ଭିଦ ବିଜ୍ଞାନ ସମ୍ମାନର ସର୍ବଶ୍ରେଷ୍ଠ ସ୍ନାତକ ଭାବେ ଛାତ୍ର ମାନସରଞ୍ଜନ ଗିରିଙ୍କୁ ବାସୁଦେବ ମେମୋରିଆଲ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ମହାବିଦ୍ୟାଳୟର ସ୍ୱର୍ଗତ ଯୁବ ଅଧ୍ୟାପକ ମୃତ୍ୟୁଞ୍ଜୟ ଦାସଙ୍କ ସ୍ମୃତିରେ +୨ ବିଜ୍ଞାନର ପଦାର୍ଥ ବିଜ୍ଞାନର ସର୍ବାଧିକ ନମ୍ବର ରଖି ଛାତ୍ରୀ ମାନସୀ ଦାଶଙ୍କୁ ମୃତ୍ୟୁଞ୍ଜୟ ଦାସ ମେମୋରିଆଲ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ସାଫଲ୍ୟ ମଣ୍ଡିତ କରିବା ପାଇଁ ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ପୂର୍ଣ୍ଣପ୍ରାଣରେ ସହଯୋଗ କରିଥିଲେ । ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ । ସର୍ବଶେଷରେ ଅଧ୍ୟାପିକା ମିସ୍ ସ୍ୱର୍ଣ୍ଣକାନ୍ତା ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଦୁବାଇରେ ଓଡ଼ିଶା ...

ଏହାସହ ବିଭିନ୍ନ ଶିଳ୍ପପତି ଓ ନିବେଶକଙ୍କ ସହ ମଧ୍ୟ ଆଲୋଚନା କରିବେ । ୧୧ ତାରିଖରେ ଦୁବାଇରେ ଆୟୋଜିତ ହେବ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍ । ଏଠାରେ ଉଦ୍ୟୋଗପତି ଓ ଶିଳ୍ପପତିଙ୍କୁ ଭେଟି ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଥିବା ବ୍ୟାପକ ସୁଯୋଗ ସମ୍ପର୍କରେ ଆଲୋଚନା କରିବେ ମୁଖ୍ୟମନ୍ତ୍ରୀ । ଏଥିସହ ପ୍ରବାସୀ ଓଡ଼ିଆଙ୍କ ସହ ମଧ୍ୟ ମତ ବିନିମୟ କରିବେ । ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ମଧ୍ୟ ୟୁଏଇ ଗସ୍ତ କରିଛନ୍ତି । ଏପଟେ ଓଡ଼ିଶାରେ ନିବେଶକୁ ନେଇ ସରକାର ନିଜର ଦୁଇ ବର୍ଷର ହିସାବ ମଧ୍ୟ ରଖିଛନ୍ତି। ଶିଳ୍ପ ବିଭାଗର ସୂଚନା ଅନୁସାରେ, ୫୧୪ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଏହି ପ୍ରକଳ୍ପଗୁଡ଼ିକ ଜରିଆରେ ୯ ଲକ୍ଷ ୫୭ ହଜାର କୋଟି ଟଙ୍କାର ନିବେଶ ପାଇଁ ପ୍ରସ୍ତାବ ରହିଛି । ଏହାଦ୍ୱାରା ୬ ଲକ୍ଷ ୩୪ ହଜାର ନିଯୁକ୍ତି ସୃଷ୍ଟିର ସମ୍ଭାବନା ରହିଛି । ସେଥିରୁ ୧୫୧ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ହୋଇସାରିଛି । ଷ୍ଟିଲ୍, ଖଣି, ଫୁଡ୍ ପ୍ରୋସେସିଂ, ପେଟ୍ରୋକେମିକାଲ୍ ଓ ସେମିକଣ୍ଡକ୍ଟର ଭଳି କ୍ଷେତ୍ର ସରକାରଙ୍କ ଫୋକସ୍‌ରେ ରହିଛି । ଓଡ଼ିଶାକୁ ଦେଶ ଓ ବିଦେଶରୁ ଅଧିକ ପୁଞ୍ଜି ଆଣିବା ସହ ନୂଆ ଶିଳ୍ପ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ଆଉ ଏହାରି ଭିତରେ ସରକାରଙ୍କ ନାରା— 'ଇନଭେଷ୍ଟ ଇନ୍ ଓଡ଼ିଶା, ଇନଭେଷ୍ଟ ଇନ୍ ଫ୍ୟୁଚର୍' ।

## ଦାରା ସିଂ ମୁକ୍ତି ଆବେଦନ...

ଦୁଇ ବର୍ଷ ଧରି ଏହି ପ୍ରକ୍ରିୟାକୁ ଏଡ଼ାଇବା କଦାପି ଗ୍ରହଣୀୟ ନୁହେଁ। ସରକାରଙ୍କ ଅନୁରୋଧରେ କୋର୍ଟ ପରବର୍ତ୍ତୀ ଶୁଣାଣି ଆସନ୍ତା ସେପଟ୍ଟେମ୍ବର ୧୭ ତାରିଖକୁ ଧାର୍ଯ୍ୟ କରିଛନ୍ତି। ସେଦିନ ଆଉ କୌଣସି ସ୍ଥଗିତାଦେଶ ଗ୍ରହଣ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ସେହିଦିନ ସୁଦ୍ଧା ବୋର୍ଡର ଚୂଡ଼ାନ୍ତ ନିଷ୍ପତ୍ତି ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଶୁଣାଣି ସୁଦ୍ଧା ଯଦି କୋର୍ଟଙ୍କ ଅଗଷ୍ଟ ୧୯ର ନିର୍ଦ୍ଦେଶ ଅନୁସାରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଅବଗତ କରାନଯାଏ ତା'ହେଲେ ସମ୍ପୃକ୍ତ ଅଫିସର ବ୍ୟକ୍ତିଗତ ଭାବେ ହାଜର ହେବାକୁ ବାଧ୍ୟ ହେବେ ବୋଲି ସତର୍କ କରାଇ ଦେଇଛନ୍ତି। ସୂଚନାଯୋଗ୍ୟ, ୧୯୯୯ ମସିହାରେ କେନ୍ଦୁଝରର ମନୋହରପୁରଠାରେ ଗାଡ଼ି ଭିତରେ ଶୋଇଥିବା ଅବସ୍ଥାରେ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କର ଦୁଇ ନାବାଳକ ପୁଅଙ୍କୁ ଜୀବନ୍ତ ଜାଳି ହତ୍ୟା କରାଯାଇଥିଲା। ଏହି ଘଟଣାରେ ନିମ୍ନ ଅଦାଲତ ଦାରା ସିଂଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଥିବାବେଳେ ପରବର୍ତ୍ତୀ ସମୟରେ ଓଡ଼ିଶା ହାଇକୋର୍ଟ ଏହାକୁ ଆଜୀବନ ଜେଲ୍ ଦଣ୍ଡରେ ପରିଣତ କରିଥିଲେ, ଯାହାକୁ ୨୦୧୧ରେ ସୁପ୍ରିମକୋର୍ଟ ମଧ୍ୟ ବଳବତ୍ତର ରଖିଥିଲେ। ଏବେ ଓକିଲ ବିଷ୍ଣୁ ଶଙ୍କର ଜୈନଙ୍କ ଜରିଆରେ କରାଯାଇଥିବା ଆବେଦନରେ ଦାରା ସିଂ ଦର୍ଶାଇଥିଲେ ଯେ ତାଙ୍କ ବୟସ ୬୦ ବର୍ଷରୁ ଊର୍ଦ୍ଧ୍ୱ ହୋଇସାରିଛି ଓ ସେ ବିଗତ ୨୪ ବର୍ଷରୁ ଅଧିକ ସମୟ ଜେଲରେ କାଟିସାରିଛନ୍ତି। ଯୁବାବସ୍ଥାରେ ଉତ୍ତେଜିତ ହୋଇ ସେ ଏହି ଅପରାଧ ଘଟାଇଥିଲେ ଓ ଏବେ ସେ ନିଜ କାର୍ଯ୍ୟ ପାଇଁ ଅନୁତପ୍ତ ଥିବା ସହ ତାଙ୍କ ଆଚରଣରେ ପୂର୍ଣ୍ଣ ସୁଧାର ଆସିଛି ବୋଲି ଦାବି କରିଛନ୍ତି।

## ବିଚିତ୍ରପୁର ଜଙ୍ଗଲରେ...

ଯଦି ଓରାଙ୍ଗଉଟାନ, ତେବେ ଏକାଥରେ ୫ଟି ଜୀବ ଏଠାରେ କିପରି ପହଞ୍ଚିଲେ ? ଘଟଣାକୁ ନେଇ ଏବେ ଲୋକଙ୍କ ମନରେ ଅନେକ ପ୍ରଶ୍ନ। ବିଚିତ୍ରପୁର ଜଙ୍ଗଲ ସବୁଦିନ ଭଳି ଜଙ୍ଗଲ ନିକଟବର୍ତ୍ତୀ ଲୋକେ ନିଜ ନିଜ କାମରେ ବ୍ୟସ୍ତ ଥିଲେ। ହେଲେ ହଠାତ୍ ଜଙ୍ଗଲ ଭିତରେ ନଜରକୁ ଆସିଥିଲେ କିଛି ଅଜଣା ଜୀବ।ଦେଖିବାକୁ ଅବିକଳ ବଣମଣିଷ ଭଳି। ଗଛ ଓ ଜଙ୍ଗଲ ମଧ୍ୟରେ ଏମାନଙ୍କ ଗତିବିଧି ଦେଖି ସ୍ଥାନୀୟ ଲୋକେ ପ୍ରଥମେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରେ ଏମାନେ ଓରାଙ୍ଗଉଟାନ ବୋଲି ଚର୍ଚ୍ଚା ହେବା ପରେ ଘଟଣାଟି ଅଧିକ ରୋଚକ ହୋଇଥିଲା। ଖବର ଚାରିଆଡ଼େ ପ୍ରଚାର ହେବା ପରେ ବିଚିତ୍ରପୁର ଜଙ୍ଗଲ ନିକଟରେ ଲୋକଙ୍କ ଭିଡ଼ ଜମିଥିଲା। ଏଭଳି ଜୀବକୁ ଆଗରୁ କେବେ ଦେଖିନଥିବା ଲୋକେ ଦୂରରୁ ଠିଆ ହୋଇ ଏମାନଙ୍କୁ ଦେଖିବାକୁ ଚେଷ୍ଟା କରିଥିଲେ। କିଏ ମୋବାଇଲରେ ଫଟୋ ଉଠାଉଥିଲେ, ତ ଆଉ କିଏ ଭିଡିଓ କରୁଥିଲେ। ଅଳ୍ପ ସମୟ ମଧ୍ୟରେ ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଯାଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଉଦୟପୁର ବନପାଳ ସଞ୍ଜୟ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ବିଚିତ୍ରପୁର ଜଙ୍ଗଲରେ ପହଞ୍ଚିଥିଲେ। ଜୀବଗୁଡ଼ିକୁ ସୁରକ୍ଷିତ ଭାବେ ଉଦ୍ଧାର କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପରେ ୫ଟି ଜୀବକୁ ଉଦ୍ଧାର କରାଯାଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ଲାଗି ଉଦୟପୁର ବନପାଳ କାର୍ଯ୍ୟାଳୟରେ ରଖାଯାଇଛି। ତେବେ ଘଟଣାର ସବୁଠାରୁ ବଡ଼ ରହସ୍ୟ ହେଉଛି। ଏହି ୫ଟି ଜୀବ ଆସିଲେ କେଉଁଠୁ। ଓରାଙ୍ଗଉଟାନ ସାଧାରଣତଃ ଭାରତୀୟ ଜଙ୍ଗଲର ସ୍ୱାଭାବିକ ପ୍ରଜାତି ନୁହେଁ। ତେଣୁ ବିଚିତ୍ରପୁର ଭଳି ଏକ ଗ୍ରାମାଞ୍ଚଳର ଜଙ୍ଗଲରେ ଏକାଥରେ ୫ଟି ଏଭଳି ଜୀବ ମିଳିବା ଘଟଣାକୁ ନେଇ ସ୍ୱାଭାବିକ ଭାବେ ଉଠିଛି ଅନେକ ପ୍ରଶ୍ନ। ଅନ୍ୟପଟେ ଏହି ଜୀବଗୁଡ଼ିକର ସୁରକ୍ଷାକୁ ନେଇ ମଧ୍ୟ ସତର୍କ ହୋଇଛି ବନ ବିଭାଗ। ଲୋକଙ୍କ ଭିଡ଼ ଯୋଗୁଁ ଜୀବଗୁଡ଼ିକ ଯେପରି ଭୟଭୀତ ନହୁଅନ୍ତି, ସେଥିପ୍ରତି ମଧ୍ୟ ନଜର ରଖାଯାଇଛି।ଜୀବଗୁଡ଼ିକର ଶାରୀରିକ ସ୍ଥିତି, ପ୍ରଜାତି ଏବଂ ଉତ୍ପତ୍ତି ସମ୍ପର୍କରେ ଯାଞ୍ଚ ପରେ ଅଧିକ ତଥ୍ୟ ସାମ୍ନାକୁ ଆସିପାରେ ବୋଲି ଜଣାପଡ଼ିଛି।

# ମା' ଅମ୍ବିକା ମହିଳା ମହାମଣ୍ଡଳ ପକ୍ଷରୁ ବିଶ୍ୱ ସାକ୍ଷରତା ଦିବସ ପାଳିତ



ବାରିପଦା , ୮/୯ (ନି.ପ୍ର): ମା' ଅମ୍ବିକା ମହିଳା ମହାମଣ୍ଡଳ ଫେଡେରେସନ ପକ୍ଷରୁ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷ ଠାରେ ଆଜି ବିଶ୍ୱ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ-ସମ୍ପାଦିକା ଶ୍ରୀମତୀ ସାବିତ୍ରୀ ରାଉତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସାକ୍ଷରତା ଅଭିଯାନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରି ଗ୍ରାମାଞ୍ଚଳ ତଥା ଶିକ୍ଷାରୁ ବଞ୍ଚିତ ବର୍ଗଙ୍କ ନିକଟରେ ଶିକ୍ଷାର ଆଲୋକ ପହଞ୍ଚାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନୁଷ୍ଠାନର ସଭାନେତ୍ରୀ ଜ୍ୟୋତିର୍ମୟୀ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ମହିଳା ଫୋରମର ସଭାପତି ମମତା ସାମନ୍ତରାୟ, ମୁଖ୍ୟ ବକ୍ତା ଭାବରେ ଶିକ୍ଷବିତ ସାମ୍ବାଦିକ କବି ବିଷ୍ଣୁ ଶତପଥି, ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ସଂଗଠକ ବଲାଙ୍ଗୀ ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ଶିକ୍ଷାବିତ ନରେନ୍ଦ୍ର ମୋହନ ସେନାପତି, ପ୍ରଫେସର କ୍ରିଷ୍ଣା ସାହୁ, ଜନନୀ ପରିବାର ଟ୍ରଷ୍ଟର ଜ୍ୟୋତ୍ସ୍ନା ମହାନ୍ତି ପ୍ରମୁଖ ଯୋଗଦେଇ ଶିକ୍ଷା ହିଁ ସମାଜର ପ୍ରଗତିର ମୂଳଦୁଆ। ମହିଳା ମାନେ ସ୍ୱାକ୍ଷର ଏବଂ ସଶକ୍ତ ହେଲେ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ହୋଇ ପାରିବ ବୋଲି କହିଥିଲେ। ସଂଗଠନର ଉପ-ସଭାନେତ୍ରୀ ଜୟନ୍ତୀ ମଣି ସି, କୋଷାଧ୍ୟକ୍ଷ ସୋନାଲୀ ରାଉତ ଏବଂ ଜିଲ୍ଲା ସଂଯୋଜିକା ଗୋଲାପୀ ମହାନ୍ତି ପ୍ରମୁଖ ଯୋଗଦେଇ ସାକ୍ଷରତା ଅଭିଯାନକୁ ତୃଣମୂଳ ସ୍ତରରେ ଅଧିକ ସୁଦୃଢ଼ କରିବା ଉପରେ ମତ ରଖିଥିଲେ। ଏହି ଅବସରରେ ସାମ୍ବାଦିକ ଦୀପକ କୁମାର ନାୟକ, ତରୁଣ କୁମାର ଦାଶ, ସୁଶାନ୍ତ ନାୟକଙ୍କୁ ତାଙ୍କର ସାମ୍ବାଦିକତା ଓ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯିବା ସହ ଫେଡେରେସନର ବିଭିନ୍ନ ବ୍ଲକ ଏବଂ ଗ୍ରାମପଞ୍ଚାୟତ ସଂଯୋଜକ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ବିଶ୍ୱ ଫିଜିଓଥେରାପି ଦିବସ ଉପଲକ୍ଷେ ଚିକିତ୍ସା ଓ ସଚେତନତା ଶିବିର

ବାରିପଦା, ୮/୯ (ନି.ପ୍ର): ବିଶ୍ୱ ଫିଜିଓଥେରାପି ଦିବସ-୨୦୨୬ ଉପଲକ୍ଷେ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର, ବାରିପଦାଠାରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଏକ ଫିଜିଓଥେରାପି ଚିକିତ୍ସା ଓ ସଚେତନତା ଶିବିର ଆୟୋଜିତ ହୋଇଛି । କାର୍ଯ୍ୟକ୍ରମରେ ୧୦ ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍‌ଚେୟାର ଏବଂ ୨ ଜଣ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ଛାତ୍ରଙ୍କୁ ମାଗଣା ଲାପଟପ୍ ପ୍ରଦାନ କରାଯାଇଥିଲା। ଏଥିସହ ୧୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଓ ଅନ୍ୟାନ୍ୟ ରୋଗୀ ଶିବିରରେ ଯୋଗଦେଇ ଫିଜିଓଥେରାପି ବିଶେଷଜ୍ଞଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ପରାମର୍ଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ଅଧ୍ୟାପକ ଡା. ପ୍ରଫେସର ରିତାଞ୍ଜଳି ବେହେରା, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ବିଜୟ କୁମାର ଦାସ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଗୋପୀନାଥ ସଏ, ବରିଷ୍ଠ ନାଗରିକ ସଂଘର ପ୍ରତିନିଧି ଡା. ଶ୍ୟାମସୁନ୍ଦର ଦାସ, ଅଭିନବ ଫ୍ୟୁଚରଷ୍ଟିକ୍ ସଂସ୍ଥାର ପରିଚାଳକ ଡା. କେ. ଗଣେଶନ ଏବଂ ନୋଡାଲ ଅଫିସର ଚନ୍ଦ୍ରଶେଖର ନାୟକ ପ୍ରମୁଖ ଉପସ୍ଥିତ ରହି ଫିଜିଓଥେରାପି ଚିକିତ୍ସାର ଗୁରୁତ୍ୱ ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ଶିବିରରେ ଡା. ରାମେଶ୍ୱର ପୁଥାଳ, ଡା. ଜୟଶ୍ରୀ ଦାସ ଓ ଡା. ସୌମ୍ୟା ବେହେରା ଉପସ୍ଥିତ ରହି ଅଂଶଗ୍ରହଣକାରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକୀୟ ଚିକିତ୍ସା ପରାମର୍ଶ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ସଫଳ ଆୟୋଜନ ଓ ସୁପରିଚାଳନାରେ ଜିଲ୍ଲା ପୁନର୍ବାସ କେନ୍ଦ୍ର ଏବଂ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ ।

# ବିଦ୍ୟାଭାରତୀ ଶିଶୁ ବିଦ୍ୟା ମନ୍ଦିରର ୪ର୍ଥ ବାର୍ଷିକ ବିଜ୍ଞାନ ମେଳା



ବାରିପଦା, ୮/୯ (ନି.ପ୍ର): ସ୍ଥାନୀୟ ତକତପୁର ସ୍ଥିତ ବିଦ୍ୟାଭରତୀ ଶିଶୁ ବିଦ୍ୟାମନ୍ଦିରରେ ୪ର୍ଥ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବୈସିଙ୍ଗା କେନାଲ ଡିଭିଜନର ସହକାରୀ ଯନ୍ତ୍ରୀ ଶ୍ରୀମୟ ସିଂ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ କୁନିକୁନି ବୈଜ୍ଞାନିକ ମାନଙ୍କୁ ଆଗାମୀ ଦିନରେ ଦେଶର ବିକାଶ ଦିଗରେ ସହାୟକ ହେବେ ବୋଲି କହି ପ୍ରେରଣା ଦେଇଥିଲେ ଓ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ବାରିପଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ଅନ୍ତର୍ନିବେଶୀ ଶିକ୍ଷା ସାଧନକର୍ମୀ ଦିଲ୍ଲୀପ କୁମାର ଦାସ ଓ ବିଦ୍ୟାଳୟର ଶୁଭଚିନ୍ତକ ବଦ୍ରିନାରାୟଣ ଶତପଥି ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବରିଷ୍ଠ ବିଭାଗରେ ରୁହିଆ ବେଶ୍ରା ୧ମ, ଜିତଜୟ ପ୍ରକାଶ ବାରିକ ୨ୟ ଓ ଲକ୍ଷ୍ମୀନାରାୟଣ ନାଏକ ୩ୟ ଏବଂ କନିଷ୍ଠ ବିଭାଗରେ ଆଦିତ୍ୟ ନାରାୟଣ ଶତପଥି ୧ମ, ମନୀଷା ମହାନ୍ତ ୨ୟ ଓ ଲୋମିସ୍ମିତା ସୋରେନ ୩ୟ ସ୍ଥାନ ଅଧିକାର କରିଥିଲେ ଓ ସର୍ବ କନିଷ୍ଠ ଛାତ୍ରୀ ଦୀପ୍ସିତା ମହାନ୍ତ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ ଓ ଉଦଯାପନୀ ଉତ୍ସବରେ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବ୍ରତ କୁମାର ବସା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ବିଦ୍ୟାଳୟର ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ପଲେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରଧାନ ଆଚାର୍ଯ୍ୟକ୍ଷ ସୁଶ୍ରୀ ରିତା ଶତପଥୀ ତାଙ୍କର ମୂଲ୍ୟବାନ ଅଭିଭାଷଣ ରଖିଥିଲେ । ଏହି ବିଜ୍ଞାନ ମେଳା କାର୍ଯ୍ୟରେ ସୁଦାମ ମହାନ୍ତ ଓ ଗୁରୁମା ଶୁଭଶ୍ରୀ ବେହେରା ସାହାଯ୍ୟ ସହଯୋଗ କରିଥିଲେ । ସର୍ବଶେଷରେ ଗୁରୁମା କଲ୍ୟାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଦିବ୍ୟାଙ୍ଗମାନଙ୍କୁ ଲାପଟପ୍ ଓ ମୋଟରାଇଜ୍‌ଡ ଟ୍ରାଇସାଇକେଲ୍ ବଣ୍ଟନ

ଭଦ୍ରକ, ୮/୯ (ନି.ପ୍ର): ଭଦ୍ରକ ବ୍ଲକରେ ଆୟୋଜିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅବସରରେ ମାନ୍ୟବର ଜିଲ୍ଲାପାଳ ଶ୍ରୀ ସୋମେଶ କୁମାର ଉପାଧ୍ୟାୟ ଦିବ୍ୟାଙ୍ଗମାନଙ୍କୁ ସହାୟତା ସାମଗ୍ରୀ ବଣ୍ଟନ କରିଛନ୍ତି।ଏହି ଅବସରରେ ଦୃଷ୍ଟିବାଧିତ ୨ ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଅଧ୍ୟୟନରେ ସହାୟତା ପାଇଁ ୨ଟି ଲାପଟପ୍ ପ୍ରଦାନ କରାଯାଇଥିଲା। ଏଥିସହ ୮୦ ପ୍ରତିଶତ କିମ୍ବା ତଦୂର୍ଦ୍ଧ୍ୱ ଲୋକୋମୋଟର ଦିବ୍ୟାଙ୍ଗତା ଥିବା ୫ ଜଣ ଦିବ୍ୟାଙ୍ଗଙ୍କୁ ୫ଟି ମୋଟରାଇଜ୍‌ଡ ଟ୍ରାଇସାଇକେଲ୍ ବଣ୍ଟନ କରାଯାଇଥିଲା। ଦିବ୍ୟାଙ୍ଗଙ୍କୁ ସ୍ୱାବଲମ୍ବୀ କରିବା, ଶିକ୍ଷା କ୍ଷେତ୍ରରେ ସମାନ ସୁଯୋଗ ପ୍ରଦାନ କରିବା ଏବଂ ସେମାନଙ୍କ ଦୈନନ୍ଦିନ ଜୀବନକୁ ସୁଗମ କରିବା ଦିଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଭଳି ସହାୟତା ଜାରି ରହିବ ବୋଲି ପ୍ରକାଶ କରାଯାଇଛି।

# ବନ୍ୟା ବିପନ୍ନଙ୍କୁ ଶିକ୍ଷୟିତ୍ରୀଙ୍କ ସହାୟତା



ବାଲିଆପାଳ , ୮/୯ (ନି.ପ୍ର): ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷ ଲଗାତାର ତିନିଥର ବନ୍ୟା ଆସି ବାଲିଆପାଳ ବ୍ଲକର ୧୦ଟି ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଗ୍ରାମର ଗ୍ରାମବାସୀଙ୍କ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଛି। ସରକାରୀ ସ୍ତରରେ ସେମିତି କିଛି ଆଖି ଦୃଶିଆ କୌଣସି ସହାୟତା ମିଳିନାହିଁ। ସାତ ଦିନର ରିଲିଫ ସହାୟତା ଯୋଗାଇଦେବାକୁ ସରକାରୀ ଘୋଷଣା ହୋଇଥିଲେ ମଧ ବିପନ୍ନଙ୍କ ପାଖରେ ରିଲିଫ ପହଞ୍ଚି ପାରିନି। ତେବେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ବନ୍ୟା ବିପନ୍ନଙ୍କ ପାଇଁ ସହାୟତାର ହାତ ବଢାଇ ଥିବା ଦେଖିବାକୁ ମିଳୁଛି। ବିଭିନ୍ନ ବଦାନ୍ୟ ବ୍ୟକ୍ତି ବିଶେଷ ମଧ ବନ୍ୟା ବିପନ୍ନଙ୍କ ପାଖରେ ଛିଡ଼ା ହେବାର ଦେଖିବାକୁ ମିଳୁଛି। ସେହିପରି ମଙ୍ଗଳବାର ବାଲିଆପାଳ ବ୍ଲକ ଅନ୍ତର୍ଗତ ଅସ୍ତି ପଞ୍ଚାୟତର ବିଭିନ୍ନ ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ବନ୍ୟା ପ୍ରଭାବିତ ଭିନ୍ନକ୍ଷମ ଓ ଅସହାୟ ମାନଙ୍କୁ ଡାଙ୍ଗରପଦା ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ମାମିଲତା ବେହେରା ୩୦ ଦିନର ରେଶନ ସାମଗ୍ରୀ ପ୍ରଦାନ କରିଥିବା ଦେଖିବାକୁ ମିଳିଛି। ଶ୍ରୀମତୀ ବେହେରା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଟ୍ରଲି ରିକ୍ସା ଚାଳକ, ଭିନ୍ନକ୍ଷମ ତଥା ଅସହାୟ ମାନଙ୍କୁ ସହାୟତାର ହାତ ବଢାଇ ସେମାନଙ୍କ କଷ୍ଟ ଲାଘବ କରିବାକୁ ଚେଷ୍ଟା କରିଥାନ୍ତି। ଶ୍ରୀମତୀ ବେହେରା ସାମ୍ବାଦିକ ପ୍ରତାପ କୁମାର ପାତ୍ରଙ୍କ ସହଧର୍ମଣୀ ଅଟନ୍ତି।

# ପଲ୍ଲୀ ପ୍ରଦୀପ ଅନ୍ତର୍ଯ୍ୟାମୀ ବେହେରାଙ୍କର ବିଂଶତିତମ ଶ୍ରାଦ୍ଧ ବାର୍ଷିକ ପାଳିତ

ଉଦଳା , ୮/୯ (ନି.ପ୍ର): ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ କୁଶଳଦା ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ତଥା କୁଶଳଦା ହାଇସ୍କୁଲର ପ୍ରାଣ ପ୍ରତିଷ୍ଠାତା ପଲ୍ଲୀ ପ୍ରଦୀପ ଅନ୍ତର୍ଯ୍ୟାମୀ ବେହେରା 'ବାବୁ'ଙ୍କର ବିଂଶତିତମ ଶ୍ରାଦ୍ଧ ଦିବସ ବିଦ୍ୟାଳୟର ପୁରାତନ ଛାତ୍ର ସଂଘ, ଅନ୍ତର୍ଯ୍ୟାମୀ ବେହେରା ମେମୋରିୟାଲ ଟ୍ରଷ୍ଟ ଓ ରିଡ଼ସ୍, ବାଲେଶ୍ୱର ତରଫରୁ ମିଳିତ ଭାବରେ ପାଳିତ ହୋଇ ଯାଇଛି । ସ୍ୱର୍ଗୀୟ ବେହେରାଙ୍କର କୁଶଳଦାସ୍ଥ ବାସଭବନ ପରିସରେ ଏହା ଆୟୋଜିତ ହୋଇଥିବା ବେଳେ ଛାତ୍ର ସଂଘର କାର୍ଯ୍ୟକାରୀ ସଭାପତି ଶିକ୍ଷାବିତ୍ ସନାତନ ଜେନାଙ୍କ ଅଧ୍ୟକ୍ଷତା ଓ ପୁରାତନ ଛାତ୍ର ସଂଘର ସଂପାଦକ ରବିକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ମୋଟ ୩୦ ଜଣ କୃତୀ ଛାତ୍ର-ଛାତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରାକ୍ତନ ବରିଷ୍ଠ ଛାତ୍ର ତଥା ପୁର୍ବତନ ମନ୍ତ୍ରୀ ବୀରଭଦ୍ର ସିଂ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅନ୍ୟତମ ପୁରାତନ ଛାତ୍ର ବିଶିଷ୍ଟ ପ୍ରବଚକ ପଣ୍ଡିତ ଲକ୍ଷ୍ମୀଧର ପୁଥାଳ ମୁଖ୍ୟ ବକ୍ତା, ପୂର୍ବତନ ପ୍ରଧାନ ଶିକ୍ଷକ ଓ ବର୍ତ୍ତମାନର ପ୍ରଧାନ ଶିକ୍ଷକ ଯଥାକ୍ରମେ ଶଶିଧର ବାରିକ ଓ ସନ୍ଧ୍ୟାରାଣୀ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ପଲ୍ଲୀ ପ୍ରଦୀପଙ୍କର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଓ ଆଦର୍ଶ ଚରିତ୍ର ସଂପର୍କରେ ଉଲ୍ଲେଖ କରି ବର୍ତ୍ତମାନର ଛାତ୍ର ଛାତ୍ରୀ ମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇ ଥିଲେ । ଉପସ୍ଥିତ ପୁରାତନ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନମୋହନ ମହାପାତ୍ର, ସମାଜସେବୀ ଅମ୍ବୁଜ କୁମାର ପରିଛା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ର ଶେଖର ଦାସ ଓ ଶିକ୍ଷିକା ପ୍ରମିଳା ବାରିକ ପ୍ରମୁଖ ସେମାନଙ୍କର ବାଲ୍ୟ ସ୍ମୃତିସହ ବାବୁଙ୍କର ବହୁମୁଖୀ ପ୍ରତିଭା ଓ ନିଆରା ବ୍ୟକ୍ତିତ୍ୱ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ପରିବାର ତରଫରୁ ସ୍ୱର୍ଗୀୟ ବେହେରାଙ୍କର ଜ୍ୟେଷ୍ଠପୁତ୍ର ତଥା ରାଜ୍ୟ ସରକାରଙ୍କର ପୁର୍ବତନ ରାଜସ୍ୱ ପରିଷଦର ସଭ୍ୟ ଡ଼. ଅରବିନ୍ଦ ବେହେରା, ନାତି ଆଦିତ୍ୟ ବେହେରା ଓ ନାତୁଣି ଅନନ୍ୟା ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ସଂଗଠନର ସହ ସଂପାଦକ ଶିକ୍ଷକ ପ୍ରିୟବ୍ରତ ବାରିକ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୁବନେଶ୍ୱରରରେ ପିଆଇପି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୮/୯ (ନି.ପ୍ର): ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମଙ୍ଗଳବାର ଦିନ ଭୁବନେଶ୍ୱର ଠାରେ ଏନଏଚଏମ୍ ପ୍ରୋଗ୍ରାମ ଇମ୍ପ୍ଲିମେଂଟେସନ୍ ପ୍ଲାନ୍ ( ପିଆଇପି ) ୨୦୨୬-୨୭ ବୈଠକରେ ଯୋଗଦେଇ ସ୍ୱାସ୍ଥ୍ୟସେବା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଛନ୍ତି। ପିଆଇପି ୨୦୨୬-୨୭ ପାଇଁ ଭାରତ ସରକାର ୩,୧୪୯.୨୯ କୋଟି ଟଙ୍କା ଅନୁମୋଦନ କରିଥିବା ବେଳେ ଏଥିରେ କାର୍ଯ୍ୟଦକ୍ଷତା ଭିତିକ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି ଏବଂ ରାଜ୍ୟଗୁଡ଼ିକର ପ୍ରଦର୍ଶନକୁ ୬୫ଟି ପ୍ରମୁଖ ସୂଚକାଙ୍କ ଆଧାରରେ ମୂଲ୍ୟାୟନ କରାଯିବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀ ମନ୍ କି ବାତ ମାଧ୍ୟମରେ ଟିବି ମୁକ୍ତ ଭାରତ ଓ ଆନେମିଆ ମୁକ୍ତ ଭାରତର ସ୍ୱପ୍ନ ସାକାର କରିବା ପାଇଁ ଯେଉଁ ଆହ୍ୱାନ ଦେଇଛନ୍ତି ସେ ବିଷୟରେ ଆଲୋଚନା କରିବା ସହିତ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ କରିବା ଏବଂ ଟେଲି-ମାନସ ଭଳି ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଛି।

**AFFIDAVIT**

By virtue of an affidavit before the executive Magistrate Balasore, I Suhani Giri, D/o- Babuli Giri, At- Kathasangara, Po- Udampur, Ps- Remuna, Dist- Balasore, Odisha-756019 declare that I, wholly renounce, relinquish and abandon the use of my former name (old name) Sidhisuhani Giri and in place thereof assume from the date hereof the name of (new name) Suhani Giri. I will be known as Suhani Giri for all purposes.

**Suhani Giri**

ବୁଧବାର, ସେପ୍ଟେମ୍ବର ୦୯, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବିଶ୍ୱ ଫିଜିଓଥେରାପୀଉଟିକ୍ ଦିବସ ପାଳିତ

ବସ୍ତା , ୮/୯ (ନି.ପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶା'ରେ ବିଶ୍ୱ ଫିଜିଓ ଥେରାପୀଉଟିକ୍ ଦିବସ ପାଳିତ ହୋଇଯାଇଛି।ଏଥିରେ ଆଶାର ସମ୍ପାଦକ ଯୁବ ସମାଜସେବୀ ଡକ୍ଟର ଅମର କୁମାର ପାଳ ପୌରହିତ୍ୟ କରିବା ସହିତ କହିଥିଲେ ଯେ ଶରୀରର ଗତିଶୀଳତା ହିଁ ଜୀବନ। ଏହା ଫିଜିଓଥେରାପି ବିନା ସମ୍ଭବ ନୁହେଁ ।ଆଶା ଫିଜିଓ ଥେରାପୀଉଟିକ୍ କେନ୍ଦ୍ରର ଡକ୍ଟର ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ଗିରି ଭୌତିକ ବିଜ୍ଞାନର ଉପକାରିତା ସମ୍ପର୍କରେ ବିଶଦ୍ ବିବରଣୀ ପ୍ରଦାନ କରିବା ସହିତ ବିନା ଅପରେଶନ ଓ ଔଷଧରେ ଶରୀରରେ ବିଭିନ୍ନ ଥେରାପୀ ମାଧ୍ୟମରେ ଆରୋଗ୍ୟ ଲାଭ କରିହୁଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବରେ ଶ୍ରୀମତୀ ସ୍ମିତାରାଣୀ ମହାପାତ୍ର କହିଥିଲେ ଯେ ଫିଜିଓଥେରାପି ଆପଣାନ୍ତୁ ଯନ୍ତ୍ରଣାମୁକ୍ତ ଜୀବନ ଜିଅନ୍ତୁ ।ଏଥିରେ ସଂଗଠନର ସମସ୍ତ କର୍ମକର୍ତ୍ତା ସହଯୋଗ କରିବା ସହିତ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୁକ ଓ ବଧିର ଆବାସିକ ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ଅପରାଜିତା ସେନାପତିଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ କରାଯାଇଥିଲା।




# ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉଦ୍ୟାନ କୃଷି ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ




ଭଦ୍ରକ, ୮/୯ (ନି.ପ୍ର): ସ୍ଥାନୀୟ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ୟାରିୟର କାଉନସେଲିଂ ଏବଂ ପ୍ଲେସମେଣ୍ଟ ସେଲ୍ (ସିସିପିସି) ଆନୁକୂଲ୍ୟରେ ଆଜି ସମ୍ମିଳନୀ କକ୍ଷରେ 'ଉଦ୍ୟାନ କୃଷି: ଆତ୍ମନିର୍ଭରଶୀଳତାର ଏକ ଉଜ୍ଜ୍ୱଳ ସମ୍ଭାବନା' ଶୀର୍ଷକ ଏକ ସଚେତନତା ଓ ଆଉଟରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କୁ ନିଜର ଭବିଷ୍ୟତ କ୍ୟାରିୟର ଚୟନ ତଥା ସ୍ୱାବଲମ୍ବୀ ହେବା ଦିଗରେ ଏହି କାର୍ଯ୍ୟକ୍ରମଟି ବେଶ୍ ଫଳପ୍ରଦ ସାବ୍ୟସ୍ତ ହୋଇଛି। ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର (ଡକ୍ଟର) ଲଳିତ ରଞ୍ଜନ ସାହୁ ସଭାପତିତ୍ୱ କରି ଛାତ୍ରଛାତ୍ରୀମାନେ ପାରମ୍ପରିକ ଚାକିରି ପଛରେ ନଗୋଡ଼ାଇ ଉଦ୍ୟାନ କୃଷି କ୍ଷେତ୍ରରେ ଥିବା ଆତ୍ମନିଯୁକ୍ତିର ସୁଯୋଗକୁ ଆପଣାଇବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶ୍ରୀମତୀ ମଧୁମିତା ମଲ୍ଲିକ ଯୋଗଦେଇ ଆଧୁନିକ ଚାଷ ପ୍ରଣାଳୀ, ଫୁଲ ଓ ଫଳ ଚାଷ, ନର୍ସରୀ ପରିଚାଳନା ଏବଂ ସରକାରୀ ପ୍ରୋତ୍ସାହନ ଜରିଆରେ କିପରି ଏକ ଲାଭଜନକ କ୍ୟାରିୟର ଗଠନ କରାଯାଇପାରିବ, ସେ ସମ୍ପର୍କରେ ତଥ୍ୟଭିତ୍ତିକ ଦିଗଦର୍ଶନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମଟିକୁ ସିସିପିସିର ଭାରପ୍ରାପ୍ତ ଅଧିକାରୀ (ଓଆଇସି) ଡକ୍ଟର ପ୍ରଦୀପ କୁମାର ପ୍ରଧାନ ପରିଚାଳନା କରିଥିଲେ। ଏହି କର୍ମଶାଳାରେ ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ଯଥା ଡକ୍ଟର ଏସ୍. ଏସ୍. ଜେନା, ଡକ୍ଟର କେ. ବେଗମ୍, ଡକ୍ଟର ଏ. ଏସ୍. ମହାନ୍ତି ଏବଂ ଡକ୍ଟର ବି. କେ. ସାହୁ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଡକ୍ଟର ସୁଦର୍ଶନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରି ଉପକୃତ ହୋଇଥିଲେ।

# ସଂସ୍କୃତ ଦିବସ ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଲେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି

ଜଳେଶ୍ୱର, ୮/୯ (ନି.ପ୍ର): ଜଳେଶ୍ୱର ସଂସ୍କୃତ ସଂଗୋଷ୍ଠୀ ପକ୍ଷରୁ ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳୀକୋଠା ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଥିବା ସଂସ୍କୃତି ଭବନଠାରେ ସଂସ୍କୃତ ଦିବସ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ବିବେକାନନ୍ଦ ସାହୁଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବ ମଙ୍ଗଳବାର ଆଡ଼ମ୍ବରପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍‌ଯାପନୀ ସଭାରେ ପୁରୀ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଡ.ପ୍ରଭାତ କୁମାର ମହାପାତ୍ର ଉଦ୍‌ଘାଟକ ଭାବେ ଯୋଗଦେଇ ସଂସ୍କୃତ ଭାଷାର ସମୃଦ୍ଧ ପରମ୍ପରା ଓ ଏହାର କାଳଜୟୀ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଜଳେଶ୍ୱର ତହସିଲଦାର ଶ୍ରୀଯୁକ୍ତ ସତ୍ୟଜିତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ପ୍ରିୟବାଗ ନରେନ୍ଦ୍ର ନାଥ ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ଡ.କେଶ୍ୱ ଚନ୍ଦ୍ର ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅବସର ପ୍ରାପ୍ତ ଅଧ୍ୟାପକ ପଣ୍ଡିତ ଷଷ୍ଠୀ ଚରଣ ନନ୍ଦ ଓ ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପଣ୍ଡିତ ଆଶୁତୋଷ ରଥ ପ୍ରଦୀପାୟନ ଓ ବେଦପାଠ କରିଥିଲେ। ଶ୍ରୀମାନ କିରଣ କୁମାର ଦାଶ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ପଣ୍ଡିତ ଜନାର୍ଦ୍ଦନ ମିଶ୍ର ଅଭିନନ୍ଦନ ଅଭିଭାଷଣ ଓ ଅତିଥି ସମ୍ମାନନ ପ୍ରଦାନ କରିଥିଲେ। ପଣ୍ଡିତ ରବି ନାରାୟଣ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଇଂରାଜୀ ବିଭାଗ ଅଧ୍ୟାପକ ଶ୍ରୀ କାର୍ତ୍ତିକେଶ୍ୱର ପାତ୍ର ସଂସ୍କୃତ ଅଭିନନ୍ଦନ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମନୋଜ୍ଞ ସ୍ୱାଗତ ନୃତ୍ୟ ଓ ରାଷ୍ଟ୍ରଗୀତ ପରିବେଷଣ କରିଥିଲେ। ଏହି ଅବସରରେ 'ସୁଶ୍ରୀ' ପତ୍ରିକାର ଲୋକାର୍ପଣ ଓ ଅନ୍ୟାନ୍ୟ ସାରସ୍ୱତ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପଣ୍ଡିତ ହେମନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବଜ୍ରପାତରେ ଯୁବକର ମୃତ୍ୟୁ

ବସ୍ତା ୮.୯ (ନିପ୍ର): ବଜ୍ରପାତରେ ଜଣେ ଯୁବକର ଅକାଳ ମୃତ୍ୟୁ ହୋଇଛି। ମୃତ ଯୁବକ ନିଜ ପୁଅକୁ ସ୍କୁଲରୁ ଆଣିବାକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଛି। ଆଜି ଅପରାହ୍ନରେ ବସ୍ତା, ଜଳେଶ୍ୱର ଅଞ୍ଚଳରେ ପ୍ରବଳ ବର୍ଷା ସହ ଘଡି ହେଉଥିଲା। ଏହି ସମୟରେ ବସ୍ତା ଥାନା ନଟାକଟା ପଞ୍ଚାୟତ ଅନ୍ତର୍ଗତ ବଡ ଚାରିଗାଁ ଗ୍ରାମର ଉଦୟ ନାରାୟଣ ମିଶ୍ର(୪୭) ଜଳେଶ୍ୱରରେ ରହୁଥିବା ଭଡା ଘରୁ ନିଜ ପୁଅକୁ ଭେଲୋରା ଆଦର୍ଶ ବିଦ୍ୟାଳୟରୁ ଆଣିବାକୁ ବାଇକରେ ଯାଉଥିଲେ। ବର୍ଷା ଜୋର ହେବାରୁ ରାଜଘାଟ ପୋଲ ନିକଟରେ ଏକ ଗଛ ତଳେ କିଛି ସମୟ ପାଇଁ ଅଟକି ଯାଇଥିଲେ, ଠିକ ସେହି ସମୟରେ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ହିଁ ଉଦୟଙ୍କ ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜଳେଶ୍ୱର ଡାକ୍ତରଖାନାକୁ ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ।ଉଦୟଙ୍କ ମୃତ୍ୟୁ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁଅ ବାପାଙ୍କ ଅପେକ୍ଷାରେ ସ୍କୁଲରେ ଥିଲା, ହେଲେ ବାପା ଆଉ ଫେରିଲେ ନାହିଁ। ଜଳେଶ୍ୱର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଉଲ୍ଲାସ ୨୦୨୬ ଉପଲକ୍ଷେ ଜିଲ୍ଲାସ୍ତରୀୟ ସେମିନାର




ବାରିପଦା , ୮/୯ (ନି.ପ୍ର): ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଉଲ୍ଲାସ ଅଧୀନରେ ଶିକ୍ଷିତ ଜନ, ବିକଶିତ ଓ୍ୱତନ ବିଷୟବସ୍ତୁକୁ ନେଇ ଏକ ଜିଲ୍ଲାସ୍ତରୀୟ ସେମିନାର ବାରିପଦା ପୋଲିସ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି. ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ମୟୂରଭଞ୍ଜ ପକ୍ଷରୁ ଆୟୋଜିତ ଏହି ସେମିନାରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂହ, ବାରିପଦା ବ୍ଲକ ଶିକ୍ଷା ଅଧିକାରୀ ଅନୁଜା ମାଧୁରୀ ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସେମିନାରରେ ଜିଲ୍ଲାସ୍ତରୀୟ ବିଚାରକ ଭାବେ ବି.ଏଡ. କଲେଜର ଟିଚର ଏଜୁକେସନ ବିଭାଗର ସହକାରୀ ପ୍ରାଧ୍ୟାପକ ଡଃ ନାରାୟଣ ପ୍ରସାଦ ବେହେରା, ଡାଏଟ ମୟୂରଭଞ୍ଜର ଶିକ୍ଷକ ପ୍ରଶିକ୍ଷକ କଳ୍ପନା ଚମ୍ପିଆ ଓ ରୂପାଲି ରୋଚନା ପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରାଇଥିଲେ। ପ୍ରାଥମିକ ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟ-୨, ବାରିପଦାର ରିଷା ଦାସ ପ୍ରଥମ, ଶ୍ରୀପଦଗଞ୍ଜ ଉଚ୍ଚ ବିଦ୍ୟାଳୟର ଦେବାଶିଷ ବାରିକ ଦ୍ୱିତୀୟ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ-୨ର ଅନନ୍ୟା ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ମାଧମିକ ବର୍ଗରେ ପୋଲିସ ଉଚ୍ଚ ବିଦ୍ୟାଳୟ, ଭଞ୍ଜପୁରର ଅଂଶୁମାନ ପଣ୍ଡା ପ୍ରଥମ, ଓଏଭି ରାଣୀଭୋଳର ଭାଗ୍ୟଶ୍ରୀ ଦାସ ଦ୍ୱିତୀୟ ଏବଂ ଭଞ୍ଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଉଷା ଗୋରାଇ ତୃତୀୟ ସ୍ଥାନ ହାସଲ କରିଥିଲେ। ଉଚ୍ଚ ମାଧମିକ ବର୍ଗରେ ଏମପିସି ଜୁନିୟର କଲେଜ ବାରିପଦାର ଆଶିଷ କୁମାର ବେହେରା ପ୍ରଥମ ଏବଂ ଅର୍ଜ୍ୟୋତି ପ୍ରଧାନ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶେଷରେ ବାରିପଦା ବ୍ଲକ ଶିକ୍ଷା ଅଧିକାରୀ ଅନୁଜା ମାଧୁରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିନ ଦ୍ୱିପ୍ରହରରେ ଖାପରାପଦା ଗ୍ରାମିଣ ବ୍ୟାଙ୍କରୁ ସଶାସ୍ତ୍ର ଡକାୟତି: ଆନୁମାନିକ ଦଶ ଲକ୍ଷରୁ ଅଧିକ ଟଙ୍କା ଲୁଟ୍




ବାଲିଆପାଳ , ୮/୯ (ନି.ପ୍ର): ଦିନ ଦ୍ୱିପ୍ରହରରେ ବାଲିଆପାଳ ଥାନା ଅନ୍ତର୍ଗତ ଖାପରାପଦା ଗ୍ରାମିଣ ବ୍ୟାଙ୍କରୁ ସଶାସ୍ତ୍ର ଡକାୟତି ହୋଇ ଯାଇଛି।ଏଥିରେ ଦଶ ଲକ୍ଷରୁ ଅଧିକ ଟଙ୍କା ଲୋଟ ହୋଇ ଥିବାର ଅନୁମାନ ସୁଚନା ମୁତାବକ ଆଜି ଅପରାହ୍ନ ୧ ଟା ୪୦ ମିନିଟ ସମୟ ରେ ୬ଜଣ ଶସ୍ତ୍ର ଡକାୟତ ତିନିଟି ବାଇକ ଯୁଗେ ଖାପରାପଦା ଗ୍ରାମିଣ ବ୍ୟାଙ୍କ ଭିତକୁ ଗ୍ରହକ ଭାବାରେ ପଶିଥିଲେ। କେହି କିଛି ଭାବିବା ପୁର୍ବରୁ ବ୍ୟାଙ୍କ ର ଗେଟ କୁ ବନ୍ଦ କରି ଦେଇଥିଲେ। ପରେ ବନ୍ଧୁକ ଓ ତେଲେଙ୍ଗା କାତି ଦେଖାଇ ବ୍ୟାଙ୍କ କର୍ମଚାରୀ ଓ କିଛି ଗ୍ରାହକଙ୍କ ଠାରୁ ପ୍ରଥମେ ମୋବାଇଲ ଛଡାଇ ନେଇ ସମସ୍ତଙ୍କୁ ଆଣ୍ଠେଇ ଦେଇ ଥିଲେ। ପରେ ମ୍ୟାନେଜର ଅଜୟ କୁମାର ସେଠିଙ୍କୁ ବନ୍ଧୁକ ଦେଖାଇବା ସହିତ ଆକ୍ରମଣ କରି ଥିଲେ । ପରେ ମ୍ୟାନେଜର ଶ୍ରୀ ସେଠୀ ଭୟଭୀତ ହୋଇ ଷ୍ଟ୍ରଙ୍ଗ ରୋମ ଚାବି ଖୋଲିଥିଲେ । ପରେ ଡକାୟତ ମନେ ଷ୍ଟ୍ରଙ୍ଗରୋମ ଓ ଆକାଉଣ୍ଟ ସେକସନରୁ ଅନୁମାନିକ ଦଶ ଲକ୍ଷ ରୁ ଅଧିକ ଟଙ୍କା ଲୋଟ କରି ସମସ୍ତଙ୍କୁ ଷ୍ଟ୍ରଙ୍ଗରୋମ ଭିତରେ ପୂରାଇ ଚାବି ପକାଇ ଦେଇ ଚଂପଟ ମାରିଥିଲେ ବୋଲି ମ୍ୟାନେଜର ଶ୍ରୀ ସେଠୀ କହଛନ୍ତି। ତେବେ ସମସ୍ତ ଡ଼କାୟତ ବଙ୍ଗଳାର କଥା ବାର୍ତ୍ତା କରୁଥିବାରୁ ଏହି ଡକାୟତି ରେ ବାହାର ରାଜ୍ୟର ଡ଼କାୟତ ମାନଙ୍କର ସମ୍ପୃକ୍ତି ଥିବା ନେଇ ଅନୁମାନ କରାଯାଉଛି। ଏହି ଡକାୟତି ଗ୍ୟାଙ୍ଗରେ ଦୁଇ ଜଣ ହେଲେମେଣ୍ଟ ପିନ୍ଧି ଥିବା ବେଳେ ଜଣେ ମାସ୍କ ମୁହଁରେ ଲଗେଇ ଥିଲେ । ଅନ୍ୟ କେତେ ଜଣ ଖୋଲା ମୁହଁରେ ଥିଲେ। ସେମାନଙ୍କ ମଧ୍ୟରେ ଜଣେ ଛୋଟା ଖୋଲା ମୁହଁରେ ଥିବା ନେଇ ପାଖରେ ଥିବା ଏକ ସିସିଟିଭି ଫୁଟେଜରୁ ଜଣା ପଡ଼ିଛି । ମାତ୍ର ଡକାୟତ ମନେ ପ୍ରଥମେ ବ୍ୟାଙ୍କରେ ଲାଗି ଥିବା ସିସିଟିଭି କ୍ୟାମରାର ହାଡ଼ଡିସ୍କ ଖୋଲି ନେଇ ଯାଇଥିବାର ସୂଚନା ମିଳିଛି ।ଡ଼କାୟତିର ଖବର ପାଇ ବାଲିଆପାଳ ପୋଲିସ ଘଟଣସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଜାରି ରଖିଥିବା ବେଳେ ବାଲେଶ୍ୱର ଏସ ପି ପ୍ରତ୍ୟୁଷ ଦିବାକର ଏବଂ ସାଇଣ୍ଟିଫିକ୍ ଦଳ ବ୍ୟାଙ୍କ ରେ ପହଞ୍ଚି ଅନୁସଂଧାନ ଆରମ୍ଭ କରିଛନ୍ତି।

# ସ୍ନେହାଙ୍ଗିନୀ ଛୁରିଆଙ୍କ ସ୍ୱାମୀ ନିଲମ୍ବିତ

ଭୁବନେଶ୍ୱର, ୮/୯ (ନି.ପ୍ର): ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ସ୍ୱାମୀ ଦୁର୍ଗା ଛୁରିଆ ସସ୍‌ପେଣ୍ଡ୍ ହୋଇଛନ୍ତି । ସେ କନ୍ଧମାଳ ଡିଆରସସିଏସ୍ ରେ ଏସଆରସିଏସ୍ ଭାବେ କାର୍ଯ୍ୟ କରୁଥିଲେ। ଏଥିସହ ଭୁବନେଶ୍ୱର ସମବାୟ ମୁଖ୍ୟାଳୟରେ ଏସଆରସିଏସ୍ କାର୍ଯ୍ୟ କରୁଥିଲେ। ରାଜନୈତିକ ସମ୍ପୃକ୍ତି ନେଇ ଅଭିଯୋଗ ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2026-27
B.Sc. Nursing
(4 Years Degree Course)
Eligibility : +2 Science with Biology
(Mark 45% & 40% for SC/ST Students)
100% Placement
BETNOTI SCHOOL OF NURSING
G.N.M. 3 YEARS DIPLOMA COURSE
Eligibility : +2 Arts/ Science/ Commerce
A.N.M. 2 YEARS COURSE
(Mark 40% & 35% for SC/ST Students)
Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission:
7008973851, 8455087373, 9861373681

# ଜାତୀୟ ଭୂତଳ ଜଳ ମାନଚିତ୍ରଣ ଓ ପରିଚାଳନା କାର୍ଯ୍ୟକ୍ରମ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ

ବାଲେଶ୍ୱର, ୮/୯ (ନି.ପ୍ର): ଜାତୀୟ ଭୂତଳ ଜଳ ମାନଚିତ୍ରଣ ଓ ପରିଚାଳନା କାର୍ଯ୍ୟକ୍ରମ ସମ୍ପର୍କିତ ଏକ କର୍ମଶାଳା ଆଜି ପୂର୍ବାହ୍ନ ୧୧.୩୦ ମିନିଟ୍ ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଡିଟୋରିୟମ୍ ହଲ୍ ?ରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ, ଭୁବନେଶ୍ୱରର ବରିଷ୍ଠ ବୈଜ୍ଞାନିକ ରାଜ କିଶୋର ମହାନ୍ତି ଓ ବିନୋୟ କୁମାର ବେହେରା ସମ୍ବଳ ବ୍ୟକ୍ତି ଭାବେ ଯୋଗଦେଇ ଭୂତଳ ଜଳର ସଂରକ୍ଷଣ, ମାନଚିତ୍ରଣ ଓ ସୁପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ, ଉପ ଜିଲ୍ଲାପାଳ, ନୀଳଗିରି ଶ୍ରୀମତୀ ଶୁଭଶ୍ରୀ ରଥ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା ଶ୍ରୀଯୁକ୍ତ ଶିରିଆଲ ଶୁଭ୍ର ପଟେଲ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ମଞ୍ଚାସୀନ ଥିଲେ । ଆଲୋଚନାରେ ଇଣ୍ଡୋ-ଜର୍ମାନ ଦ୍ୱିପାକ୍ଷିକ ପ୍ରକଳ୍ପ "SuWAVi-୨୦୪୭" ସମ୍ପର୍କରେ ମଧ ମତବିନିମୟ କରାଯାଇଥିଲା। ଭୂତଳ ଜଳ ସମ୍ପଦର ସୁଦୂରପ୍ରସାରୀ ଓ ସ୍ଥାୟୀ ପରିଚାଳନା ପାଇଁ ଏଭଳି ବୈଜ୍ଞାନିକ ପ୍ରକଳ୍ପର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ଘଇଛଟଓଗ ରିପୋର୍ଟଗୁଡ଼ିକୁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ଜିଲ୍ଲାସ୍ତରୀୟ କର୍ତ୍ତୃପକ୍ଷଙ୍କ ସହ ଅଂଶୀଦାର କରିବା ନେଇ ଆଲୋଚନା ହୋଇଥିଲା। ଜିଲ୍ଲାରେ ଭୂତଳ ଜଳର ସ୍ଥିତି ଓ ଉପଲବ୍ଧ ବୈଜ୍ଞାନିକ ତଥ୍ୟକୁ ଆଧାର କରି ଭବିଷ୍ୟତରେ ଜଳ ସମ୍ପଦର ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କର୍ମଶାଳାରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଭୂତଳ ଜଳ ସମ୍ପର୍କିତ ସମସ୍ୟା ଉପରେ ମଧ ବିସ୍ତୃତ ଆଲୋଚନା ହୋଇଥିଲା। ଜଳସ୍ତର ହ୍ରାସ, ଭୂତଳ ଜଳର ଅତ୍ୟଧିକ ଉତ୍ତୋଳନ, ଜଳର ଗୁଣବତ୍ତା ଏବଂ ଭବିଷ୍ୟତରେ ଜଳ ଚାହିଦା ବୃଦ୍ଧି ଭଳି ବିଷୟଗୁଡ଼ିକର ବୈଜ୍ଞାନିକ ଓ ପ୍ରଶାସନିକ ସମାଧାନ ଉପରେ ମତବିନିମୟ କରାଯାଇଥିଲା। ଏଥିସହ ସ୍ଥାୟୀ ଭୂତଳ ଜଳ ପରିଚାଳନା ଯୋଜନା ପ୍ରସ୍ତୁତି ଓ କାର୍ଯ୍ୟକାରୀ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଭୂତଳ ଜଳର ପୁନର୍ଭରଣ ବୃଦ୍ଧି, ବର୍ଷାଜଳ ସଂରକ୍ଷଣ, ଜଳର ସୁବିଚାରିତ ବ୍ୟବହାର ଏବଂ ଜନସାଧାରଣଙ୍କ ମଧ୍ୟରେ ଜଳ ସଂରକ୍ଷଣ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା। କର୍ମଶାଳାରେ ଜିଲ୍ଲା ପ୍ରଶାସନର ଅଧିକାରୀବୃନ୍ଦ, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ଅନ୍ୟାନ୍ୟ ପଦାଧିକାରୀମାନେ ଯୋଗଦେଇ ଭୂତଳ ଜଳର ସୁରକ୍ଷା ଓ ଦୀର୍ଘସ୍ଥାୟୀ ପରିଚାଳନା ପାଇଁ ସମନ୍ୱିତ ପଦକ୍ଷେପ ନେବା ଉପରେ ମତ ପ୍ରକାଶ କରିଥିଲେ।

# ଜୀବନକୁ ବାଜି ଲଗାଇ ସେବା ଯୋଗାଇ ଦେଉଛନ୍ତି ଅଙ୍ଗନଓ୍ୱାଡ଼ି ଦିଦି

ଉଦଳା , ୮/୯ (ନି.ପ୍ର): ଉଦଳା ବ୍ଲକର କୁଣ୍ଡାବାଇ ପଂଚାୟତ ଅନ୍ତର୍ଗତ ଜାମଡ଼ିହା ଗ୍ରାମରେ କାର୍ଯ୍ୟରତ ଅଙ୍ଗନଓ୍ୱାଡ଼ି ଦିଦି ମାଇନ ବାସ୍କେ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କୁ ସେବା ଯୋଗାଇ ଦେଉଥିବାର କଥା ଏବେ ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟି ଯାଇଛି । ଅଙ୍ଗନଓ୍ୱାଡ଼ିକେନ୍ଦ୍ରକୁ ଆସିବାକୁ ହେଲେ ଦିଦିଙ୍କୁ ନଦୀ ପାରି ହେବାକୁ ପଡ଼ିଥାଏ । ବର୍ଷା ଦିନ ହେଲେ ଦିର୍ଘ ୪ ମାସ ଏପରି ଦୃଶ୍ୟ ଦେଖିବାକୁ ମିଳେ । ଶିମିଳିପାଳରୁ ବାହାରିଥିବା ଏହି ନଦୀର ନାମ 'ଦେଓ'ଅଟେ । ପ୍ରଖର ସ୍ରୋତ ଯୋଗୁଁ ପାଦରେ ଚାଲି ଏହି ନଦୀ ପାରିହେବା ଖୁବ୍ ବିପଦପୁର୍ଣ୍ଣ ଅଟେ । ତେବେ ବିପଦକୁ ଖାତିର ନକରି ଆଜକୁ ୩୦ ବର୍ଷ ଧରି ଅଙ୍ଗନଓ୍ୱାଡ଼ି ଦିଦି ଲୋକଙ୍କୁ ସେବା ଯୋଗାଇ ଦେବା ପାଇଁ ନିୟମିତ ନଦୀ ପାରି ହେଉଛନ୍ତି । କେତେବେଳେ ଆଣ୍ଠୁଏତ ପୁଣି କେତେବେଳେ ଅଂଟାଏ ପାଣିରେ ନଦୀ ପାରି ହେବାକୁ ପଡୁଥିବାର ଦେଖିବାକୁ ମିଳେ । ନଦୀ ପାରିହେବା ପାଇଁ ତାଙ୍କୁ ତାଙ୍କର ସ୍ୱାମୀ ସାଗରାମ ହାଁସଦା ସାହାଯ୍ୟ କରିଥାନ୍ତି । ଦିଦିଙ୍କର ଦୃଢ଼ ମନୋବଳ ଓ ସାହସ ଦେଖି ଲୋକେ ଖୁବ୍ ଆଶ୍ଚର୍ଯ୍ୟ ହେବା ସହ ପ୍ରଶଂସା କରିବାକୁ କେହି ପଛାଉ ନାହାଁନ୍ତି । ବହୁ ସ୍ୱେଚ୍ଛାସେବି ସଂଗଠନ ଅଙ୍ଗନଓ୍ୱାଡ଼ି ଦିଦି ମାଇନ ବାସ୍କେ ଏବେ ଅନ୍ୟ ମାନଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଛନ୍ତି ବୋଲି କହି ତାଙ୍କୁ ପୁରସ୍କୃତ କରିବାର ଆବଶ୍ୟକତା ରହିଛି ମତ ଦେଇଛନ୍ତି । କର୍ତବ୍ୟରେ ନିଷ୍ଠା, ଦୃଢ଼ମନୋବଳ ଓ ସାହସ ଆଗରେ କିପରି ସବୁପ୍ରକାର ପ୍ରତିକୂଳ ପରିସ୍ଥିତି ହାର ମାନିଥାଏ ଏହା ହେଉଛି ତାର ଜ୍ୱଳନ୍ତ ଉଦାହରଣ ବୋଲି ଅନେକ କହିଛନ୍ତି । ବର୍ଷା ଦିନରେ ଚାରି ମାସ ପାଇଁ ଦିଦିଙ୍କୁ ଏକ ଲାଇଫ ଜାକେଟ ପ୍ରଦାନ କରାଯାଉ ବୋଲି କେତେଜଣ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida